

ୟୁଏନ୍‌ଏସ୍‌ସି ଅସ୍ଥାୟୀ ସଦସ୍ୟତା ପାଇଁ ଭାରତର ଅଭିଯାନ ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 114 ଭାଗ ୩୪ | ସଂଖ୍ୟା ୧୧୪ | Wednesday 15 July 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର, ୧୫ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ସଡ଼କ ଓ ସେତୁ ପାଇଁ ବଡ଼ ଯୋଜନା



**ଗାଁକୁ ସବୁଦିନିଆ ରାସ୍ତା, ଅପହଞ୍ଚ ଇଲାକାକୁ ସେତୁ**

**୩୨ ହଜାର କୋଟିରୁ ଅଧିକ ବ୍ୟୟ ଅଟକଳ**

**ମାଓ ଅଞ୍ଚଳରେ ତିଆରି ହେବ ୧୧୫୦ କିମି ରାସ୍ତା**

**ସେତୁ ବନ୍ଧନ ଯୋଜନାରେ ୧୧,୮୦୦ କୋଟିର ବ୍ୟୟ ଅଟକଳ**

**ନଦୀଗର୍ଭ ଓ ସେତୁ ଉପର ମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ୬୦୦ କୋଟି**

**ସମୃଦ୍ଧ ଓଡ଼ିଶା ପାଇଁ ପ୍ରତିବଦ୍ଧତା**

ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ଫୋକସରେ ଗାଁକୁ ସବୁଦିନିଆ ପକ୍କା ରାସ୍ତା, ଅପହଞ୍ଚ ଅଞ୍ଚଳକୁ ଗମନାଗମନ ସୁବିଧା ସହ ନଦୀରେ ବ୍ରିଜ। ଗ୍ରାମାଞ୍ଚଳ ଭିତ୍ତିଭୂମି ଓ ଯୋଗାଯୋଗ ବ୍ୟବସ୍ଥା ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୩୨ ହଜାର କୋଟିରୁ ଅଧିକ ଟଙ୍କାର ଏକାଧିକ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟ କ୍ୟାବିନେଟ ଆଜି ୭ଟି ବିଭାଗର ୧୩ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମଏମଏସୱାଇ) ଯୋଜନାରେ ୧୩ ଶହ କୋଟି ବ୍ୟୟରେ ମାଓପ୍ରଭାବିତ ସବୁ ଅପହଞ୍ଚ ଗାଁ ଓ ପାହାଡ଼ିଆ ଅଞ୍ଚଳକୁ ରାସ୍ତା ନିର୍ମାଣ କରାଯିବ। ଏହି ଯୋଜନାରେ ୧୧୫୦ କିମିର ଚାଲୁ ରହିଥିବା ରାସ୍ତା ନିର୍ମାଣ କରାଯିବ ସହ ୯୪୯ କିମିର ନୂଆ ରାସ୍ତା ଓ ସେତୁ ନିର୍ମାଣ କରାଯିବ। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ବ୍ୟୟବରାଦ କରାଯାଇଛି। ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଥିବା ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରିବାକୁ ୧୯୧୭ କୋଟିର ବ୍ୟୟବରାଦ କରାଯାଇଛି। ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ପ୍ରାୟ ➪ପୃଷ୍ଠା-୬

## ଓଡ଼ିଶା କୃଷି ବିପଣନ ଆଇନ ରଦ୍ଦ

**ରାଜ୍ୟବ୍ୟାପୀ ଏକକ ବ୍ୟାବସାୟିକ ଲାଇସେନ୍ସ**

**କୃଷିଜାତ ଦ୍ରବ୍ୟରୁ ହଟିବ ଭୌଗୋଳିକ କଟକଣା**

ଓଡ଼ିଶା କୃଷି ବିପଣନ ଆଇନ ୧୯୫୬କୁ ରଦ୍ଦ କରି ଏକ ନୂଆ କୃଷି ଓ ପଶୁ ସମ୍ପଦ ବିପଣନ ଆଇନ ପ୍ରଣୟନ କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏହି ଆଇନର ଲକ୍ଷ୍ୟ ହେଉଛି ରାଜ୍ୟରେ ଏକ ଉଦାର, ପ୍ରତିଯୋଗିତାମୂଳକ ଓ ଚାଷୀ-କୈନ୍ଦ୍ରିକ କୃଷି ବପଣନ ବ୍ୟବସ୍ଥା ପ୍ରତିଷ୍ଠା କରିବା। ନୂଆ ଆଇନରେ କୃଷିଯାତ ଦ୍ରବ୍ୟ ଓ ଗୋରୁ ଗାଈ କ୍ରୟ ବିକ୍ରୟ ଉପରୁ ଭୌଗୋଳିକ କଟକଣା ହଟାଯିବ। ବଜାର ସୁବିଧା ବଢ଼ାଇବାକୁ ଇ-ଟ୍ରେଡିଂ ଓ ଇଲେକ୍ଟ୍ରୋନିକ୍ସ ନିଲାମକୁ ପ୍ରୋତ୍ସାହିତ କରାଯିବ। ରାଜ୍ୟବ୍ୟାପୀ ଏକକ ବ୍ୟାବସାୟିକ ଲାଇସେନ୍ସ ବ୍ୟବସ୍ଥା ପ୍ରଚଳନ କରାଯିବ। ଏଥିସହ ରାଜ୍ୟର କୃଷି ଉଦ୍ୟୋଗୀଙ୍କୁ ପୁଞ୍ଜି ବିନିଯୋଗ ସବସିଡି ପ୍ରଦାନ ସହ ବାଣିଜ୍ୟିକ କୃଷି ଉଦ୍ୟୋଗ ବିକାଶ ପାଇଁ ରାଜ୍ୟ କୃଷି ନୀତି ଅଧିନରେ ସବସିଡି ପ୍ରଦାନ କରାଯାଉଛି। ଏହି ଯୋଜନାର ଚାହିଦାକୁ ଦୃଷ୍ଟିରେ ରଖି ଏହାର ଅବଧିକୁ ଆଉ ୫ ବର୍ଷ ଅର୍ଥାତ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏଥିପାଇଁ ୨୪୯୬.୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ରାଜ୍ୟର ସବୁ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଏଥିରେ ୫ ବର୍ଷରେ ୮୫୦୦ ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି।

**ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଆକ୍ସନ**

# ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ଗିରଫ



**ପାଣ୍ଡୁଲିପିକୁ ଯାଞ୍ଚ ନ କରି ମୁଦ୍ରଣ ପାଇଁ ପଠାଇଥିଲେ**

କଟକ,୧୪।୭(ସଂଚାର ବ୍ୟୁରୋ)ଃ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଆରମ୍ଭ ହେଲା କାର୍ଯ୍ୟାନୁଷ୍ଠାନ। ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ପରେ ତାଙ୍କୁ ଅଧିକ ପଚରାଉଚରା କରୁଛି କ୍ରାଇମବ୍ରାଞ୍ଚ ଟିମ୍। ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଶ୍ରୀ ପାଢ଼ୀଙ୍କ ସହ ଆଉ ୫ ଜଣଙ୍କ ନାଁରେ ପୂର୍ବରୁ ଏତଲା ଦିଆଯାଇଥିଲା। ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି ହୋଇଥିବା ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ ଆଧାରରେ ପ୍ରସ୍ତୁତ ହେଉଥିବା ପାଠ୍ୟପୁସ୍ତକ ପ୍ରକାଶନର ସାମଗ୍ରୀକ ଭାବେ ଦେଖାରେଖା କରିବା, ସମନ୍ୱୟ ରକ୍ଷା କରିବା, ମନିଟରିଂ କରିବା ଓ ପାଠ୍ୟପୁସ୍ତକ ପ୍ରସ୍ତୁତିକୁ ଅନୁମତି ଦେବାର ଦାୟିତ୍ୱ ଶ୍ରୀ ପାଢ଼ୀଙ୍କୁ ଦିଆଯାଇଥିଲା। କିନ୍ତୁ ସେ ନିଜ ଦାୟିତ୍ୱ ସମ୍ପାଦନ କରିବାରେ ଅନୈତିକ ଭାବେ ବିଫଳ ହୋଇଛନ୍ତି। ଜାଣିଶୁଣି ପୂର୍ବରୁ ଛପା ପାଇଁ ପ୍ରସ୍ତୁତ ହୋଇ ରହିଥିବା ଏକ ପାଣ୍ଡୁଲିପିକୁ ଆଦୌ ଯାଞ୍ଚ ନ କରି ସେ ମୁଦ୍ରଣ ପାଇଁ ପଠାଇଦେଲେ। ଏପରିକି ଏହି ପାଣ୍ଡୁଲିପିରେ ଥିବା ବିଷୟବସ୍ତୁ, ବୈଜ୍ଞାନିକ, ଭୌଗୋଳିକ ତଥ୍ୟ, ଅନୁବାଦ ଓ ଫଟୋର ➪ପୃଷ୍ଠା-୬

**ଶ୍ରୀଜଗନ୍ନାଥ ସଂସ୍କୃତିର ନାଁରେ ଚଳିବନି ଅପପ୍ରଚାର**

# ଶ୍ରୀମନ୍ଦିର ଆଇନରେ ହେବ ସଂଶୋଧନ



**ଅପପ୍ରଚାର କଲେ ଜେଲ୍ ଓ ଅର୍ଥଦଣ୍ଡ ବ୍ୟବସ୍ଥା**

**ଇସ୍କନ ନୂଆଦିଲ୍ଲୀକୁ ଜବାବ ଦେଲା ଏସ୍‌ଜେଟିଏ**

**ଅଦିନିଆ ରଥଯାତ୍ରାକୁ ନେଇ ଇସ୍କନ ସଂଗଠନରେ ଫାଟ**

ପୁରୀ,୧୪।୭(ସଂଚାର ବ୍ୟୁରୋ)ଃ ସୋସିଆଲ ମିଡିଆ ହେଉ କି ପ୍ରବଚନ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ନାଁରେ ଅପପ୍ରଚାରକୁ ପ୍ରଶ୍ରୟ ଦିଆଯିବନାହିଁ। ଏଥିପାଇଁ ଶ୍ରୀମନ୍ଦିର ଆଇନରେ ସଂଶୋଧନ ଅଣାଯିବ। ଏକ ଆଞ୍ଚଳିକ ଗଣମାଧ୍ୟମକୁ ଏହା କହିଛନ୍ତି ଗଜପତି ମହାରାଜା। ପୂର୍ବରୁ ଶ୍ରୀମନ୍ଦିର ଆଇନରେ ଅର୍ଥ କି ଜେଲ୍‌ଦଣ୍ଡର ବ୍ୟବସ୍ଥା ନ ଥିଲା। ସଂଶୋଧିତ ଆଇନରେ ଏହି ବ୍ୟବସ୍ଥା ରହିବ। ସେହିଭଳି ରତ୍ନଭଣ୍ଡାର ଗଣତିମଣତି ନେଇ ବର୍ତ୍ତମାନ ଯାଏ ସେ ସନ୍ତୁଷ୍ଟ ଥିବା କହିବା ସହ ସୁନାବେଶ ପାଇଁ ଆଉ ଏକ ସମ୍ପୂର୍ଣ୍ଣ ନୂଆ ସେଟ୍ ଅଳଙ୍କାର ତିଆରି କରାଯିବ ବୋଲି ସେ କହିଛନ୍ତି। ସେହିଭଳି ଦିନକୁ ଦିନ ଶ୍ରୀକ୍ଷେତ୍ରରେ ବଢୁଥିବା ଭକ୍ତଙ୍କ ଭିଡ଼କୁ ଦେଖି ବହୁ ପ୍ରତୀକ୍ଷିତ ଧାଡ଼ି ଦର୍ଶନ ➪ପୃଷ୍ଠା-୬

**କେଜିରୁ ପିଜି ମାଗଣା ଶିକ୍ଷା ଦ୍ୱନ୍ଦ୍ୱ**

# ନିର୍ଦ୍ଦେଶାବଳୀ ଜାରି କଲେ ସରକାର



**ମନଇଚ୍ଛା ଫି' ବୃଦ୍ଧି କରିପାରିବେନି ଶିକ୍ଷାନୁଷ୍ଠାନ**

**କେବଳ ସାମ୍ସ ମାଧମରେ ହେବ ରି-ଆଡମିଶନ୍**

**ଆଡମିଶନ୍ ଫି' ଫେରିପାଇବେ ଛାତ୍ରଛାତ୍ରୀ**

**ସର୍ବନିମ୍ନ ଉପସ୍ଥାନ ୭୫% ବାଧତାମୂଳକ**

ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ)ଃ କେଜିରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥାକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିବା ସହ ସ୍ୱତନ୍ତ୍ର ମାର୍ଗଦର୍ଶିକା ବା ଏସଓପି ଆଣିଛନ୍ତି ସରକାର। ଆର୍ଥିକ ଅନଗ୍ରସର ପିଲା ଯେପରି ଉଚ୍ଚଶିକ୍ଷାରୁ ବଞ୍ଚିତ ନହେବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଗୁଣାତ୍ମକ ଶିକ୍ଷା ସମସ୍ତଙ୍କ ପାଖରେ ପହଞ୍ଚାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପ୍ରଫେସନାଲ କୋର୍ସକୁ ଏଥିରୁ ବାଦ୍ ଦିଆଯାଇଥିବା ବେଳେ ଚଳିତ ବର୍ଷ ରିଆଡମିଶନ 'ସାମ୍ସ' ମାଧ୍ୟମରେ ହେବ। ଯେଉଁ ପିଲା ଆଡମିଶନ ବେଳେ ଟଙ୍କା ଦେଇଛନ୍ତି ସେମାନେ ଫେରସ୍ତ ପାଇବେ। ଏଥିସହ କୌଣସି ଶିକ୍ଷାନୁଷ୍ଠାନ ମନଇଚ୍ଛା ଫି' ବୃଦ୍ଧି କରିପାରିବେନି ବୋଲି ଏସଓପିରେ ସ୍ପଷ୍ଟ ଭାବେ କୁହାଯାଇଛି।

ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଫି' ଦେବାକୁ ପଡ଼ିବ ନାହିଁ। ସରକାରୀ ବିଶ୍ୱବିଦ୍ୟାଳୟ, ବେସରକାରୀ ଅନୁଦାନପ୍ରାପ୍ତ ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ➪ପୃଷ୍ଠା-୬

**ୟୁଏଇ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ**

# ତେହରାନ୍ କ୍ଷେପଣାସ୍ତ୍ର ମାଡ଼ରେ ଭାରତୀୟ ନାବିକ ମୃତ



**୬ ଭାରତୀୟ ଓ ୨ ୟୁକ୍ରେନୀୟ କ୍ରୁ ସଦସ୍ୟ ଆହତ**

**ଇରାନୀ କୂଟନୀତିଜ୍ଞଙ୍କୁ ଭାରତର ସମନ**

ଦୁବାଇ/ନୂଆଦିଲ୍ଲୀ, ୧୪।୭ଃ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁଇଟି ରାଷ୍ଟ୍ରୀୟ ତୈଳ ଟ୍ୟାଙ୍କର ଉପରେ ଇରାନ୍ କ୍ରୁଜ୍ ମିଶାଇଲ୍ ଆକ୍ରମଣ କରିଛି। ଆକ୍ରମଣରେ ଜଣେ ଭାରତୀୟ କ୍ରୁ ସଦସ୍ୟ (ନାବିକ) ନିହତ ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଏହି ଘଟଣା ପରେ ମଧ୍ୟପ୍ରାଚ୍ୟରେ ବଡ଼ ଧରଣର ଉତ୍ତେଜନା ସୃଷ୍ଟି ହୋଇଛି। ଆମେରିକା ତେହରାନ ଉପରେ ଆକ୍ରମଣକୁ ବଢ଼ାଇଦେଇଛି। ଆହତ ୮ ଜଣଙ୍କ ମଧ୍ୟରେ ୬ ଜଣ ଭାରତୀୟ ଥିବା ବେଳେ ୨ ଜଣ ୟୁକ୍ରେନ ନାଗରିକ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ଘଟଣାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ନୂଆଦିଲ୍ଲୀସ୍ଥିତ ଇରାନର ଡେପୁଟି ଚିଫ୍ ଅଫ୍ ମିଶନ୍‌ର କୂଟନୀତିଜ୍ଞ ମହମ୍ମଦ ଜାଭେଦ ହୋସେନିଙ୍କୁ ଜରୁରୀକାଳୀନ ଭିତ୍ତିରେ ସମନ୍ କରିବା ସହ ନାବିକ ଆକ୍ରମଣ ଘଟଣାର କଠୋର ପ୍ରତିବାଦ କରାଯାଇଛି। ମନ୍ତ୍ରଣାଳୟ କହିଛି ଯେ ହର୍ମୁଜ ଜଳପଥରେ ନାବିକମାନଙ୍କୁ ଆକ୍ରମଣ ଘଟଣାକୁ ଭାରତ ନିନ୍ଦା କରିଛି। ଏଥିସହ ଆଞ୍ଚଳିକ ସ୍ଥିରତାକୁ ବଜାୟ ରଖିବା ଲାଗି କଥାବାର୍ତ୍ତା ଜରିଆରେ ଉତ୍ତେଜନା ହ୍ରାସ କରିବା ପାଇଁ ଭାରତ ପରାମର୍ଶ ଦେଇଛି। ଓମାନ୍ ଜଳସୀମା ଅନ୍ତର୍ଗତ ରଣନୈତିକ ଜଳପଥର ଦକ୍ଷିଣ ସିପିଙ୍ଗ୍ ଲେନ୍ ଦେଇ ୟୁଏଇର ଏମ୍‌ଟି ମୋମ୍‌ବାସା ଓ ଏମ୍‌ଟି ଏଆଇ ବାହିୟା ତୈଳ ଟ୍ୟାଙ୍କରଦ୍ୱୟ ଯାତ୍ରା କରୁଥିବା ବେଳେ ଇରାନ୍‌ର ଘାତକ କ୍ରୁଜ୍ ମିସାଇଲ୍ ମାଡ଼ କରିଥିଲା।

# ନବମ ଓ ଦଶମ ପାଇଁ ତୃତୀୟ ଭାଷା ବାଧ୍ୟତାମୂଳକ

**ଚୂଡ଼ାନ୍ତ ବୋର୍ଡ ପରୀକ୍ଷା ଆଗରୁ ପାସ୍ କରିବା ଜରୁରୀ**

**ବୋର୍ଡରେ ସାମିଲ ହେବନି ତୃତୀୟ ଭାଷା**

**ସ୍କୁଲରେ ହେବ ଅନ୍ତରୀଣ ମୂଲ୍ୟାଙ୍କନ**



ନୂଆଦିଲ୍ଲୀ,୧୪।୭ଃ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ତୃତୀୟ ଭାଷା (ଥାର୍ଡ ଲାଙ୍ଗୁଏଜ)କୁ ବାଧ୍ୟତାମୂଳକ ଯୋଗ୍ୟତା ବିଷୟ (କମ୍ପଲସରି କ୍ୱାଲିଫାଇଂ ସବଜେକ୍ଟ) ଘୋଷଣା କରିଛି। ନୂତନ ନିୟମ ଅନୁଯାୟୀ, ୨୦୨୭-୨୮ ଶିକ୍ଷା ଅଧିବେଶନରେ ପ୍ରବେଶ କରୁଥିବା ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମାଧ୍ୟମିକ ସ୍କୁଲ ପରୀକ୍ଷା ପାସ୍ ସାର୍ଟିଫିକେଟ ହାସଲ କରିବା ପାଇଁ ତୃତୀୟ ଭାଷାରେ ସ୍କୁଲଭିତ୍ତିକ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ପାସ୍ କରିବାକୁ ପଡ଼ିବ। ତେବେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ତୃତୀୟ ଭାଷାକୁ ସାମିଲ୍ କରାଯିବ ନାହିଁ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସ୍କୁଲ ଅନ୍ତରୀଣ ମୂଲ୍ୟାଙ୍କନ କରିବେ ଆଉ ଏହା ବାଧ୍ୟତାମୂଳକ ବୋଲି ସିବିଏସଇ କହିଛି। ଗତ ୧୦ ତାରିଖରେ ସିବିଏସଇ ପକ୍ଷରୁ ଜାରି ଏକ ସର୍କୁଲାରରେ କୁହାଯାଇଛି ଯେ ଯଦି ତୃତୀୟ ଭାଷାରେ ସ୍କୁଲସ୍ତରୀୟ ପରୀକ୍ଷାରେ କୌଣସି ଛାତ୍ର ବା ଛାତ୍ରୀ ଅକୃତକାର୍ଯ୍ୟ ହୁଅନ୍ତି, ତା'ହେଲେ ଚୂଡ଼ାନ୍ତ ବୋର୍ଡ ପରୀକ୍ଷା ପୂର୍ବରୁ ସ୍କୁଲଗୁଡ଼ିକ ସେହି ଛାତ୍ରଛାତ୍ରୀଙ୍କୁ ଆଉ ଥରେ ମୂଲ୍ୟାଙ୍କନ୍ ପାସ୍ ଲାଗି ସୁଯୋଗ ଦେବେ।

ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଲାଗି ୨୦୨୬-୨୭ ଶିକ୍ଷା ବର୍ଷରୁ ଏହି ନିୟମ ଲାଗୁ ହେବ। ନବମ ଶ୍ରେଣୀରେ ଯେଉଁ ଛାତ୍ରଛାତ୍ରୀ ସ୍କୁଲ ପରୀକ୍ଷାରେ ତୃତୀୟ ଭାଷାରେ କୃତକାର୍ଯ୍ୟ ନ ହେବେ, ସେମାନଙ୍କୁ ଦଶମକୁ ଉନ୍ନୀତ କରାଯିବ ବୋଲି ବୋର୍ଡ ନିର୍ଦ୍ଦେଶ ଦେଇଛି। ମାତ୍ର ଦଶମ ଶ୍ରେଣୀରେ ପଢ଼ିବା ବେଳେ ସେମାନଙ୍କୁ ବାକିଆ ମୂଲ୍ୟାଙ୍କନ ➪ପୃଷ୍ଠା-୬

**ସବୁ ଷ୍ଟୋରରେ ଲାଗିବ ରେଟ୍ ଚାର୍ଟ**

# ସାରା ରାଜ୍ୟ ପାଇଁ ଔଷଧର ଗୋଟିଏ ଦର



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ)ଃ ଏଣିକି ରାଜ୍ୟର ସବୁ ମେଡିସିନ ଷ୍ଟୋର ସାମ୍ନାରେ ଲାଗିବ ରେଟ୍ ଚାର୍ଟ। ସାରା ଓଡ଼ିଶା ପାଇଁ ଗୋଟିଏ ଦର। କେନ୍ଦ୍ର ସରକାର ୩୯ଟି ମେଡିସିନ ଦର ଧାର୍ଯ୍ୟ କରିବା ପରେ ଓଡ଼ିଶା ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇ କହିଛନ୍ତି ଯେ କେନ୍ଦ୍ର ରସାୟନ ମନ୍ତ୍ରଣାଳୟ ଜାରି କରିଥିବା ତାଲିକାକୁ ରାଜ୍ୟର ସମସ୍ତ ମେଡିସିନ ଷ୍ଟୋରରେ ଲଗାଯିବ। ରକ୍ତଚାପ, ମଧୁମେହ, ହୃଦରୋଗ ଭଳି ବିଭିନ୍ନ ରୋଗ ପାଇଁ ୩୫ଟି ଔଷଧର ଦର ଧାର୍ଯ୍ୟ କରିଛନ୍ତି କେନ୍ଦ୍ର ସରକାର।

ସେପଟେ ସାରା ଓଡ଼ିଶା ପାଇଁ ଗୋଟିଏ ମେଡିସିନ ଦର ପ୍ରସଙ୍ଗ ନିଷ୍ପତ୍ତିରେ ପ୍ରତିକ୍ରିୟା ରଖିଛି ଖୋର୍ଦ୍ଧା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ। ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇଛନ୍ତି ଔଷଧ ବ୍ୟବସାୟୀ ସଂଘ। ମେଡିସିନ୍‌ର ଦର ନେଇ ନ୍ୟାସନାଲ ଫାର୍ମାସୀ ପ୍ରାଇସିଂ ଅଥରିଟି ରହିଛି। ନିର୍ଦ୍ଧାରଣ ହୋଇଥିବା ଦରଠାରୁ ଅଧିକ ନେଇପାରିବେ ନାହିଁ। ହେଲେ ତାରତମ୍ୟ ରହୁଥିବା ମେଡିସିନଗୁଡ଼ିକ ପାଇଁ ସୁବିଧା ହେବ। ଏହାଦ୍ୱାରା ଗ୍ରାହକ ଲାଭବାନ ହେବେ। ନିର୍ଦ୍ଦିଷ୍ଟ କମ୍ପୋଜିସନ ମେଡିସିନ ଦର ତାରତମ୍ୟରେ ସୁଧାର ଆସିବ। ରକ୍ତଚାପ, ମଧୁମେହ, ହୃଦରୋଗ ଭଳି ୩୫ଟି ଔଷଧର ଦର ଧାର୍ଯ୍ୟ ହୋଇଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେବେନାହିଁ। ସମାନ କମ୍ପୋଜିସନ ଔଷଧ ସମାନ ଦରରେ ପାଇଲେ ଗ୍ରାହକମାନେ ସୁବିଧା ପାଇବେ ଓ ଶୋଷଣର ଶିକାର ହେବେନାହିଁ ବୋଲି ଗ୍ରାହକ ମତ ଦେଇଛନ୍ତି।

## ହାଫିଜ୍ ବିରୋଧରେ ଏନ୍‌ବିଡବ୍ଲ୍ୟୁ

ଜମ୍ମୁ,୧୪।୭ଃ ପାକିସ୍ତାନ-ଭିତ୍ତିକ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା ମୁଖ୍ୟ ହାଫିଜ୍ ସୟିଦ ବିରୋଧରେ ସ୍ୱତନ୍ତ୍ର ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଜାମିନ୍‌ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ହାଫିଜ୍ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ଏହି ଗିରଫ ପରୱାନା ଜାରି କରାଯାଇଛି। ହାଫିଜ୍ ବିରୋଧରେ ଏନଆଇଏ ପକ୍ଷରୁ ଏକ ସପ୍ଲିମେଣ୍ଟାରି ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହା ଉପରେ ଶୁଣାଣି କରି ଏନଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି ହାଫିଜ୍ ପ୍ରତି କଠୋର ମନୋଭାବ ପୋଷଣ କରିଛନ୍ତି। ଭାରତ ଓ ଆମେରିକା ସୟିଦକୁ ବିଶ୍ୱର ଜଣେ ପ୍ରମୁଖ ଆତଙ୍କବାଦୀ ବୋଲି ଘୋଷଣା କରିସାରିଛନ୍ତି। ୨୦୦୮ ମୁମ୍ବାଇ ଆକ୍ରମଣରେ ତାକୁ ମାଷ୍ଟରମାଇଣ୍ଡ ଭାବେ ଦର୍ଶାଯାଇଛି।

## ସ୍କୁଲ ପିଲା ପଢ଼ିବେ ସେକ୍ସ ପାଠ!

ନୂଆଦିଲ୍ଲୀ,୧୪।୭ଃ ସ୍କୁଲ ପାଠ୍ୟକ୍ରମରେ ସେକ୍ସ ଏଡୁକେସନ୍ ସାମିଲ୍ କରିବା ସମ୍ପର୍କରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। 'ଦି ଟାଇମ୍ସ ଅଫ୍ ଇଣ୍ଡିଆ'ର ରିପୋର୍ଟ ଅନୁଯାୟୀ, କୋର୍ଟଙ୍କ ଅନୁମୋଦନ ମିଳିବା ପରେ ଏହି ପାଠ୍ୟକ୍ରମ ସାରା ଦେଶରେ କାର୍ଯ୍ୟକାରୀ କରାଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟ ଭାଟି ବିଚାରପତି ବିଭି ନାଗରତ୍ନା ଓ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ଏହି ସୂଚନା ରଖିଛନ୍ତି। କେନ୍ଦ୍ର ପକ୍ଷରୁ ହାଜର ହୋଇ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଛନ୍ତି ଯେ ସରକାର ଏହି ବିଶେଷଜ୍ଞ କମିଟିର ରିପୋର୍ଟକୁ ଗ୍ରହଣ କରିଛନ୍ତି ଓ ଦେଶବ୍ୟାପୀ ଏହାକୁ ଲାଗୁ କରିବାକୁ ପ୍ରସ୍ତୁତ ଅଛନ୍ତି।



**କାନ ଡେରିଥା**

ପିଲାଙ୍କ ବହିରେ ନିମ୍ଭୁଡା ଲେଖିକି
ନିର୍ଧେଶକ ବନ୍ଧା ହେଲେ
ଏକା ସିଏ ବୋଧେ
ବହି ଲେଖୁଥିଲେ
ତେଣୁ ସେ ଦଣ୍ଡ ପାଇଲେ
ବାକି ତକ କାହୁଁ ଗଲେ....
ପିଲା ମୂର୍ଖ ପାଇଁ
ଯିଏଯିଏ ଦାୟୀ
ସିଏ କାଳେ ଫିଟିଗଲେ।

■ ଦେବାଶିଷ

# ଠିକାଦାରଙ୍କ ପଛରେ ନେତା-ଯନ୍ତ୍ରୀଙ୍କ ଯୁଗଳବନ୍ଦୀ

**ପରଦା ପଛରେ ଗୋଟି ଚଳାଉଛନ୍ତି ଯନ୍ତ୍ରୀ**

**ଠିକାଦାରଙ୍କ ମାୟାରେ ବାୟା**





ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ)ଃ ରାତାରାତି ସଂଘ ତିଆରି କରି ସରକାରଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିଥିବା ଠିକାଦାର (ଠିକାରେ ଠିକା କାମ କରୁଥିବା ବ୍ୟକ୍ତି) ପଛରେ ଏବେ ନେତା-ଯନ୍ତ୍ରୀଙ୍କ ଯୁଗଳବନ୍ଦୀ ଖେଳ କରୁଛି। ବିଜେଡି ସରକାର ଅମଳର ନେତା ଓ ଯନ୍ତ୍ରୀମାନେ ଏହି ଠିକାଦାରଙ୍କ ସୁରକ୍ଷା କବଚ ସାଜିବା ଫଳରେ ସେମାନେ ସରକାରଙ୍କୁ କାଠଗଡ଼ାକୁ ଟାଣିବାକୁ ସାହସ କରିଥିବା ଜଣାଯାଇଛି।

ଯେବେଠାରୁ ଏହି ଠିକାଦାରମାନେ ନିର୍ମାଣସୌଧ ସାମ୍ନାରେ ଘଣ୍ଟପିଟା ଆରମ୍ଭ କରିଛନ୍ତି, ସେମାନଙ୍କ ସଂକ୍ରାନ୍ତରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। କେଉଁ କେଉଁମାନେ ଏମାନଙ୍କୁ ବଳ ଦେଉଛନ୍ତି, ତାହାର ଖୁଲାସା ବି ହେଉଛି। ବଳ ଯୋଗାଣ ପଛରେ ରହିଛି ନେତା-ଯନ୍ତ୍ରୀଙ୍କ ଯୁଗଳବନ୍ଦୀ। ବିଜେଡି ସରକାର ସମୟରେ ମାମଲତଦାର ସାଜିଥିବା କିଛି ନେତା ଓ ଏମାନଙ୍କ ଛତ୍ରଛାୟା ତଳେ ରହି ଟିଙ୍ଗ ହୋଇଥିବା କିଛି ଯନ୍ତ୍ରୀ ଏହି ଠିକାଦାରଙ୍କ ଗଡଫାଦର୍ ସାଜିଛନ୍ତି। ସେମାନେ କିଭଳି ପୁରୁଣା ଫର୍ମାଟ୍‌ରେ ଠିକାକାମ କରିବେ, ସେଥିପାଇଁ କ୍ଷେତ୍ର ମଧ୍ୟ ପ୍ରସ୍ତୁତ କରୁଛନ୍ତି। ନେତା-ଯନ୍ତ୍ରୀଙ୍କ ଯୁଗଳବନ୍ଦୀ ଭଲ ଭାବେ ଜାଣିଛନ୍ତି ଯେ ସରକାରଙ୍କ ଉପରେ ଚାପ ନ ଦେଲେ ଏହି ପୁରୁଣା ଠିକାଦାରଙ୍କୁ କାମ ➪ପୃଷ୍ଠା-୬

**ଠିକାଦାର ଧାରଣା**

## ଦିନରେ ଗମାତ, ରାତିରେ ପଙ୍ଗତ

ରାତାରାତି ସଂଘ ଗଠନ କରି ଧାରଣାରେ ବସିଥିବା ଠିକାଦାରମାନେ ଏବେ ଦିନରେ ଗମାତ ଓ ରାତିରେ ପଙ୍ଗତରେ ମାତିଛନ୍ତି। ଦିନରେ ଧାରଣାସ୍ଥଳରେ ହସଖୁସି ଗମାତ କରୁଥିବା ବେଳେ ରାତିରେ ଜୋରଦାର ପଙ୍ଗତ ପକାଉଛନ୍ତି। ଏଭଳି ଗମାତ-ପଙ୍ଗତ ଧାରଣାକୁ ନେଇ ଅଦିନିଆ ସଂଘରେ ଝଡ଼ ସୃଷ୍ଟି ହୋଇଛି। ତେବେ ହେଉଥିବା ଆଲୋଚନା ଅନୁଯାୟୀ, ନିଜର ଖାତା ଖତିଆନ ନଥିବା ଓ ନିଜକୁ ସଂଘନେତା ବୋଲି କହୁଥିବା କିଛି ଠିକାଦାର ସଜବାଜ ହୋଇ ଧାରଣାସ୍ଥଳରେ ଆସି ବସୁଛନ୍ତି। ସେଠାରେ ଚାଲୁଛି ଗମାତ। ଦିନସାରା ସରକାରଙ୍କୁ କିଭଳି ଅଡୁଆରେ ପକାଇବେ, ତାହାକୁ ➪ପୃଷ୍ଠା-୬

## ନବଯୌବନ ବେଶରେ ଦର୍ଶନ ଦେଲେ ବଳଦେବଜୀଉ



କେନ୍ଦ୍ରାପଡ଼ା,୧୪।୭(ସଂଚାର ବ୍ୟୁରୋ)ଃ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ମଣିବିଗ୍ରହ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ, ଦେବୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥ ଶ୍ରୀମନ୍ଦିରର ଅଣସର ପିଣ୍ଡିରୁ ବାହାରି ଭକ୍ତମାନଙ୍କୁ ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି। ସ୍ନାନପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ହୋଇ ଦୀର୍ଘ ୧୪ ଦିନ ଧରି ଗୁପ୍ତ ଉପଚାରରେ ଥିବା ଚତୁର୍ଦ୍ଧାମୂର୍ତ୍ତି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଆଜି ସକାଳୁ ତାଙ୍କର ଏହି ଦିବ୍ୟ ରୂପ ପ୍ରକାଶ ପାଇଛି।

ଦୀର୍ଘ ଦିନର ପ୍ରତୀକ୍ଷା ପରେ ମହାପ୍ରଭୁଙ୍କ ଏହି ସୁନ୍ଦର ଓ ଆକର୍ଷଣୀୟ ରୂପକୁ ଆଖିପୂରାଇ ଦେଖିବା ପାଇଁ ଇଚ୍ଛାପୁରସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛି। ପ୍ରଭୁଙ୍କ ପ୍ରଥମ ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ହରିବୋଲ ଏବଂ ଶଙ୍ଖ ଧ୍ୱନିରେ ସାରା ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା।

ଏହି ବିଶେଷ ବେଶରେ ପ୍ରଭୁଙ୍କ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପଟେ ଶ୍ରୀ ବଳଦେବଜୀଉଙ୍କ ପ୍ରସିଦ୍ଧ "ବ୍ରହ୍ମ ତାଳଧ୍ୱଜ ରଥ" ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ କେନ୍ଦ୍ରାପଡ଼ା ଉତ୍ସବମୁଖର ହୋଇଉଠିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ରଥ କାରିଗର ଓ କମାର ସେବକଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୧୪।୭ (ସଂଚାର ବ୍ୟୁରୋ)ଃ ବ୍ରହ୍ମତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟକୁ ସଫଳତାର ସହ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରି ରଥକୁ ଶ୍ରୀଜୀଉଙ୍କ ସେବାରେ ହସ୍ତାନ୍ତର କରିଥିବା କାରିଗର ଓ କମାର ସେବକମାନଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନିତ କରାଯାଇଛି ।

ରଥ ନିର୍ମାଣ କାର୍ଯ୍ୟରେ ନିଷ୍ଠା, ଦାୟିତ୍ୱବୋଧ ଓ ସୁଚାରୁରୂପେ କାର୍ଯ୍ୟଶୈଳୀ ପ୍ରଦର୍ଶନ କରି ଠିକ୍ ସମୟରେ ବ୍ରହ୍ମତାଳଧ୍ୱଜ ରଥ ହସ୍ତାନ୍ତର କରିଥିବା କାରିଗର ଓ କମାର ସେବକମାନଙ୍କ ମନୋବଳ ବୃଦ୍ଧି ଏବଂ ଆଗାମୀ ଦିନରେ ଅଧିକ ଉତ୍ସାହର ସହିତ ଦାୟିତ୍ୱ ପାଳନ ପାଇଁ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ମୋଟ ୪୦ ଜଣ କାରିଗର ଓ କର୍ମଚାରୀଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ଟ୍ରଷ୍ଟ ପକ୍ଷରୁ ଭୂୟସୀ ପ୍ରଶଂସା କରାଯିବା ସହ ଆଗାମୀ ବର୍ଷଗୁଡ଼ିକରେ ରଥ ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି ନ ରହିବା ଦିଗରେ ସମସ୍ତେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ମୁଖପାତ୍ର ପ୍ରମୋଦ ନାୟକ, ଉପସଭାପତି ରଶ୍ମି ରଞ୍ଜନ ବାରିକ, ପଶୁପ୍ରେମୀ ହରିହର ନାୟକ, ଅଶୋକ ପତ୍ରୀ, ମନୋଜ ରାଉତ,ଶନିଆ ସାହୁ ଓ ବଳଦେବ ମନ୍ଦିର ର ବଡ଼ପଣ୍ଡା ମାଧବ ଚନ୍ଦ୍ର ପତ୍ରୀ ଓ ବାବାଜୀ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଗୋଚର ଜମି ନକ୍ସା ତ୍ରୁଟି ସଂଶୋଧନରେ ଅହେତୁକ ବିଳମ୍ବ

# ତହସିଲ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ଅଭିଯୋଗକାରୀ




ଗରଦପୁର,୧୪।୭(ସଂଚାର ବ୍ୟୁରୋ)ଃ ସରକାରୀ ନିୟମ ଓ ପାୱାର ଥାଇ ମଧ୍ୟ ତଳସ୍ତରରେ କାମ କେମିତି ଅଟକି ରହେ, ତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ଗରଦପୁର ତହସିଲ କାର୍ଯ୍ୟାଳୟ। ଗୋଚର ଜମିର ସାବକ ଏବଂ ହାଲ ନକ୍ସାରେ ଥିବା ତ୍ରୁଟି ଯୋଗୁଁ ବର୍ଷ ବର୍ଷ ଧରି ସ୍ଥାନୀୟ ବାସିନ୍ଦା କଷ୍ଟ ପାଉଥିବା ବେଳେ, ଏହାର ସଂଶୋଧନ ପାଇଁ ତହସିଲ ଅଫିସ ଚକ୍କର କାଟି କାଟି ନୟାନ୍ତ ହେଲେଣି ଅଭିଯୋଗକାରୀ।

ମିଳିଥିବା ସୂଚନା ମୁତାବକ, ଗରଦପୁର ତହସିଲ ଅନ୍ତର୍ଗତ ପଦ୍ମପୁର ଗ୍ରାମର ଦିଲ୍ଲୀପ ସାହୁ, ପ୍ରଦୀପ ସାହୁ ନାମକ ବ୍ୟକ୍ତି ଗ୍ରାମର ଗୋଚର ଜମିର ସାବକ ଓ ହାଲ ନକ୍ସା ମଧ୍ୟରେ ଥିବା ବଡ଼ଧରଣର ତ୍ରୁଟି ସଂଶୋଧନ ପାଇଁ ଦୀର୍ଘ ଦିନ ହେବ ନ୍ୟାୟ ଭିକ୍ଷା କରିଆସୁଛନ୍ତି। ନକ୍ସା ଜନିତ ଏହି ସମସ୍ୟା ଯୋଗୁଁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଅନେକ ବିବାଦ ମଧ୍ୟ ମୁଣ୍ଡ ଟେକୁଛି।

ଜମିର ସାବକ ଓ ହାଲ୍ ନକ୍ସାରେ ଥିବା ଏଭଳି ବୈଷୟିକ ତ୍ରୁଟିର ତୁରନ୍ତ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ତହସିଲଦାରମାନଙ୍କୁ ସମସ୍ତ ପ୍ରକାର କ୍ଷମତା ପ୍ରଦାନ କରାଯାଇଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଲୋକଙ୍କୁ ଯେପରି ସାଧାରଣ କାମ ପାଇଁ ଉପରିସ୍ଥ କାର୍ଯ୍ୟାଳୟକୁ ଦୌଡ଼ିବାକୁ ନପଡ଼େ, ସେଥିପାଇଁ ତହସିଲଦାର ସ୍ତରରେ ହିଁ ଏହି ସଂଶୋଧନ ପ୍ରକ୍ରିୟା ଶେଷ ହେବା କଥା।

କିନ୍ତୁ ସରକାରଙ୍କ ଏହି ସରଳୀକରଣ ନିୟମ ଗରଦପୁର ତହସିଲରେ ସମ୍ପୂର୍ଣ୍ଣ ଓଲଟା ଚିତ୍ର ପ୍ରଦର୍ଶନ କରୁଛି। ସମସ୍ତ କ୍ଷମତା ଥାଇ ମଧ୍ୟ ତହସିଲଦାର ଏହି ସଂଶୋଧନ କାର୍ଯ୍ୟକୁ କେଉଁ କାରଣ ପାଇଁ ଗଡ଼ାଇ ଚାଲିଛନ୍ତି, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

"ସରକାରୀ ବାବୁଙ୍କ ଉଦାସୀନତା ଯୋଗୁଁ ଆମେ ସାଧାରଣ ଲୋକେ ମାନସିକ ଓ ଆର୍ଥିକ ଭାବେ ଶୋଷଣର ଶିକାର ହେଉଛୁ" ବୋଲି ଅଭିଯୋଗକାରୀ ଦିଲ୍ଲୀପ ସାହୁ ଓ ପ୍ରଦୀପ ସାହୁ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଯଦି ଏହି ଗୋଚର ଜମିର ନକ୍ସା ତ୍ରୁଟିକୁ ତୁରନ୍ତ ସଂଶୋଧନ କରାନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତି ନେଇଛନ୍ତି।

## ବସପୁର କେନାଲ ସଫେଇକୁ ନେଇ ଅଭିଯୋଗ

କେନ୍ଦ୍ରାପଡ଼ା,୧୪।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଜଳସେଚନ ବିଭାଗ ଅଧୀନ ବସପୁର କେନାଲ ସଫେଇ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ବୋଲି ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ଉଠିଛି।

ଅଭିଯୋଗ ଅନୁଯାୟୀ, ଜେସିବି ମେସିନ ବ୍ୟବହାର କରି ନାମକୁ ମାତ୍ର କେନାଲ ସଫେଇ କରାଯାଉଥିବା ବେଳେ ସରକାରୀ ଅର୍ଥର ଅପବ୍ୟବହାର ହେଉଛି। ଦିନରାତି କଠିନ ପରିଶ୍ରମ କରୁଥିବା ଚାଷୀମାନେ ବିଭିନ୍ନ ସମସ୍ୟାରେ ରହୁଥିବା ବେଳେ, ସେମାନଙ୍କ କଲ୍ୟାଣ ନାମରେ ହେଉଥିବା ଯୋଜନାରେ ଅନିୟମିତତା ହେଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ, ଯଦି କୌଣସି ଅନିୟମିତତା କିମ୍ବା ଦୁର୍ନୀତି ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଠିକାଦାର ଓ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କ ନିକଟରେ ସ୍ଥାନୀୟ ଲୋକ ଓ ଚାଷୀମାନେ ଦାବି କରିଛନ୍ତି।




### ଡେରାବିଶ ମଣ୍ଡଳ ଶିକ୍ଷା ବିଭାଗରେ ଚାଲିଛି ମନମାନି

## ବିନା ଜିଏସ୍‌ଟିରେ ଗ୍ରହଣ ହେଉଛି କ୍ୟାସ ମେମୋ




ଡେରାବିଶ,୧୪।୭(ସଂଚାର ବ୍ୟୁରୋ)ଃ ଡେରାବିଶ ମଣ୍ଡଳ ଶିକ୍ଷା ବିଭାଗ ଅଧିନସ୍ଥ ସାରଦା ଏକାଡେମୀ ବିଦ୍ୟାଳୟର କାର୍ଯ୍ୟ କଳାପ ଉପରେ ସନ୍ଦେହ କରି ଗତ ମାସରେ ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତି ୨୦୨୪ମସିହା ଆର୍ଥିକ ବର୍ଷ ରୁ ୨୦୨୬ ମସିହା ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମସ୍ତ ସୂଚନା ଅଧିକାର ଆଇନ୍ ଅନୁଯାୟୀ ତଥ୍ୟ ମାଗିଥିଲେ | ତଥ୍ୟ ଆସିବା ପରେ ଜଣା ପଡ଼ିଥିଲାକି ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଅଧିକାଂଶ ଭାଉଚର ବିନା ଯିଏଷ୍ଟିରେ ପ୍ରସ୍ତୁତ କରିବା ସହ ଆଉକିଛି ଭାଉଚରକୁ ୨ରୁ ୩ଟି ଲେଖା କରିଛନ୍ତି। ଯେମିତିକି ଦିନରେ ସମସ୍ତଙ୍କୁ ଲଣ୍ଠନ ଦେଖାଇଲା ପରି ମନେ ହେଉଛି । ଏ ୦ । ୧ େର ଆଶ୍ଚର୍ଯ୍ୟର କଥାକି ମଣ୍ଡଳ ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀ ମାନେ ମଧ୍ୟ ସେସବୁକୁ ଗ୍ରହଣ କରି ନେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯେଉଁ ଅଧିକାରି ଏ ସବୁକୁ ଗ୍ରହଣ କରିଛନ୍ତି ସିଏ କଣ ସରକାରୀ ନିଅମର ଉର୍ଦ୍ଧ ରେ କି ? ନାଁ ଏସବୁ ଭିତରେ ଆଉ କିଛି ଭିତିରି ରହସ୍ୟ ରହିଛି ତାହା ତଦନ୍ତ ପରେ ସାମ୍ନା କୁ ଆଶିବ ବୋଲି ଏବେ ସାଧାରଣ ରେ ଚର୍ଚ୍ଚା ହେଉଛି |

ଅପରପକ୍ଷେ ଆମେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ, ସେ କହିବା ଅନୁସାରେ ମୁଁ ଏବେ ନୂଆକରି ଏଠାକୁ ଆସିଛି ଏ ବିଷୟରେ ଜାଣିନି, ଅଭିଯୋଗ ପାଇଲେ ତଦନ୍ତ କରିବି। ତେବେ ଦେଖିବାକୁ ବାକି ତଦନ୍ତ କେଉଁଦିଗକୁ ଯାଉଛି ।

## ବର୍ଷା ଜଳରେ ବୁଡୁଛି ବିଦ୍ୟାଳୟ ପରିସର, ପାଣିରେ ପଶି ଯାତାୟାତ କରୁଛନ୍ତି ପିଲା



କେନ୍ଦ୍ରାପଡ଼ା,୧୪।୭(ସଂଚାର ବ୍ୟୁରୋ)ଃ ପ୍ରବଳ ବର୍ଷାରେ ଗୁଲନଗର ହାଇସ୍କୁଲ ପରିସର ଉଦବୃତ ଜଳରେ ବୁଡି ରହିଛି। ଫଳରେ ଦୈନିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ବର୍ଷାପାଣି ଭିତରେ ପଶି ଯିବାଆସିବା କରୁଛନ୍ତି। ଏହି ଉଦବୃତ ଜଳ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଫିସ ଘର ଭିତରେ ପଶିଯିବାରୁ ଅଫିସ କାର୍ଯ୍ୟରେ ବାଧା ଉପୁଜିଛି। ବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି ରହିଥିବା ବେଳେ ଅଫିସ ଘର ଭିତରେ ମଧ୍ୟ ଏକ ଫୁଟରୁ ଉର୍ଦ୍ଧ୍ୱ ପାଣି ଜମି ରହିଛି । ଛାତ୍ରଛାତ୍ରୀମାନେ ଦୈନିକ ସେହି ପାଣି ଭିତରେ ପଶି ସ୍କୁଲକୁ ଆସିବା ଓ ଫେରିବା ଯୋଗୁଁ ସେମାନେ ଥଣ୍ଡା, କାଶ ଓ ଜ୍ୱର ପ୍ରଭୃତିରେ ଆକ୍ରାନ୍ତ ହେଉଛନ୍ତି । ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି । ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ସେହି ସମସ୍ୟାର କୌଣସି ସମାଧାନ ହୋଇନଥିବା ଜଣାପଡିଛି । ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଛାତ୍ରାଭିଭାବକମାନେ ଦାବି କରିଛନ୍ତି ।

# ଲଗାଣବର୍ଷାରେ ଜନଜୀବନ ପ୍ରଭାବିତ

ପଟ୍ଟାମୁଣ୍ଡାଇ,୧୪।୭ (ସଂଚାର ବ୍ୟୁରୋ)ଃ ଲଘୁ ଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ଜଳାର୍ଣ୍ଣବ ହୋଇପଡିଛି । ପଟ୍ଟାମୁଣ୍ଡାଇ ସହରରେ ବର୍ଷା ଜଳ ଲହଡି ଭାଙ୍ଗୁଛି । ସହରରୁ ଜଳ ନିଷ୍କାସନ ପାଇଁ ବାରମ୍ବାର ଯୋଜନା ଓ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ସବୁ ଫେଲ ମାରିଛି । ବିଶେଷ କରି ପଟ୍ଟାମୁଣ୍ଡାଇ ସହରକୁ ଛାଡି ଦେଲେ ପୌରାଞ୍ଚଳ ର ୱାର୍ଡ ନଂ ୧୧, ୧୩, ୧୪ ୧୯ ଓ ୨୦ନଂ ୱାର୍ଡ ଅବସ୍ଥା ଶୋଚନୀୟ ହୋଇପଡିଛି।

ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ପ୍ରଭାବିତ ହୋଇଥିବାବେଳେ ଥାନା ବ୍ଲକ ସବ ରେଜିଷ୍ଟର, ପଶୁ ଡାକ୍ତରଖାନା, ବସଷ୍ଟାଣ୍ଡ ଆଦି ବିଭିନ୍ନ ସରକାରୀ ଦପ୍ତରରେ ପାଣି ପଶି ସରକାରୀ କାର୍ଯ୍ୟ ବ୍ୟାହତ ହୋଇଛି । ଲଗାଣ ବର୍ଷାରେ ବହୁ କଚା ଘର କ୍ଷତିଗସ୍ତ ହୋଇଥିବାବେଳେ ବ୍ୟାପକ ପନି ପରିବା ଓ ଅନ୍ୟାନ୍ୟ ଫସଲ ମଧ୍ୟ କ୍ଷତିଗସ୍ତ ହୋଇଛି । ଲଗାଣ ବର୍ଷା ଆଉ କେତେ ଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଥିବାରୁ ଗରିବ ଖଟିଖିଆ ଲୋକମାନେ ଭୟଭୀତ ହୋଇ ପଡିଛନ୍ତି । ଗରିବ ଖଟିଖିଆ ଲୋକମାନେ କାମକୁ ଯାଇ ନପାରି ଘୋର ସଂକଟ ମଧ୍ୟରେ ଗତି କରୁଛନ୍ତି । ଲଗାଣ ବର୍ଷା ଯୋଗୁଁ ବନ୍ୟା ଆଶଙ୍କା ଦେଖା ଦେଇଥିବାରୁ ଧୋୟାଞ୍ଚଳ ଲୋକ ମାନେ ଚିନ୍ତାରେ ପଡିଛନ୍ତି । ବର୍ଷା ଯୋଗୁଁ ଚାଷୀମାନେ ଆଶ୍ୱସ୍ତ ହୋଇ ଥିବାବେଳେ ସାର ଅଭାବରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ ।

### ବଜ୍ରାଘାତରେ ଦିନମଜୁରିଆ ମୃତ

ଆଜି ସକାଳ ସମୟରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେବା ସାଙ୍ଗକୁ ବଜ୍ରାଘାତ ଘଟିବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି । ବଜ୍ରପାତ ରେ ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ସତ୍ୟସାଇ ଶିଶୁ ବିଦ୍ୟାମନ୍ଦିର ନିକଟରେ ଥିବା ଯେନାସାହିର କାର୍ତ୍ତିକ ଯେନା (୫୪)ପିତା ଜଳଧର ଯେନାଙ୍କ ମୃତ୍ୟୁ ଘଟିଛି। ଶ୍ରୀ ଜେନା ସକାଳ ପ୍ରାୟ ୬ ଟା ସମୟରେ ଘର ପଛପଟେ ଥିବା ଶୌଚାଳୟକୁ ଯିବା ସମୟରେ ବଜ୍ରାଘାତର ଶିକାର ହୋଇଥଲେ। ତାଙ୍କୁ ତୁରନ୍ତ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଳିରୁ ଶବ ପଞ୍ଚନାମା କରାଯାଇ ସନ୍ଧ୍ୟାରେ ଗାଁ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ଗତ କିଛିମାସ ତଳେ କାର୍ତ୍ତିକ ନିଜର ଏକମାତ୍ର ପୁତ୍ରକୁ ହରାଇ ଥିଲେ। ସକାଳ ସମୟରେ ଏଭଳି ଦୁଃସମ୍ବାଦ ସମଗ୍ର ଧୋୟାଞ୍ଚଳ ରେ ଶୋକର ଛାୟା ଖେଳାଇ ଦେଇଛି। ବଜ୍ରପାତରେ ମୃତ କାର୍ତ୍ତିକ ଜଣେ ଅତ୍ୟନ୍ତ ଗରିବ ଓ ଦିନ ମଜୁରିଆ ଲୋକ ହୋଇଥିବାରୁ ରାଜ୍ୟ ସରକାର ଯଥା ଜିଲ୍ଲା ପ୍ରଶାସନ ତାଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି ।

## ତିନି ଠାକୁରଙ୍କୁ ନବଯୌବନ ବେଶରେ ଦର୍ଶନ କଲେ ଶ୍ରଦ୍ଧାଳୁ



ବାରିପଦା ,୧୪।୭(ସଂଚାର ବ୍ୟୁରୋ)ଃ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରେ ଆଜି ତିନି ଠାକୁରଙ୍କୁ ନବଯୌବନ ବେଶରେ ଦର୍ଶନ କଲେ ଶ୍ରଦ୍ଧାଳୁ। ଅଣସର ଘରୁ ତିନି ଠାକୁର ଜଗତର ନାଥ ପ୍ରଭୁ ଜଗନ୍ନାଥ, ବଡଠାକୁର ପ୍ରଭୁ ବଳଭଦ୍ର, ମା ସୁଭଦ୍ରା ଆଜି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ବାହାରିବା ପରେ ମନ୍ଦିର ପ୍ରାଙ୍ଗଣରେ ନୂତନ ବସ୍ତ୍ର ପରିଧାନ ପୂର୍ବକ ସୁସଜିତ ହୋଇ ଭକ୍ତମାନଙ୍କୁ ନବ ଯୌବନ ବେଶରେ ଦର୍ଶନ ଦେଉଛନ୍ତି । ପ୍ରଚଳିତ ପ୍ରଥା ଅନୁଯାୟୀ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପହଣ୍ଡି ପର ଦୁଇ ଦିନ ରଥଟଣା ହେବ । ମା ସୁଭଦ୍ରାଙ୍କ ରଥ କୁ କେବଳ ମହିଳାମାନେ ଟାଣିବାର ପ୍ରଥା ରହିଆସିଅଛି ।

## ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ କେନ୍ଦ୍ରାପଡ଼ା ସହରରେ ଏକମୁଖୀ ଯାତାୟାତ ବ୍ୟବସ୍ଥା

କେନ୍ଦ୍ରାପଡା,୧୪।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡାର ଇଚ୍ଛାପୁରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଯାତ୍ରା (୧୬ରୁ ୧୮ ଜୁଲାଇ) ଏବଂ ବାହୁଡା ଯାତ୍ରା (୨୪ରୁ ୨୬ ଜୁଲାଇ) ଅବସରରେ କେନ୍ଦ୍ରାପଡା ସହରରେ ବ୍ୟାପକ ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଏକମୁଖୀ (ୱାନ୍ ୱେ) ଯାତାୟାତ ବ୍ୟବସ୍ଥା ଲାଗୁ କରାଯିବ।

ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଦିନଗୁଡ଼ିକରେ ପଟ୍ଟାମୁଣ୍ଡାଇ ଓ ତିନିମୁହାଣୀ ପଟୁ କେନ୍ଦ୍ରାପଡା ସହରକୁ ଆସୁଥିବା ବସ୍, ଟ୍ରକ୍, ଟ୍ରାକ୍ଟର, ଟ୍ରେକର, ୪୦୭ ସମେତ ସମସ୍ତ ଭାରୀ ଯାନବାହନକୁ ଦୁହୁରିଆ ରାସ୍ତା ଦେଇ ଯାତାୟାତ କରିବାକୁ କୁହାଯାଇଛି। ମୋଟର ସାଇକେଲ, ସ୍କୁଟର, ସାଇକେଲ ଓ ରିକ୍ସା ପରି ହାଲୁକା ଯାନବାହନ ନୂଆ ବସ୍‌ଷ୍ଟାଣ୍ଡ- ଗୋବରୀ ରିଙ୍ଗ୍ ରୋଡ୍- ଭାସ୍କର ଟକିଜ୍- ହାଇସ୍କୁଲ ଛକ- ମେଡିକାଲ ରୋଡ୍- ସାନ୍ତସାହି- କେଶପୁର- କେନାଲ ବ୍ରିଜ୍- କେନାଲ ରୋଡ୍ ଦେଇ ଯାତାୟାତ କରିବେ। ସେହିପରି କେନ୍ଦ୍ରାପଡା ବ୍ଲକ୍ ରୋଡ୍- ସଲ୍ଟ ଏଲ୍.ବି.- ମଧ୍ୟଖଣ୍ଡି- ହାତକଣା ଛକ- ଅକ୍ଟ୍ରୋଇ ଗେଟ୍- କେଶପୁର କେନାଲ ବ୍ରିଜ୍- ମିରପାଟଣା- କାକଟ ଲକ୍- ନୂଆ ବସ୍‌ଷ୍ଟାଣ୍ଡ/ଶ୍ୟାମସୁନ୍ଦରପୁର ମାର୍ଗରେ ମଧ୍ୟ ଯାତାୟାତ ବ୍ୟବସ୍ଥା ରହିବ।

ଗୋପପଟୁ ଆସୁଥିବା ଯାନବାହନ ସନମଙ୍ଗଳା ଛକ ଦେଇ କେଶପୁର କେନାଲ ବ୍ରିଜ୍ ଓ ମିରପାଟଣା ମାର୍ଗରେ ଯାତାୟାତ କରିବେ। ଶ୍ୟାମସୁନ୍ଦରପୁର ପଟୁ ଆସୁଥିବା ଯାନବାହନ ନୂଆ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯିବେ।

ଜିଲ୍ଲା ପୋଲିସ ପକ୍ଷରୁ ସମସ୍ତ ଯାନବାହନ ଚାଳକ ଓ ସାଧାରଣ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ପାଳନ କରିବା, ପୋଲିସର ନିର୍ଦ୍ଦେଶ ମାନିବା ଏବଂ ବିକଳ୍ପ ରୁଟ୍ ବ୍ୟବହାର କରି ରଥଯାତ୍ରା ସମୟରେ ସୁରକ୍ଷିତ ଓ ସୁଗମ ଯାତାୟାତ ବ୍ୟବସ୍ଥାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଅବକାରୀ ବିଭାଗର ଚଢ଼ାଉଃ ବିପୁଳ ପରିମାଣର ଚୋରା ମଦ ଜବତ, ୩ ଗିରଫ




ପାରାଦ୍ୱୀପ,୧୪।୭ (ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାରାଦୀପ ଅବକାରୀ ରେଞ୍ଜ ପକ୍ଷରୁ ପାରାଦୀପ ଥାନା ଅନ୍ତର୍ଗତ ନୂଆବଜାର ଛକ ଏବଂ ବାଲିଝର ବସ୍ତି ଅଞ୍ଚଳରେ ଚଢାଉ କରାଯାଇ ୧୦. ୮୮୦ ଲିଟର ଦେଶୀମଦ ଜବତ କରାଯାଇଛି। ଏଥି ସହିତ ଚୋରା ଦେଶୀମଦ ବିକ୍ରି ଅଭିଯୋଗରେ ଆସାମୀ ସୁବ୍ରତ ସ୍ୱାଇଁ ,ପ୍ରଶାନ୍ତ ସାହୁ ଏୱଂ ପ୍ରଦୀପ କୁମାର ବେହେରା ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଆଜି ଏହି ଚଢାଉ ରେ ପାରାଦୀପ ଅବକାରୀ ରେଞ୍ଜ ନିରୀକ୍ଷକ ଶ୍ରୀ ଶ୍ରୀକାନ୍ତ କୁମାର ପଟ୍ଟନାୟକ, କନେଷ୍ଟବଳ ଜୟଦେବ ପାତ୍ର, ସନ୍ତୋଷୀ ସାହୁ, ଏ ଏସ୍ ଆଇ ଗୟାଧର ସେଠୀ ପ୍ରମୁଖ ସାମିଲ ଥିଲେ।

### ରାଜ୍ୟ ରାଜପଥରୁ ୧୦୦ ମିଟରରେ ମଦ ଦୋକାନ

## ମଦୁଆଙ୍କ ପାର୍କିଂସ୍ଥଳୀ ପାଲଟିଛି କଟକ-ଚାନ୍ଦବାଲି ରାସ୍ତା




ନିଶ୍ଚିନ୍ତକୋଇଲି, ୧୪।୭ (ସଂଚାର ବ୍ୟୁରୋ)ଃ ନୂଆ ସରକାର ଆସିବା ପରେ ନୂଆ ମଦ ଦୋକାନକୁ ମିଳିଛି ସ୍ୱୀକୃତି କିନ୍ତୁ ରାଜ୍ୟ ସାରା ମଦ ଦୋକାନ ଖୋଲିବାକୁ ଅନୁମତି ଦେବା ପରେ ସେଗୁଡ଼ିକୁ ଯାଞ୍ଚ କରା ଯାଉନାହିଁ। ଲାଇସେନ୍ସ ପାଇଥିବା ବ୍ୟକ୍ତି କେଉଁଠି ଦୋକାନ କରୁଛନ୍ତି ଏବଂ ସରକାରୀ ନିୟମକୁ କେତେ ମାନୁଛନ୍ତି ତାହାର ତଦନ୍ତ କରା ଯାଉନାହିଁ।

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧୀନରେ ନିଶ୍ଚିନ୍ତକୋଇଲି ବଜାର ଏବଂ ବ୍ଲକ ଛକରେ ଦୁଇଟି ବିଦେଶୀ ମଦ ଦୋକାନ ନୂତନ ଭାବେ ଖୋଲା ଯାଇଛି। ସବୁପରେ କୌଣସି ମଦ ଦୋକାନୀ ବା ମାଲିକ ସରକାରୀ ନିୟମକୁ ଫୁ କରି ରାଜ୍ୟ ରାଜପଥରୁ ୧୦୦ ମିଟର ଦୂରରେ ନିଜର ଦୋକାନ ଖୋଲୁଛନ୍ତି ଏବଂ ନିର୍ଦ୍ଧାରିତ ସମୟଠୁ ଅଧିକ ସମୟ ଦୋକାନ ଖୋଲା ରଖି ବେପାର କରୁଛନ୍ତି।

ସରକାରୀ ନିୟମ ଅନୁସାରେ ରାତ୍ର ୧୦ ଟା ରେ ଦୋକାନ ବନ୍ଦ ପାଇଁ ନିୟମ ରହିଥିବା ବେଳେ ରାତ୍ରି ୧୧ ରୁ ୧୨ ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହୁଛି। ବ୍ଲକ ଛକରେ ଖୋଲିଥିବା ମଦ ଦୋକାନ ରାସ୍ତାଠୁ ୧୦୦ ମିଟର ଦୂରରେ ଥିବା ବେଳେ ମଦୁଆମାନେ ରାଜପଥ କଡ଼ରେ ଗାଡ଼ି ପାର୍କିଂ କରି ମଦ କିଣିବାକୁ ଯାଉଛନ୍ତି ଏବଂ ରାସ୍ତା କଡ଼ରେ ପାର୍କିଂ ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଯାତାୟାତ କରୁଥିବା ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ୮ନଂ କେନାଲ ବନ୍ଧ କଡ଼ରେ ଅବସ୍ଥିତ ମଦ ଦୋକାନ ନିର୍ଦ୍ଧାରିତ ସମୟଠୁ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ଦିନ ସମୟରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ସମ୍ମାରେ ମଦୁଆଙ୍କ ଭିଡ଼ ଜମୁ ଥିବାରୁ ରାସ୍ତାରେ କଲେଜ ଛାତ୍ରୀ ଓ ମହିଳାମାନେ ଯିବା ଆସିବା ପାଇଁ ସଙ୍କୋଚ ପ୍ରକାଶ କରୁଛନ୍ତି।

ଅନ୍ୟପଟେ ବ୍ଲକ ଛକରେ ଥିବା ମଦ ଦୋକାନ ନିଶ୍ଚିନ୍ତକୋଇଲି ଥାନାଠୁ ମାତ୍ର ୫୦୦ ମିଟର ଦୂରରେ ରହିଥିବା ବେଳେ ଥାନା ବାବୁଙ୍କ ନଜର ରହୁନି ଯାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି କି ଥାନା ଅଧିକାରୀ ମୋଟା ଅଙ୍କର ଅର୍ଥ ନେଇ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛନ୍ତି।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଶ୍ରାଦ୍ଧ ଉତ୍ସବ



ଯାଜପୁର ରୋଡ଼,୧୪।୭(ସଂଚାର ବ୍ୟୁରୋ)ଃ ସେବା, ତ୍ୟାଗ, ତିତିକ୍ଷାର ମୂର୍ତ୍ତିମନ୍ତ ବିଗ୍ରହ, ପ୍ରାତଃ ସ୍ମରଣୀୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଉତ୍ସବ ବ୍ୟାସନଗରରେ ମଙ୍ଗଳବାର ସକାଳେ ପାଳିତ ହୋଇଯାଇଛି। ପୌର ପରିଷଦ ଅନ୍ତର୍ଗତ ଉମାପଦା ରତନା ପୋଖରୀରେ ସକାଳେ ତିଳ ତର୍ପଣ ଓ ଶ୍ରାଦ୍ଧ କାର୍ଯ୍ୟ କରାଯାଇଥିଲା।ବୈଦିକ ପଣ୍ଡିତ ଅଶୋକ କୁମାର ଦାଶ ଶ୍ରାଦ୍ଧ ପୂଜାକାର୍ଯ୍ୟ ତୁଲାଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଗୋପବନ୍ଧୁଙ୍କୁ ଭଲ ପାଉଥିବା ଶତାଧିକ ବ୍ୟକ୍ତି ହାତରେ ଅକ୍ଷତ, ତିଳ, ପୁଷ୍ପ ଧରି ଗୋପବନ୍ଧୁଙ୍କ ଗୋତ୍ର ଓ ପିତୃ ପୁରୁଷଙ୍କ ନାମ ଉଚ୍ଚାରଣ କରି ତର୍ପଣ କରିଥିଲେ।

ସେଠାରୁ ଏକ ପଦଯାତ୍ରା ଗୋପବନ୍ଧୁ ଛକରେ ପହଞ୍ଚିବା ପରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ଗୋପବନ୍ଧୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଜେସି ଜିଲା ସଭାପତି ବିଦ୍ୟାଧର ମହାନ୍ତି, ସିଭିଲ ସୋସାଇଟି ଆବାହକ ବିବେକାନନ୍ଦ ମହାନ୍ତି, ଯାଜପୁର ରୋଡ଼ ଥାନା ଅଧିକାରୀ ଆଶୀଷ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ପାଇଖାନା ମରାମତି ନାଁରେ ଅର୍ଥ ଲୁଟ୍ ଅଭିଯୋଗ

### ମିଥ୍ୟା ବିଲରେ ଉଠାଇନେଲେ ୨୭,୦୦୦



ବାଲିଆପାଳ,୧୪।୭ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକରେ ସରକାରୀ ଅର୍ଥର ଦୁରୁପଯୋଗ ଓ ମିଥ୍ୟା ବିଲ ମାଧ୍ୟମରେ ଅର୍ଥ ଉଠାଣ ଘଟଣାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ପୂର୍ବରୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏପରି ଅଭିଯୋଗ ସାମ୍ନାକୁ ଆସିଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏଭଳି ଘଟଣା ବଢ଼ୁଥିବା ଅଭିଯୋଗ ହେଉଛି ।

ସୂଚନା ଅନୁଯାୟୀ, ବଣିଆଡିହା ପଞ୍ଚାୟତରେ ନାଳ ନଥାଇ ସଫେଇ ନାମରେ ଅର୍ଥ ଉଠାଣ, ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ପ୍ରଦାନ, କୁଣ୍ଡୁଳି ପଞ୍ଚାୟତରେ ଭିନ୍ନକ୍ଷମଙ୍କ ଭତ୍ତା ହଡ଼ପ ଏବଂ ନୂଆଗାଁ ପଞ୍ଚାୟତରେ ୨୨ ବର୍ଷିଆ ମହିଳାଙ୍କୁ ୩୫୦୦/- ଟଙ୍କିଆ ଭତ୍ତା ପ୍ରଦାନ, ଅଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ ଭଳି ଘଟଣାକୁ ନେଇ ସାମାଜିକ କର୍ମୀ ରାଜକିଶୋର ପାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ନ ହେବା ଏବଂ ସରକାରୀ ଅର୍ଥ ଆଦାୟ ନ ହେବାରୁ ଦୁର୍ନୀତିକୁ ପ୍ରଶ୍ରୟ ମିଳୁଥିବା ଅଭିଯୋଗ ହେଉଛି।

ଏହି କ୍ରମରେ ବାଲିକୁଟି ଗ୍ରାମ ପଞ୍ଚାୟତର ଛଡା ଗ୍ରାମର ପଦ୍ମ ପୋଖରୀ ନିକଟରେ ଥିବା ଏକ ଗୋଷ୍ଠୀ ଶୌଚାଳୟର ମରାମତି ନାମରେ ୨୧ ମେ ୨୦୨୬ ତାରିଖରେ ପଞ୍ଚାୟତ ପାଣ୍ଠିରୁ ୨୭,୦୦୦ ଟଙ୍କା ବିଲ କରାଯାଇଥିବା ସୂଚନା ଭାରତ ସରକାରଙ୍କ ଇ-ଗ୍ରାମସ୍ୱରାଜ ପୋର୍ଟାଲରେ ଉପଲବ୍ଧ ଭାଉଚରରୁ ଜଣାପଡ଼ିଛି। ତେବେ ସ୍ଥାନୀୟ ପୂର୍ବତନ ସମିତି ସଭ୍ୟ ପ୍ରିୟନାଥ ମୁର୍ମୁ ଏବଂ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଗତ ପାଞ୍ଚ ବର୍ଷ ଧରି ସେହି ଶୌଚାଳୟରେ କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ଯଦି ପ୍ରକୃତରେ କାମ ହୋଇନଥାଏ, ତେବେ କିପରି ମରାମତି ନାମରେ ୨୭ ହଜାର ଟଙ୍କା ବିଲ କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ମାଇନିଙ୍ଗ ଏରିଆ ଟ୍ରକ୍ ଓନର ଆସୋସିଏସନ୍ ନିର୍ବାଚନ ଫଳାଫଳ

# ପୁରୁଣା କର୍ମକର୍ତ୍ତା ପୁନର୍ବାର ବିଜୟୀ

ଯୋଡ଼ା, ୧୪।୭ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳର ପୁରାତନ ଗାଡ଼ି ମାଲିକ ସଂଗଠନ ମାଇନିଙ୍ଗ ଏରିଆ ଟ୍ରକ୍ ଓନର ଆସୋସିଏସନ୍ (ମାଟୁଆ)ର ନିର୍ବାଚନ ଦୀର୍ଘ ସାତ ବର୍ଷ ପରେ ସୋମବାର ଅନୁଷ୍ଠିତ ହୋଇଛି। ଗାଡ଼ି ମାଲିକମାନଙ୍କ ଦାବି ଅନୁଯାୟୀ, ଚଳିତ ବର୍ଷ ଜୁଲାଇ ୧୪ ତାରିଖରେ ଏହି ନିର୍ବାଚନ ସମ୍ପନ୍ନ ହୋଇଥିଲା।

ସଂଘର ୫ଟି ପଦବୀ ପାଇଁ ମୋଟ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିଲେ। ନିର୍ବାଚନରେ ପୂର୍ବତନ କର୍ମକର୍ତ୍ତାଙ୍କ ଏକ ପ୍ୟାନେଲ୍ ଏବଂ ନୂଆ ମୁହଁଙ୍କ ଅନ୍ୟ ଏକ ପ୍ୟାନେଲ୍ ମଧ୍ୟରେ ସିଧାସଳଖ ଲଢ଼େଇ ହୋଇଥିଲା। ତେବେ ଜଣେ ପ୍ରାର୍ଥୀ ଉଭୟ ଗୋଷ୍ଠୀଠାରୁ ସମଦୂରତା ରଖି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ।

ସଂଘରେ ମୋଟ ୧୦୨୧ ଜଣ ଭୋଟର ଥିବାବେଳେ ୯୮୬ ଜଣ ଭୋଟଦାନ କରିଥିଲେ। ଏହା ୯୬ ପ୍ରତିଶତରୁ ଅଧିକ ମତଦାନ ହାର ହୋଇଥିବା ସୂଚନା ମିଳିଛି।

ଘୋଷିତ ଫଳାଫଳ ଅନୁଯାୟୀ, ସଭାପତି ପଦବୀରେ ଚତୁର୍ଭୁଜ ପଳେଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଚନ୍ଦ୍ରମୋହନ ପଳେଇଙ୍କୁ ୫୮୬ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇଛନ୍ତି। ଉପସଭାପତି ପଦବୀରେ ଅଜୟ ସିନ୍ହା ବିରସିଂ ମୁଣ୍ଡାଙ୍କୁ ୪୯୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେହିପରି ସମ୍ପାଦକ ପଦବୀରେ ସତ୍ୟପ୍ରିୟ ବାରିକ ସଞ୍ଜୟ କୁମାର ଆପଟଙ୍କୁ ୪୭୮ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ସହ-ସମ୍ପାଦକ ପଦବୀରେ ସାଗର ମଞ୍ଜରାଜ ଅମିତ ବାକ୍ତିଙ୍କୁ ୪୭୯ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି। କୋଷାଧ୍ୟକ୍ଷ ପଦବୀରେ ସୁରେଶ ଗିରି ଇନ୍ଦ୍ରଜିତ ଗୁପ୍ତାଙ୍କୁ ୪୨୧ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇଛନ୍ତି।

ନିର୍ବାଚନ ଫଳାଫଳରେ ପୂର୍ବତନ କର୍ମକର୍ତ୍ତାଙ୍କ ପ୍ୟାନେଲ୍ ସମସ୍ତ ପ୍ରମୁଖ ପଦବୀରେ ବିଜୟୀ ହୋଇଥିବାରୁ ସଂଘର ନେତୃତ୍ୱ ପୁନର୍ବାର ପୁରୁଣା ଟିମ୍ ହାତରେ ରହିଛି।

କଟକରେ ଜ୍ଞାନ ଓ ଗବେଷଣାର ନୂତନ ଅଧ୍ୟାୟ ଆରମ୍ଭ

# ଅତ୍ୟାଧୁନିକ ବିଶ୍ୱନାଥ ପଣ୍ଡିତ ପାଠାଗାର ଲୋକାର୍ପିତ

କଟକ,୧୪।୭(ସଂଚାର ବ୍ୟୁରୋ): ରାଜ୍ୟର ସାସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ଆଜି ଲୋକାର୍ପିତ ହୋଇଛି ବହୁ ପ୍ରତୀକ୍ଷିତ ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀର ଉଦଘାଟନ କରିଥିଲେ। ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପାଠାଗାର କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ଏ ସହରକୁ ଆହୁରି ସରସ ସୁନ୍ଦର କରିବା ଦାୟିତ୍ୱ ଆମ ସମସ୍ତଙ୍କର। ଆମେ ସବୁବେଳେ ବିକାଶର ରାସ୍ତାରେ ଯିବାକୁ ପ୍ରଚେଷ୍ଟା କରୁଛୁ। ଯେତେବେଳେ ସବୁ ଅଞ୍ଚଳ ବିକଶିତ ହେବ, ସେତେବେଳେ ଆମର ଲକ୍ଷ୍ୟ ମଧ୍ୟ ପୂରଣ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ।



କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ (କେଏମ୍‌ସି)ର ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ଞାନର ଦୀପ ଜଳିଲେ, ପ୍ରଗତିର ପଥ ଆପେ ଆପେ ଆଲୋକିତ ହୁଏ; ତେଣୁ ପୁସ୍ତକ ସହ ବନ୍ଧୁତା ହିଁ ଜୀବନର ସର୍ବଶ୍ରେଷ୍ଠ ବିନିଯୋଗ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରର ଉଦଘାଟନ ଉତ୍ସବ ଅବସରରେ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମ୍‌ର ଉଦଘାଟନ ମଧ୍ୟ ହୋଇଛି। ପାଠାଗାର ଉଦ୍‌ଘାଟନ ଅବସରରେ କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ମନ୍ତ୍ରୀ ଡା. ମହାପାତ୍ର ଓ ଅନ୍ୟ ଅତିଥିଗଣ। ଏଥିସହ କେଏମସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋ ମଧ୍ୟ ଉନ୍ମୋଚିତ ହୋଇଛି। ଗୁରୁଡ଼ିଝାଟିଆଠାରେ ୫ ଏକର ଜମିରେ ୨୧ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପିତ ହୋଇଛି।

ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ଏକ ଲକ୍ଷରୁ ଅଧିକ ପୁସ୍ତକ ସହ ୧ ହଜାରରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଏଥିସହ ପୂରା ଲାଇବ୍ରେରୀରେ ଇଣ୍ଟରନେଟ୍, ଫଟୋ କପି ଆଦି ସୁବିଧା ବି ରଖାଯାଇଛି। ଇ-ଲାଇବ୍ରେରୀ, ଶିଶୁ ପଠନ କ୍ଷେତ୍ର, ଗବେଷଣା ସୁବିଧା, କେନ୍ଦ୍ରୀୟ ଏସି ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ମଧ୍ୟ ଏଠାରେ ଉପଲବ୍ଧ ରହିଛି। ବାଦାମବାଡ଼ି ଅଞ୍ଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର।

ପୁରୀରେ ଗର୍ଜିଲା କଳିଙ୍ଗସେନା

# ଇସ୍କନ ଭକ୍ତଙ୍କୁ ଶ୍ରୀକ୍ଷେତ୍ରରୁ ତଡ଼ିବେ କଳିଙ୍ଗ ସୈନିକ

ପୁରୀ,୧୪।୭(ସଂଚାର ବ୍ୟୁରୋ): ଇସ୍କନ ଭକ୍ତଙ୍କୁ କୌଣସି ସ୍ଥିତିରେ ପୁରୀରେ ପ୍ରବେଶ ଦିଆଯିବ ନାହିଁ। ଶ୍ରୀକ୍ଷେତ୍ରର କୌଣସି ସ୍ଥାନରେ ଇସ୍କନ ଭକ୍ତଙ୍କୁ ଦେଖିଲା ମାତ୍ରେ ସେମାନଙ୍କୁ ତୁରନ୍ତ ପୁରୀ ସୀମା ବାହାରକୁ ତଡ଼ି ଦିଆଯିବ। ଏଥିପାଇଁ ରଥଯାତ୍ରା ସମୟରେ କଳିଙ୍ଗ ସୈନିକମାନେ ପୁରୀରେ ବହୁ ସଂଖ୍ୟାରେ ଉପସ୍ଥିତ ରହିବେ ବୋଲି କହିଛନ୍ତି ସେନା ସୁପ୍ରିମୋ ହେମନ୍ତ ରଥ। ଆଜି ଏଠାରେ ସାମ୍ବାଦିକମାନଙ୍କୁ ଶ୍ରୀ ରଥ କହିଛନ୍ତି ଯେ ଶ୍ରୀଜଗନ୍ନାଥ ଓ ପୁରୀ ଗଜପତିଙ୍କୁ ଅପମାନିତ କରିଥିବା ଇସ୍କନର ପୁରୀ ଆସି ଧର୍ମ ପ୍ରଚାର କରିବାର କୌଣସି ଅଧିକାର ନାହିଁ। ରଥଯାତ୍ରା ସମୟରେ



କୀର୍ତ୍ତନ ଭିତରେ ସଂକୀର୍ତ୍ତନ ହେଉ କିମ୍ବା ବଡ଼ଦାଣ୍ଡରେ ଭକ୍ତଙ୍କୁ ଖାଦ୍ୟ ବଣ୍ଟନ ହେଉ, କୌଣସି ଗୋଟିଏ ହେଲେ କାମ ପାଇଁ ସେମାନଙ୍କୁ ସୁଯୋଗ ମିଳିବ ନାହିଁ। ଏପରିକି ଯଦି କୌଣସି ସଂସ୍ଥା ଇସ୍କନ ସହାୟତାରେ ଖାଦ୍ୟ ବଣ୍ଟନ କରନ୍ତି, ତେବେ ସେମାନଙ୍କୁ ମଧ୍ୟ କଡ଼ା ବିରୋଧ କରାଯିବ। ଜଗନ୍ନାଥ ନୀତିକାନ୍ତି ଓ ସନାତନ ସଂସ୍କୃତିକୁ ଇସ୍କନ ସାରା ବିଶ୍ୱରେ ପଦାଘାତ କରୁଛି। ପୁରୀ ଗଜପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବହୁ ସ୍ଥାନରେ ଅଦିନିଆ ରଥଯାତ୍ରା ଚଳାଉଛି। ଯେଉଁ ଜଗନ୍ନାଥଙ୍କୁ ନେଇ ଇସ୍କନ ତା'ର ବ୍ୟବସାୟ ଚଳାଉଛି, ସେହି ଜଗନ୍ନାଥ ଓ ଏହାର ଆଦ୍ୟ ସେବକଙ୍କୁ ଅପମାନ କୌଣସି ପରିସ୍ଥିତିରେ ବି ସହ୍ୟ କରାଯିବ ନାହିଁ। ଆବଶ୍ୟକ ପଡ଼ିଲେ ଆଇନ୍‌କୁ ହାତକୁ ନିଆଯିବ ବୋଲି ଶ୍ରୀ ରଥ ଚେତାବନୀ ଦେଇଛନ୍ତି। କେବଳ ପୁରୀରେ ନୁହେଁ, ରାଜ୍ୟ ରାଜଧାନୀରେ ଇସ୍କନ ରଥଯାତ୍ରାକୁ ମଧ୍ୟ କଳିଙ୍ଗ ସୈନିକମାନେ ବିରୋଧ କରିବେ ବୋଲି ସେ କହିଛନ୍ତି।

# ପିସିସି ପକ୍ଷରୁ ଉତ୍କଳମଣିଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ

ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୯୮ତମ ଶ୍ରାଦ୍ଧ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଗୋପବନ୍ଧୁ ଛକଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସନ୍ତୋଷ ସିଂ ସାଲୁଜା, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଡ. ଲାଲାତେନ୍ଦୁ ମହାପାତ୍ର, କିଶୋର ଜେନା, ସୁଦର୍ଶନ ଦାସ, ପ୍ରକାଶ ମିଶ୍ର, ତରୁଣ ମିଶ୍ର, ମିହିର ଆଚାର୍ଯ୍ୟ, ଭାସ୍କର ସେଠୀ, ସୁଭାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଓଡ଼ିଶା ସ୍ୱାଭିମାନ ମଞ୍ଚର ଛାୟା ମନ୍ତ୍ରୀ




ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଭୁବନେଶ୍ୱରଠାରେ ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ଦୁଇ ଜଣ ଛାୟା ମନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଛି। ମଞ୍ଚ ପକ୍ଷରୁ ଆୟୋଜିତ ଶପଥ ଗ୍ରହଣ ଓ ସଂକଳ୍ପ ପାଠ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଓ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସମେତ ଅନେକ ଶିକ୍ଷାବିତ ଓ ବରିଷ୍ଠ ନାଗରିକମାନେ ଛାୟା ଭତ୍ତା ମନ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଓ ଛାୟା ଗଣଶିକ୍ଷା ମନ୍ତ୍ରୀ ଅନିଲ ମିଶ୍ରଙ୍କୁ ଶପଥ ଗ୍ରହଣ କରାଇବା ସହ ସଂକଳ୍ପ ପାଠ କରାଇଛନ୍ତି। କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ପ୍ରଥମ ଛାୟା ଭତ୍ତା ମନ୍ତ୍ରୀ ପ୍ରତ୍ୟେକ ୬୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ଓ ବିଧବାମାନଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ସମ୍ମାନର ସହ ସେମାନଙ୍କ ଘରେ କିଭଳି ପହଞ୍ଚିପାରିବ, ସେ ନେଇ କାମ କରିବେ। ଠିକ୍ ସେହିଭଳି ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ନିଯୁକ୍ତ ହୋଇଥିବା ରାଜ୍ୟର ପ୍ରଥମ ଛାୟା ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ମିଶ୍ର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟକ୍ରମକୁ ନେଇ ଏକ ଜନତା ସଂସ୍କରଣ ଛାପିବା ଦିଗରେ କାମ କରିବେ। ପିଲାଙ୍କ ପାଠ୍ୟପୁସ୍ତକକୁ ନେଇ ସରକାର ଓ ବିଭିନ୍ନ ରାଜନୈତିକ ଦଳର ଭୂମିକା କଣ ହେବା ଜରୁରୀ, ତାକୁ ନେଇ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ନେତ୍ରୀ ଈପ୍ସିତା ସାହୁ, କଂଗ୍ରେସ ନେତ୍ରୀ ମନୀଷା ଦାସ ପଟ୍ଟନାୟକ, ଆମ୍ ଆଦମୀ ପାର୍ଟିର ସନ୍ଦୀପ୍ତ ଦାସ ଓ ଏଆଇଏସଫ ନେତ୍ରୀ ସଂଘମିତ୍ରା ଜେନା ସେମାନଙ୍କ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକା ସୁପ୍ରିୟା ଦାସ ପରିଚାଳନା କରିଥିଲେ।

# ଭକ୍ତସେବା ପାଇଁ ରେକୀ ମିଶନର ଶ୍ରୀକ୍ଷେତ୍ର ଯାତ୍ରା

କଟକ, ୧୪।୭(ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଭକ୍ତମାନଙ୍କୁ ସେବା ଯୋଗାଇ ଦେବାକୁ ମଙ୍ଗଳବାର ରାଜ୍ୟର ଅଗ୍ରଣୀ ଆଧ୍ୟାତ୍ମିକ ଓ ସାମାଜିକ ଅନୁଷ୍ଠାନ ରେକୀ ମିଶନ ପକ୍ଷରୁ ଖପୁରିଆସ୍ଥିତ ଶ୍ରୀକୁଟୀର ଆଶ୍ରମରୁ ଗୁରୁ ସେନାନୀମାନେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ରେକୀ ମିଶନର ପ୍ରତିଷ୍ଠାତା ତଥା ପୂଜ୍ୟ ବିଜ୍ଞାନୀ ଗୁରୁ ଶ୍ରୀସନ୍ତଙ୍କ ନିର୍ଦ୍ଦେଶକ୍ରମେ ଶତାଧିକ ଗୁରୁସେନା ଓ ଶକ୍ତିସେନାମାନେ ଦୁଇଟି ଟ୍ରକ ଯୋଗେ ସମସ୍ତ ଅତ୍ୟାଶ୍ୟକୀୟ ଖାଦ୍ୟ ସାମଗ୍ରୀ ଧରି ଶ୍ରୀକ୍ଷେତ୍ର



ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ସେନାନି ପୁରୀ ନରେନ୍ଦ୍ରକୋଣଠାରେ ରହି ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଭକ୍ତମାନଙ୍କୁ ଅନ୍ନ ସେବା, ଆଶୁ ଚିକିତ୍ସା, ସାଧୁସନ୍ଥଙ୍କ ସେବା ଓ ପବିତ୍ର ପୁଷ୍କରିଣୀ ଓ ରାସ୍ତାଘାଟର ସଫେଇ ଆଦି କାର୍ଯ୍ୟ କରିବେ। ଏହି କାର୍ଯ୍ୟକ୍ରମରେ ସ୍ୱପ୍ନ ପ୍ରଧାନ, ରୀନା ସରାଫ, ପୂଜା ମହାରଣା, ସଂଯୁକ୍ତା ସାହୁ, ଡା. ଅନନ୍ୟା ଭୋଳ, ବାପି ବରାଳ, ବାପି ମହାପାତ୍ର, ଲିପୁ ପୃଷ୍ଟି, ଶୈଳେନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ଦାସ, ଆଶିଷ ଠାକୁର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବେ ବୋଲି ସଂଯୋଜକ ଭାରତ ଭୂଷଣ ରାୟ କହିଛନ୍ତି।

# ଉତ୍କଳମଣିଙ୍କ ଶ୍ରାଦ୍ଧୋତ୍ସବ

କଟକ,୧୪।୭(ସଂଚାର ବ୍ୟୁରୋ): କର୍ମପ୍ରେରଣାର ଉଦ୍‌ଗାତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ କଲେଜଛକସ୍ଥିତ ରେଲୱେ ସେଟେଲମେଣ୍ଟ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପୁରାତନ ଛାତ୍ରସଂସଦର କର୍ମକର୍ତ୍ତା ପ୍ରିୟରଞ୍ଜନ ମହାପାତ୍ର, ସତ୍ୟବ୍ରତ ପଟ୍ଟନାୟକ, ସରୋଜ ରାଉତ, ଭୀମସେନ ସାବତ, ସଂଜୀବ କୁମାର ମହାରଣାଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ପ୍ରଧାନ, ଅମ୍ରିଜିତ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସଂକଳ୍ପ ନେଇଥିଲେ। ରଶ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିରେ ଯୋଗଦେଲେ ବିଜେଡି ଓ କଂଗ୍ରେସର ୨୦ରୁ ଉର୍ଦ୍ଧ୍ୱ କର୍ମୀ

କଟକ,୧୪।୭(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଆଠଗଡ଼ ତିଗିରିଆ ନିର୍ବାଚନମଣ୍ଡଳୀର ବିଜେପି ନେତା ଅଭୟ ବାରିକଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ତିଗିରିଆ ବ୍ଲକ୍ ନୂଆପାଟଣା ଗ୍ରାମର ପୂର୍ବତନ ୱାର୍ଡମେମ୍ବରଙ୍କ ସମେତ ୨୦ ରୁ ୩୦ଜଣ କଂଗ୍ରେସ ଓ ବିଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆଠଗଡ ବିଜେପି ନେତା ଅଭୟ ବାରିକଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଆଠଗଡ ବିଜେପି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ୩୬ ବର୍ଷର ବିଧାୟକଙ୍କ ଗୁଣ୍ଡାଗର୍ଦ୍ଦିକୁ ଧିକ୍କାର କରିବା ସହିତ ଅଭୟ ବାରିକଙ୍କ ନେତୃତ୍ୱରେ ଅଞ୍ଚଳର ଉନ୍ନତି ହେବ ବୋଲି କର୍ମୀମାନେ ମତ ପ୍ରକାଶ କରିଛନ୍ତି।

# ମହାପ୍ରଭୁଙ୍କ ନବଯୌବନ ଦର୍ଶନ



ଉଜ୍ଜ୍ୱଳ ଦିଶିଲା ପ୍ରତିମା

ଦିନକ ପରେ ରଥଯାତ୍ରା

ପୁରୀ,୧୪।୭(ସଂଚାର ବ୍ୟୁରୋ): ନୀଳାଦ୍ରି ନାଥଙ୍କ ମାନବୀୟ ଲୀଳାର ଚରମ ଅଭିବ୍ୟକ୍ତି ହେଉଛି ଅଣସର। ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି ଜଗତର ନାଥ। ୧୫ ଦିନ କାଳ ଅନ୍ଧାରୀ ଅଣସର ଘରେ ଚାଲେ ମହାପ୍ରଭୁଙ୍କ ଗୁପ୍ତ ଉପଚାର। କାରୁଣ୍ୟ ଓ ବିରହର ଏହି କାଳଖଣ୍ଡ ପରେ ଯେତେବେଳେ ପ୍ରଭୁ ସୁସ୍ଥ ହୋଇ ଭକ୍ତଙ୍କ ସାମ୍ନାକୁ ଆସନ୍ତି, ତାହା ହେଉଛି ଦୁର୍ଲ୍ଲଭ 'ନବଯୌବନ ଦର୍ଶନ'। ଅଣସର ପିଣ୍ଡିରୁ ବାହାରିବା ପୂର୍ବରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଚିତ୍ରକାର ସେବକମାନେ ନୂଆ ରୂପ ଦେଇଥାନ୍ତି, ଯାହାକୁ ଶ୍ରୀଅଙ୍ଗ ଫିଟା ଓ ବନକ ଲାଗି କୁହାଯାଏ। ତା'ପରେ ଆସେ ସ୍ୱର୍ଣ୍ଣିମ ମୁହୂର୍ତ୍ତ ନେତ୍ରୋତ୍ସବ। ସେବକଙ୍କ ତୂଳୀ ସ୍ପର୍ଶରେ ଜୀବନ୍ତ ହୋଇଉଠନ୍ତି ଦାରୁବ୍ରହ୍ମ। ଚକ୍ଷୁଦାନ ସହ ସମ୍ପୂର୍ଣ୍ଣ ହୁଏ ଅପରୂପ ଶୃଙ୍ଗାର। ନବ ଅନୁରାଗରେ ଉଦ୍ଭାସିତ ହୁଏ ମହାପ୍ରଭୁଙ୍କ ନବଯୌବନ ରୂପ। ଲାଗେ ସତେ ଯେମିତି କୋଟି କନ୍ଦର୍ପର ଲାବଣ୍ୟ ଝରିପଡୁଛି ଶ୍ରୀମୁଖରୁ। ଏହି ଦର୍ଶନ ପାଇଁ ଭକ୍ତଟିଏ ବର୍ଷସାରା ଚାହିଁ ରହିଥାଏ। ଏଥିସହ ଦିନକ ପରେ ମହାପ୍ରଭୁଙ୍କ ରଥଯାତ୍ରା। କାଳିଆ ସାଆନ୍ତ ଭକ୍ତଙ୍କୁ ଭେଟିବା ସକାଶେ ବଡ଼ଦାଣ୍ଡକୁ ଆସିବେ। ତାଙ୍କୁ ନୂଆ ରୂପରେ ଦେଖିବା ସକାଶେ ଭକ୍ତ ଅପଲକ ନୟନରେ ଅପେକ୍ଷା କରିଛି। ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଅପେକ୍ଷାରେ ରହିଛନ୍ତି ୩ ରଥ। ଭକ୍ତ ସହ ଭାବ ଡୋରିରେ ବାନ୍ଧି ହେବାର ପର୍ବ ହେଉଛି ରଥଯାତ୍ରା। ଦେଶ ଭିତରୁ ଓ ବାହାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ ପୁରୀ ବଡ଼ଦାଣ୍ଡକୁ ଛୁଟି ଆସିବେ। ପୁଲିସ୍ ପ୍ରଶାସନ ଭକ୍ତଙ୍କ ସୁବିଧା ସକାଶେ ଯାବତୀୟ ସୁରକ୍ଷାତ୍ମକ ପଦକ୍ଷେପ ନେଇଛି। ଏବେ କେବଳ ରଥକୁ ମହାପ୍ରଭୁଙ୍କ ଆଗମନକୁ ଭକ୍ତଙ୍କ ଅପେକ୍ଷା।

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ଓ ମାରୱାଡ଼ି ସୋସାଇଟିର ପ୍ରୟାସ

# ବିନା ମୂଲ୍ୟରେ ପ୍ରୋସଥେଟିକ୍ସ ବଣ୍ଟନ




ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): କ୍ୟାନ୍ସର ଚିକିତ୍ସାଧୀନ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ସମ୍ମାନ ଫେରାଇ ଆଣିବା ଲକ୍ଷ୍ୟରେ ସ୍ଥାନୀୟ ମାରୱାଡ଼ି ସୋସାଇଟି କମ୍ୟୁନିଟି ହଲ୍‌ରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜୀବେଶ ମିଶ୍ରଙ୍କ ସ୍ମୃତିରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ଓ ମାରୱାଡ଼ି ସୋସାଇଟିର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ସେବାମୂଳକ କାର୍ଯ୍ୟକ୍ରମ କ୍ୟାନ୍ସର ଚିକିତ୍ସାଧୀନ ମହିଳାମାନଙ୍କୁ ବିନା ମୂଲ୍ୟରେ ଉନ୍ନତମାନର କୃତ୍ରିମ କେଶ ଓ କୃତ୍ରିମ ସ୍ତନ ବଣ୍ଟନ କରାଯାଇଛି। ପବିତ୍ର ଗଣେଶ ବନ୍ଦନା ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଅରୂପ ପଟ୍ଟନାୟକ ଉପସ୍ଥିତ ରହି ସଂସ୍ଥାର ଆଭିମୁଖ୍ୟ ଓ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାଥମିକ ପର୍ଯ୍ୟାୟରେ ମୋଟ ୧୦ ଜଣ କ୍ୟାନ୍ସର ଚିକିତ୍ସାଧୀନ ମହିଳା ପ୍ରୋସଥେଟିକ୍ସ ପ୍ରଦାନ କରାଯାଇଥିଲା। ଚିକିତ୍ସା ସମୟରେ କେଶ ଝଡ଼ିବା ଓ ଅସ୍ତ୍ରୋପଚାର ଯୋଗୁଁ ମହିଳାମାନେ ଯେଉଁ ମାନସିକ ସଂକଟ ଦେଇ ଗତି କରନ୍ତି, ତାହାକୁ ଦୂର କରି ସେମାନଙ୍କ ମନରେ ନୂତନ ଆଶା ସଞ୍ଚାର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତଃ ଜୀବେଶ ମିଶ୍ରଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ମାରୱାଡ଼ି ସୋସାଇଟିର କୋଷାଧ୍ୟକ୍ଷ ସୁରେନ୍ଦ୍ର ଅଗ୍ରୱାଲ ଅନୁଷ୍ଠାନର ଏହି ମହତ କାର୍ଯ୍ୟଧାରାକୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ମିଳିତ ଭାବେ ସେବା କାର୍ଯ୍ୟ ଜାରି ରଖିବେ ବୋଲି ଅଭିଭାଷଣରେ ପ୍ରକାଶ କରିଥିଲେ।

# ବିଧାନସଭା ପରିସରରେ ଉତ୍କଳମଣିଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିଙ୍କ ସେବାକରି ନିଜର ସେବା ମନୋବୃତ୍ତିକୁ ଯେଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବା ପାଇଁ ସର୍ବଦା ତତ୍ପର ଥିଲେ। ବନ୍ୟା, ବାତ୍ୟା, ମରୁଡ଼ି ପରି ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଓ ଚିନ୍ତା-ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି। ଲାଲା ଲାଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ଭାବେ ପଣ୍ଡିତ



ଗୋପବନ୍ଧୁ ମନୋନୀତ ହୋଇଥିଲେ। ତା'ପରେ ସେ ସତ୍ୟବାଦୀ ପ୍ରେସ୍ ଓ ସମାଜ ଅନୁଷ୍ଠାନକୁ ଲୋକସେବକ ମଣ୍ଡଳକୁ ହସ୍ତାନ୍ତର କରିଥିଲେ ଓ ନିଜେ ଏହି ଅନୁଷ୍ଠାନର ଉପସଭାପତି ହୋଇଥିଲେ। ୧୯୨୮ ଜୁନ୍ ୧୭ ତାରିଖ (ନେତ୍ରୋତ୍ସବ ତିଥି)ରେ ପଣ୍ଡିତ ଗୋପବନ୍ଧୁଙ୍କ ଘଟଣାବହୁଳ କର୍ମମୟ ଜୀବନର ଅବସାନ ଘଟିଥିଲା ବୋଲି ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଦିବସ ପାଳନ ଅବସରରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଆଜି ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ବାବୁ ସିଂ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ ଓ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଉତ୍କଳ ସମ୍ମିଳନୀର ସଦସ୍ୟ, ବହୁ ସମାଜସେବୀ, ମାନ୍ୟଗଣ୍ୟ ବ୍ୟକ୍ତି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ଶାଶ୍ୱତୀ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା। ଲୋକସମ୍ପର୍କ ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପାଇଁ ନୂଆ ମାର୍ଗଦର୍ଶିକା

## ଆସନ୍ତା ୧୫ରୁ ଆରମ୍ଭ ହେବ ଆବେଦନ ପ୍ରକ୍ରିୟା



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭'ର ମାର୍ଗଦର୍ଶିକା ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକ ଯେପରି ସମ୍ମାନ, ସୁରକ୍ଷା ଏବଂ ସରକାରୀ ସହାୟତା ସହ ଦେଶର ବିଭିନ୍ନ ପବିତ୍ର ଧାର୍ମିକ ସ୍ଥଳୀ ଭ୍ରମଣ କରିପାରିବେ, ତାହା ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଉଲ୍ଲେଖଯୋଗ୍ୟ ଯେ ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୪୫,୫୫୫ରୁ ଅଧିକ ବରିଷ୍ଠ ନାଗରିକ ଏହି 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର ଲାଭ ଉଠାଇ ଭାରତର ବିଭିନ୍ନ ପ୍ରସିଦ୍ଧ ତୀର୍ଥସ୍ଥଳୀ ଦର୍ଶନ କରିସାରିଛନ୍ତି। ଏହି ଯୋଜନାରେ ଆସନ୍ତା ୧୫ରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଜାରି ରହିବ। ଯୋଗ୍ୟ ବରିଷ୍ଠ ନାଗରିକ ୱେବସାଇଟ ମାଧ୍ୟମରେ ଅନଲାଇନରେ କିମ୍ବା ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଧାରିତ ଅଫଲାଇନରେ ଆବେଦନ କରିପାରିବେ। ଏହି ମାର୍ଗଦର୍ଶିକାରେ ଯୋଜନାର ଯୋଗ୍ୟତା ମାପଦଣ୍ଡ, ଆବେଦନ ପ୍ରକ୍ରିୟା, ଚୟନ ପ୍ରକ୍ରିୟା ଓ ଅନ୍ୟାନ୍ୟ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ପ୍ରଦାନ କରାଯାଇଛି।

# ବେଦାନ୍ତର ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା ଉଦ୍ୟମ

ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ସାରା ଭାରତରେ ମହିଳା ଓ କିଶୋରୀଙ୍କ ପାଇଁ ଋତୁସ୍ରାବ ଜୀବନର ଏକ ସ୍ୱାଭାବିକ ଅଂଶ ହୋଇଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁଠାରୁ କମ୍ ଆଲୋଚିତ ଦିଗ ମଧ୍ୟରୁ ଗୋଟିଏ ହୋଇ ରହିଛି। ଏନେଇ ହେଉଥିବା ଆଲୋଚନାରେ କଳଙ୍କ, ଭୁଲ ସୂଚନା ଆଦି ରହି ଅଶ୍ୱସ୍ତିକର ପରିବେଶ ସୃଷ୍ଟି କରୁଥିବାରୁ ଅନେକ କିଶୋରୀ ଏଥିପାଇଁ



ପ୍ରସ୍ତୁତ ନ ଥାନ୍ତି ଏବଂ ମହିଳାମାନେ ସେମାନଙ୍କ ସୁସ୍ଥତାକୁ ପ୍ରଭାବିତ କରୁଥିବା ପ୍ରସଙ୍ଗରେ ପରାମର୍ଶ ନେବାକୁ ସଂକୋଚ କରିଥାନ୍ତି। ଏହି ଆହ୍ୱାନକୁ ସ୍ୱୀକାର କରି ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର କୁରାଲୋଇ, ଜାମଖାନୀ ଓ ଘୋଘରପଲ୍ଲୀ କୋଇଲା ଖଣି ଆଖପାଖ ଅଞ୍ଚଳରେ ପ୍ରକଳ୍ପ ଆରୋଗ୍ୟମ ମାଧ୍ୟମରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଓ ସଚେତନତାକୁ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସର ଅଂଶ ସ୍ୱରୂପ କମ୍ପାନୀ ନିକଟରେ ଏକ ସପ୍ତାହ ବ୍ୟାପୀ ଋତୁସ୍ରାବ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଥିରେ ଋତୁସ୍ରାବ ସ୍ୱଚ୍ଛତା, ପୋଷଣ, ଯନ୍ତ୍ରଣା ଉପଶମ ଓ ଦୀର୍ଘସ୍ଥାୟୀ ଋତୁସ୍ରାବ ଉତ୍ପାଦ ସଂକ୍ରାନ୍ତରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ ମାଧ୍ୟମରେ ୬୭୦ରୁ ଅଧିକ ମହିଳା ଓ କିଶୋରୀଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚିଥିଲା। ଏହି ପଦକ୍ଷେପ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଥିବା ଭୁଲ୍ ସୂଚନାକୁ ବଦଳାଇବାକୁ ଉତ୍ସାହିତ କରିଥିଲା। ଏକ ଅନନ୍ୟ ସାଂସ୍କୃତିକ ଦିଗକୁ ଯୋଡ଼ି, ଏହି କାର୍ଯ୍ୟକ୍ରମ ରଜ ପର୍ବ ସହିତ ଜଡିତ ଓଡ଼ିଶାର ପାରମ୍ପାରିକ ରୀତିନୀତି ମଧ୍ୟ ଗ୍ରହଣ କରିଥିଲା, ଯାହାକୁ ମହିଳାମାନେ ପାଳନ କରିବା ସହିତ ଋତୁସ୍ରାବ ଜୀବନର ଏକ ସ୍ୱାଭାବିକ ଅଂଶ ବୋଲି ସେମାନଙ୍କର ଭାବନାକୁ ଦୃଢ଼ କରିଥିଲା।

କୁରାଲୋଇ ଗାଁର ୧୪ବର୍ଷୀୟା ବେବିନା ସାହୁ କହିଛନ୍ତି ଯେ ପୂର୍ବରୁ ସେ କେବଳ ସ୍କୁଲ ପାଠରୁ ଋତୁସ୍ରାବ ବିଷୟରେ ଜାଣୁଥିଲେ। ଅଧିବେଶନରେ ଯୋଗଦେବା ପରେ ସେ ଋତୁସ୍ରାବ ସ୍ୱଚ୍ଛତା ବଜାୟ ରଖିବା, ସାନିଟାରୀ ପ୍ୟାଡ୍ ସଠିକ୍ ଭାବେ ବ୍ୟବହାର କରିବା ଓ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେବାର ଗୁରୁତ୍ୱ ବିଷୟରେ ଜାଣିବାକୁ ପାଇଛନ୍ତି। ସେ ଏବେ ତାଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବାରେ ଅଧିକ ଆତ୍ମବିଶ୍ୱାସ ଅନୁଭବ କରୁଥିବା ବେବିନା କହିଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଗୁରୁତର



ଗୁଣପୁର,୧୪।୭(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ଗୁଣପୁର ଓ ଗଜପତି ଜିଲ୍ଲାର କାଶୀନଗର ରାସ୍ତାର ବଡଗୁଡ଼ା ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଦୁଇ ମଟର ସାଇକେଲ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହେବାରୁ ଏଥିରେ ଗୁଣପୁର ସହର ସିଟି ସ୍କୁଲ ନିକଟରେ ଥିବା ରମେଶ ବାଇକ୍ ଗ୍ୟାରେଜର ମାଲିକ ରମେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି ଓ ତାଙ୍କ ସହ ଥିବା ଚୀନା ନାମ ଯୁବକ ଗୁରୁତର ଭାବେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଚିନା ଡେରା ସାହି ବାସିନ୍ଦା ଭାନୁଗୁରୁ ସ୍ୱାମୀଙ୍କ ପୁଅ ବୋଲି ଜଣାପଡ଼ିଛି। ବିପରୀତ ଦିଗରୁ ହୋତା ଜେରକ୍ସର ମାଲିକ ବାବୁଲା ହୋତା ଓ ତାଙ୍କ ପତ୍ନୀ ଏକ ସ୍କୁଟିରେ ଆସୁଥିବା ସମୟରେ ଉଭୟ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ବାବୁଲା ହୋତା ଓ ତାଙ୍କ ପତ୍ନୀ ଗୁରୁତର ଭାବେ ଆହତ ହୋଇଥିବାରୁ ସେମାନଙ୍କୁ ମଧ୍ୟ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

# ଅମୃତ ଭାରତ ଯୋଜନାରେ ବରପାଲି ଷ୍ଟେସନର ପୁନଃକଳ୍ପନା

ପଶ୍ଚିମ ଓଡ଼ିଶା ସାଂସ୍କୃତିକ ଐତିହ୍ୟ ସହ ଆଧୁନିକ ଭିତ୍ତିଭୂମିର ମିଶ୍ରଣ

ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାର ବରପାଲି ରେଳ ଷ୍ଟେସନକୁ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଏକ ଆଧୁନିକ ଓ ଯାତ୍ରୀ-ଅନୁକୂଳ ରେଳ ଷ୍ଟେସନରେ ପରିଣତ କରାଯାଇଛି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେହି ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି, ଯେଉଁଥିରେ ସ୍ଥାନୀୟ ସଂସ୍କୃତିକୁ ସୁରକ୍ଷିତ ରଖି ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ, ସମାବେଶୀ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବହନ କେନ୍ଦ୍ର ଭାବେ ବିକଶିତ କରିବାର ଲକ୍ଷ୍ୟ ରହିଛି। ପ୍ରାୟ ୨୨ କୋଟି ଟଙ୍କା ବ୍ୟୟରେ ପୁନଃବିକଶିତ ହୋଇଥିବା ଏହି ଷ୍ଟେସନରେ ଆଧୁନିକ ଯାତ୍ରୀ ସୁବିଧା ସହ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରିଚୟର ମିଶ୍ରଣ ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗୀକରଣ ମଜବୁତ ହେବା, ଯାତ୍ରୀଙ୍କ ସୁବିଧା ବୃଦ୍ଧି ପାଇବା ଓ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି। ଷ୍ଟେସନ ବିଲ୍ଡିଂକୁ ସମ୍ପୂର୍ଣ୍ଣ ରୂପେ ଅପଗ୍ରେଡ୍ କରାଯାଇଛି, ଯେଉଁଥିରେ ନୂତନ ପ୍ରବେଶ



ପଥ , ପ୍ରଶସ୍ତ ପରିକ୍ରମା କ୍ଷେତ୍ର ଓ ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁବିଧା ରହିଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସମେତ ସମସ୍ତ ଯାତ୍ରୀଙ୍କ ନିରାପଦ ଓ ସୁବିଧାଜନକ ଚଳାଚଳ ପାଇଁ ୧୨ ମିଟର ଓସାରର ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ଅନ୍ୟାନ୍ୟ ପ୍ରମୁଖ ଭିତ୍ତଭୂମି ମଧ୍ୟରେ ଆପ୍ରୋଚ୍ ରୋଡ୍‌ର ଓସାର ବୃଦ୍ଧି, ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର, ପ୍ଲାଟଫର୍ମର ନବୀକରଣ, ଆଧୁନିକ ବିଶ୍ରାମ କକ୍ଷ, ଉନ୍ନତ ଶୌଚାଳୟ ଓ ଯାତ୍ରୀଙ୍କ ସୁବିଧା ଓ ସହଜ ଚଳାଚଳ ପାଇଁ ପ୍ରାମାଣିକ ସୂଚନା ସଂକେତ ରହିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୫ ଜୁଲାଇ ୨୦୨୬, ଭୁବନେଶ୍ୱର
Wednesday 15 July 2026, Bhubaneswar

# ଅର୍ଥନୀତିକୁ ଭୟଙ୍କର ବିପଦ



ଡିଜିଟାଲ ଭାରତର ସ୍ୱପ୍ନ ଯେତେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି, ସାଇବର ଅପରାଧ ମଧ୍ୟ ସେତେ ବେଗରେ ଆମର ଅର୍ଥନୀତିକୁ ଫମ୍ପା କରିବାରେ ଲାଗିଛି। ବ୍ୟାଙ୍କିଙ୍ଗ୍, ଇ-କମର୍ସ, ଡିଜିଟାଲ ପେମେଣ୍ଟ ଏବଂ ଅନଲାଇନ୍ ନିବେଶର ବିସ୍ତାର ସହିତ ସାଇବର ଠକେଇ ମଧ୍ୟ ଏକ ସଂଗଠିତ ଅପରାଧ ରୂପରେ ଉଭା ହୋଇଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ମସିହାରେ ଭାରତୀୟମାନେ ସାଇବର ଠକେଇରେ ପ୍ରାୟ ୨୨,୮୪୫ କୋଟି ଟଙ୍କା ହରାଇଛନ୍ତି, ଯାହା ୨୦୨୩ ତୁଳନାରେ ୨୦୬ ପ୍ରତିଶତ ଅଧିକ। ୨୦୨୫ ମସିହାରେ ମଧ୍ୟ ଏହି କ୍ଷତି ପ୍ରାୟ ୨୨,୪୯୫ କୋଟି ଟଙ୍କା ରହିଛି ଏବଂ ମାମଲା ସଂଖ୍ୟା ୨୮ ଲକ୍ଷରେ ପହଞ୍ଚିଛି। ଏହା କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ବରଂ ଜାତୀୟ ଅର୍ଥନୀତିର ଏକ ଗମ୍ଭୀର ଆଘାତ।

ନିବେଶ ଠକେଇ ଏହି କ୍ଷତିର ପ୍ରାୟ ୭୫-୭୬ ପ୍ରତିଶତ ଅଂଶ ନେଇଛି। ଫେକ ଷ୍ଟକ ମାର୍କେଟ ଆପ, କ୍ରିପ୍ଟୋ ସ୍କାମ୍, ପଞ୍ଜି ସ୍କିମ୍ ଏବଂ ଡିଜିଟାଲ୍ ଆରେଷ୍ଟ ସ୍କାମ୍ ମାଧ୍ୟମରେ ଲୋକଙ୍କ ଜୀବନ ସଞ୍ଚୟ ଲୁଟ୍ ହେଉଛି। ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସିଆଲ୍ ସେକ୍ଟର ସବୁଠାରୁ ଅଧିକ ପ୍ରଭାବିତ। ଏହା କେବଳ ସିଧାସଳଖ ଆର୍ଥିକ କ୍ଷତି ନୁହେଁ; ଏହା ଡିଜିଟାଲ୍ ଟ୍ରଷ୍ଟକୁ ହ୍ରାସ କରୁଛି। ୟୁପିଆଇ, ଡିଜିଟାଲ୍ ପେମେଣ୍ଟ ଏବଂ ଇ-କମର୍ସର ବୃଦ୍ଧି ଯେତେ ଆଶାଜନକ ଥିଲା, ସେତେ ଭୟଙ୍କର ହୋଇପଡ଼ିଛି। ଛୋଟ ବ୍ୟବସାୟୀ, ମଧ୍ୟବିତ୍ତ ବର୍ଗ ଏବଂ ବୃଦ୍ଧମାନେ ସବୁଠାରୁ ଅଧିକ ଶିକାର ହେଉଛନ୍ତି। ଫଳସ୍ୱରୂପ, ଡିଜିଟାଲ ଅର୍ଥନୀତିର ଗତି ମନ୍ଥର ହେବାର ଆଶଙ୍କା ରହିଛି।

ଅର୍ଥନୀତି ଉପର ପ୍ରଭାବ ମଧ୍ୟ ଗମ୍ଭୀର। ସାଇବର ଠକେଇ କାରଣରୁ ବ୍ୟାଙ୍କ୍ ଏବଂ କମ୍ପାନୀଗୁଡ଼ିକର ସୁରକ୍ଷା ଖର୍ଚ୍ଚ ବଢ଼ୁଛି, ଯାହା ଶେଷରେ ଗ୍ରାହକଙ୍କ ଉପରେ ବୋଝ ପଡୁଛି। ବ୍ରାଣ୍ଡ ଇମେଜ୍ ନଷ୍ଟ, କଷ୍ଟମର ଟ୍ରଷ୍ଟ ହ୍ରାସ ଏବଂ ପ୍ରୋଡକ୍ଟିଭିଟି କ୍ଷତି ମିଶି ଅର୍ଥନୈତିକ କ୍ଷତି ଆହୁରି ବଢ଼ାଉଛି। କେତେକ ଅନୁମାନ ଅନୁସାରେ, ସାଇବର ଫ୍ରଡ କ୍ଷତି ଭାରତର ମୋଟ ଘରୋଇ ଉତ୍ପାଦର ୦.୭% ପର୍ଯ୍ୟନ୍ତ ପହଞ୍ଚିପାରେ। ଏହା ବୈଦେଶିକ ନିବେଶ, ଷ୍ଟାର୍ଟଅପ ଇକୋସିଷ୍ଟମ ଏବଂ ଡିଜିଟାଲ ଇଣ୍ଡିଆ ମିଶନକୁ ମଧ୍ୟ ପ୍ରଭାବିତ କରୁଛି। ଦକ୍ଷିଣ-ପୂର୍ବ ଏସିଆରୁ ପରିଚାଳିତ ନେଟୱର୍କ ଏବଂ ଏଆଇ-ଚାଳିତ ସ୍କାମ୍ ଏହି ସମସ୍ୟାକୁ ଆହୁରି ଜଟିଳ କରିଛି।

ସରକାର ଏହି ଦିଗରେ କିଛି ପଦକ୍ଷେପ ନେଇଛନ୍ତି। ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର, ନ୍ୟାସନାଲ୍ ସାଇବର କ୍ରାଇମ୍ ରିପୋର୍ଟିଙ୍ଗ୍ ପୋର୍ଟାଲ୍, ସସ୍ପେକ୍ଟ ରେଜିଷ୍ଟ୍ରି ଏବଂ ରିଅଲ୍-ଟାଇମ୍ ଫଣ୍ଡ୍ ବ୍ଲକିଙ୍ଗ୍ ମାଧ୍ୟମରେ କେତେକ କୋଟି ଟଙ୍କା ଉଦ୍ଧାର ହୋଇଛି। କିନ୍ତୁ ଅଭିଯୋଗ ଏବଂ ଏଫଆଇଆର ମଧ୍ୟରେ ଥିବା ବିରାଟ ବ୍ୟବଧାନ, ଆନ୍ତର୍ଜାତିକ ସହଯୋଗର ଅଭାବ ଏବଂ ଜନସଚେତନତାର ଅଭାବ ଏହି ପ୍ରୟାସକୁ ସୀମିତ କରୁଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ମଧ୍ୟ ସାଇବର ମାମଲା ବଢ଼ୁଛି।

ଏହି ସଙ୍କଟର ସମାଧାନ ପାଇଁ ଏକ ବ୍ୟାପକ ରଣନୀତି ଆବଶ୍ୟକ। ପ୍ରଥମେ, ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଜରୁରୀ - କୌଣସି ଲିଙ୍କ କ୍ଲିକ କରିବା ପୂର୍ବରୁ ଯାଞ୍ଚ କରନ୍ତୁ, ଓଟିପି ଶେୟାର କରନ୍ତୁ ନାହିଁ ଏବଂ ସନ୍ଦେହଜନକ କଲ ରିପୋର୍ଟ କରନ୍ତୁ। ଦ୍ୱିତୀୟତଃ, ସାଇବର ପୋଲିସ କ୍ୟାପାସିଟି ବଢ଼ାଇବା, ଏଆଇ-ଆଧାରିତ ମନିଟରିଙ୍ଗ୍ ଏବଂ ଆନ୍ତର୍ଜାତିକ ସହଯୋଗ ବଳବତ୍ତର କରିବା ଦରକାର। ତୃତୀୟତଃ, ସାଇବର ସୁରକ୍ଷା ଆଇନକୁ କଠୋର କରି ଏବଂ ବ୍ୟବସାୟୀମାନଙ୍କୁ ବାଧ୍ୟତାମୂଳକ ସୁରକ୍ଷା ମାନଦଣ୍ଡ ପାଳନ କରାଇବା ଉଚିତ୍।

ସାଇବର ଅପରାଧ କେବଳ ଏକ ଟେକ୍ନୋଲୋଜି ସମସ୍ୟା ନୁହେଁ, ଏହା ଆମ ଅର୍ଥନୈତିକ ସ୍ୱାଧୀନତା ଏବଂ ଡିଜିଟାଲ୍ ସ୍ୱପ୍ନର ଶତ୍ରୁ। ଯଦି ଆମେ ଏହାକୁ ରୋକିବା ପାଇଁ ଏକତ୍ରିତ ହେବୁ ନାହିଁ, ତେବେ ଡିଜିଟାଲ୍ ଭାରତ ଏକ ଠକେଇର ରାଜଧାନୀ ପାଲଟିଯିବ। ସଚେତନତା, ପ୍ରଯୁକ୍ତି ଏବଂ ଆଇନର ସମନ୍ୱୟରେ ହିଁ ଏହି ଯୁଦ୍ଧରେ ଜୟ ଲାଭ ସମ୍ଭବ। ସମୟ ଆସିଛି - ଆମେ ଡିଜିଟାଲ୍ ସୁରକ୍ଷିତ ଭାରତ ଗଢ଼ିବା ପାଇଁ କାର୍ଯ୍ୟ କରିବୁ କି ନାହିଁ?

# ଇଥାନଲ ମିଶା ପେଟ୍ରୋଲ ବଜାର ଓ ଏହାର କରାମତି

ସୁବାସ ଷଡଙ୍ଗୀ



ସବୁ ଜିନିଷରେ କିଛି ନା କିଛି ମିଶୁଛି। କିନ୍ତୁ ଆମେ ଗାଡି ମଟରରେ ଜାଳେଣି ଭାବେ ବ୍ୟବହାର କରୁଥିବା ପେଟ୍ରୋଲ ପୁରା ପିଓର ଥିଲା। ଏବେ କିନ୍ତୁ ଏଥିରେ ଇଥାନଲ ମିଶୁଛି। ଆଗରୁ ଶତକଡା ଦଶ ଭାଗ ମିଶୁଥିବା ବେଳେ ଏବେ ଶତକଡା କୋଡିଏ ଭାଗ ମିଶିବ ବୋଲି କୁହାଯାଇଛି। ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ସନ୍ଦେହ ଦେଖାଦେଇଛି। ଏହାକୁ ବିରୋଧ କରି ସାରା ଭାରତରେ ପ୍ରତିବାଦ ଦେଖାଦେଇଛି। କୋଡିଏ ଭାଗ ଇଥାନଲ ମିଶିବା ପରେ ଗାଡିର ମାଇଲେଜ କମୁଛି ବୋଲି ଗାଡି ମାଲିକମାନେ ଅଭିଯୋଗ କରୁଛନ୍ତି। ଗାଡିର ଇଞ୍ଜିନ ଯନ୍ତ୍ରାଂଶ ମଧ୍ୟ ଖରାପ ହୋଇଯାଉଛି ବୋଲି କେହି କେହି କହୁଛନ୍ତି। ଯାହାଫଳରେ ଦିଲ୍ଲିର ଯନ୍ତରମନ୍ତର ଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଗାଡି ମାଲିକଙ୍କ ଅଭିଯୋଗ ସମ୍ପର୍କରେ ଗାଡି ନିର୍ମାତାମାନେ ସିଧାସଳଖ କିଛି କହୁ ନାହାନ୍ତି। ତେବେ ମାଇଲେଜ କମୁଛି ବୋଲି ସ୍ୱୀକାର କରାଯାଇଛି। ଆମ ଆଦମି ଦଳ ପକ୍ଷରୁ ଏହାକୁ 'ବିଜେପି ପେଟ୍ରୋଲ ପମ୍ପ' କୁହାଯାଇ ବିଦ୍ରୁପ କରାଯାଇଛି। ଲୋକଙ୍କ ଅଭିଯୋଗ ହେଲା ପେଟ୍ରୋଲର ପୁରାଦାମ ସରକାର ନେଉଥିଲାବେଳେ ଇଥାନଲ ମିଶା ପେଟ୍ରୋଲ ସରକାର ଲୋକଙ୍କୁ ଦେଇ ଠକୁଛନ୍ତି। ଗାଡି ନିର୍ମାତାମାନେ ମାଇଲେଜ କମୁଥିବା କଥା ସ୍ୱୀକାର କରୁଥିଲେ ମଧ୍ୟ ଗାଡିର ଯନ୍ତ୍ରାଂଶ ଖରାପ ହେବା କଥାକୁ ମାନୁ ନାହାନ୍ତି। ସବୁଠାରୁ ବଡ କଥା ହେଲା ଲୋକମାନଙ୍କର ଏଭଳି ଆଶଙ୍କା ସମ୍ପର୍କରେ କୌଣସି ପ୍ରଯୁକ୍ତିଗତ ତଥ୍ୟ ଏଯାବତ ମିଳିପାରି ନାହିଁ।

ପେଟ୍ରୋଲରେ ଇଥାନଲ ମିଶ୍ରଣକୁ ନେଇ କିଛିଟା ମୌଳିକ ପ୍ରଶ୍ନ ଲୋକମାନଙ୍କ ମନରେ ଦେଖା ଦେଇଛି। ଆମଦାନୀ ହେଉଥିବା ଅପରିଶୋଧିତ ତେଲ ଉପରୁ ଚାପ କମାଇବା ପାଇଁ ପେଟ୍ରୋଲରେ ଇଥାନଲ ମିଶାଯାଉଛି। ଏହା ସହିତ ରହିଛି ଚାଷୀମାନଙ୍କ ସ୍ୱାର୍ଥ। ସେମାନଙ୍କ ଆୟ ବଢ଼ାଇବା କଥାଟି ଏଥି ସହିତ ଜଡିତ। ଏହାସହିତ ପରିବେଶ କଥା ମଧ୍ୟ ଚିନ୍ତା କରାଯାଉଛି। କାର୍ବନ ଗ୍ୟାସ ଯେପରି ଅଧିକ ନିର୍ଗତ ନହେବ, ସେଥିପାଇଁ ସରକାର ଚେଷ୍ଟା କରୁଛନ୍ତି। ଏହି ସବୁ କଥା ଦୃଷ୍ଟିରେ ରଖି ପେଟ୍ରୋଲରେ ଇଥାନଲ ମିଶେଇବାକୁ ଅନୁମତି ଦିଆଯାଇଛି। ପ୍ରଥମେ ଦଶ ଭାଗ ଓ ଏବେ କୋଡିଏ ଭାଗ ଏବଂ ଶେଷରେ ପଚିଶ ଭାଗ ଇଥାନଲ ମିଶାଇବା କଥା ସରକାର ଚିନ୍ତା କରୁଛନ୍ତି। ପ୍ରଥମ କଥାଟି ହେଲା ଟ୍ରୋଲରେ ଏ ଯେ ଇଥାନଲ ମିଶୁଛି, ସେଥିପାଇଁ ଗାଡି ନିର୍ମାତା, ଗାଡି ଚାଳକ, ଦେଶ, ବଜାର ଏବଂ ଉପଭୋକ୍ତା ପ୍ରସ୍ତୁତ କି?

ବିଭିନ୍ନ ରକମର ସ୍ୱାର୍ଥ ଏଥି ସହିତ ରହିଛି। ଯେଉଁସବୁ ଅଭିଯୋଗ ଗାଡି ମାଲିମାନେ କରିଛନ୍ତି, ତାର କୌଣସି ସନ୍ତୋଷଜନକ ଉତର ସରକାରଙ୍କ ପାଖରେ ନାହିଁ। ଇଥାନଲ ଅଧିକ ପରିମାଣରେ ମିଶିଲେ ଗାଡିର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ବଢ଼ିଯିବ। ଇଥାନଲର ଶକ୍ତି ପେଟ୍ରୋଲ ତୁଳନାରେ କମ। ଏଣୁ ମାଇଲେଜ କମିବା ସ୍ୱାଭାବିକ। ଏବେର ଗାଡି ଇଞ୍ଜିନଗୁଡିକ ଇଥାନଲ ମିଶ୍ରଣ ପେଟ୍ରୋଲ ପାଇଁ ଉପଯୁକ୍ତ କି ନା, ସେ ନେଇ ଲୋକଙ୍କ ମନରେ ସନ୍ଦେହ। ଯଦି ନୂଆଗାଡି ଗୁଡିକର ଇଞ୍ଜିନ ଇଥାନଲ ମିଶ୍ରଣ ପାଇଁ ଉପଯୁକ୍ତ ଭାବେ ତିଆରି ହୋଇଛି, ତେବେ ପୁରୁଣା ଗାଡି ଗୁଡିକ କଣ ହେବ? କୁହାଯାଉଛି, ପୁରୁଣାଗାଡିଗୁଡିକର ଇଞ୍ଜିନ ଇଥାନଲ ମିଶ୍ରଣ ପାଇଁ ଉପଯୁକ୍ତ ନୁହେଁ। ଇଥାନଲର ରାସାୟନିକ ପ୍ରତିକ୍ରିୟା ଯୋଗ ଗାଡିର ରବର, ପ୍ଲାଷ୍ଟିକ ଓ ଧାତବ ଖଣ୍ଡ ନଷ୍ଟ ହେଉଛି ବୋଲି ଅନେକଙ୍କ ଅଭିଯୋଗ। ସରକାର ଯଦି କେବଳ ପରିବେଶ କଥାକୁ ଚିନ୍ତା କରି, ପରି କରୁଥାନ୍ତି, ତେବେ ତାହାର ମୂଲ୍ୟ ପୁରୁଣା ଗାଡି ମାଲିକ କାହିଁକି ଦେବେ?

ଏଭଳି ନୀତିର ଆଉ ଏକ ଦିଗ ହେଲା ଇଥାନଲ ବ୍ୟବହାର ଓ କୃଷିକ୍ଷେତ୍ର ଉପରେ ଏହାର ପ୍ରଭାବ। ଭାରତରେ ଇଥାନଲ ସାଧାରଣ ଭାବରେ ଆଖୁ, ଗହମ ଓ ବାର୍ଲି ଗଛରୁ ପ୍ରସ୍ତୁତ ହୋଇଥାଏ। ଆଖୁ ଓ ଗହମ ଚାଷ ପୁରାପୁରି ପାଣି ନିର୍ଭର। ଆମ ଦେଶର ଅନେକ ଅଞ୍ଚଳରେ ପାଣିର ଘୋର ଅଭାବ, ଏପରିକି, ପିଇବା ପାଇଁ ମଧ୍ୟ ଯଥେଷ୍ଟ ପାଣି ମିଳୁନାହିଁ। ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଚାଷ ପାଇଁ ଯଥେଷ୍ଟ ପାଣି ଯୋଗାଇ ଦିଆଯାଇ ପାରୁ ନାହିଁ। ଏଣୁ ଏପରି ଅବସ୍ଥାରେ ଜାଳେଣି ପାଇଁ ଅଧିକ ଚାଷ କରିବାକୁ ପାଣି ଆସିବ କେଉଁଠୁ? ସରକାରଙ୍କ ଆଗରେ ଚାଲେଂଜ ହେଉଛି, ପ୍ରସ୍ତାବିତ ନୀତିର ଉଦ୍ଦେଶ୍ୟ ଓ ବାସ୍ତବ ପ୍ରୟୋଗ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା। ଦେଶରେ ଚାଲୁଥିବା ଗାଡିଗୁଡିକ ସହଜ ସୁଲଭ ଓ ନିରାପଦ ଜାଳେଣି ଯୋଗାଇଦେବା ହେଉଛି, ସରକାରଙ୍କ କାମ। ଉପଭୋକ୍ତାଙ୍କର ଜାଣିବାର ଅଧିକାର ରହିଛି। ଗାଡି ନିର୍ମାତାମାନେ ମଧ୍ୟ ଏନେଇ ନିଜର ଗ୍ରାହକମାନଙ୍କୁ ସୂଚନା ଦେବା ଦରକାର। ଉଭୟେ ଭଲ ଓ ମନ୍ଦ ବିଷୟରେ ଗାଡିମାଲିକ ଜାଣିବାର ଅଧିକାର ରହିଛି। ଜାଳେଣିର ବିକଳ୍ପ ଭାବରେ ଏବେ ବିଦ୍ୟୁତ ଚାଳିତ ଗାଡି ବଜାରକୁ ଆସଲାଣି। ପ୍ରତ୍ୟେକ ଗାଡି ମାଲିକ ବୁଝିବା ଦରକାର ଯେ ତା ଗାଡିରେ ଯେଉଁ ଜାଳେଣି ବ୍ୟବହୃତ ହେଉଛି, ତାହା ସବୁଠାରୁ ଭଲ। ଦରକାର ପଡ଼ିଲେ ପୁରୁଣା ଗାଡି ଗୁଡିକୁ କେବଳ ପେଟ୍ରୋଲ ଦେବାର ବ୍ୟବସ୍ଥା କରାଯାଇପାରେ। ଲୋକଙ୍କ ମନରେ ଯେଉଁ ସନ୍ଦେହ ଦେଖା ଦେଇଛି, ତାହା ଦୂର ହୋଇପାରିଲେ, ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରିବ।

ଡୁମଡୁମା ହାଉସିଙ୍ଗ ବୋଡି କଲୋନୀ
ଭୁବନେଶ୍ୱର, ମୋବାଇଲ୍:୯୪୩୯୬୫୨୩୨୨

# ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଏବଂ ସାମାଜିକ ଜୀବନ ଦର୍ଶନ



ଡଃ ଅମୂଲ୍ୟ କୁମାର ପଣ୍ଡା



ଜଗନ୍ନାଥ ସଂସ୍କୃତି ଭାରତୀୟ ସନାତନ ପରମ୍ପରା, ପୁରାଣ, ଲୋକବିଶ୍ୱାସ ଏବଂ ଓଡ଼ିଆ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ସମନ୍ୱୟ। ନେତ୍ରୋତ୍ସବର ପରମ୍ପରା ମଧ୍ୟ ଏହି ଦୀର୍ଘ ଆଧ୍ୟାତ୍ମିକ ପରମ୍ପରା ସହ ଜଡ଼ିତ। ଭକ୍ତମାନଙ୍କ ବିଶ୍ୱାସ ଅନୁଯାୟୀ, ଶ୍ରୀଜଗନ୍ନାଥ କେବଳ ଦାରୁବିଗ୍ରହ ନୁହନ୍ତି; ସେ ନିଜ ଭକ୍ତଙ୍କ ପାଇଁ ମାନବୀୟ ଲୀଳା କରନ୍ତି। ସେ ଜନ୍ମ, ସ୍ନାନ, ରୋଗ, ବିଶ୍ରାମ, ଚିକିତ୍ସା ଏବଂ ପୁନର୍ବାର ସୁସ୍ଥ ହେବାର ଲୀଳା ମାଧ୍ୟମରେ ମାନବଜୀବନର ବିଭିନ୍ନ ଅବସ୍ଥାକୁ ପ୍ରତିଫଳିତ କରନ୍ତି। ସ୍ନାନ ପୂର୍ଣ୍ଣିମାରେ ୧୦୮ ଘଟ ପବିତ୍ର ଜଳରେ ମହାସ୍ନାନ ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇଥିବାର ଲୀଳା କରନ୍ତି। ଅନବସର ସମୟରେ ସେ ଜନସାଧାରଣଙ୍କ ଦର୍ଶନରୁ ଦୂରେ ରହନ୍ତି। ଏହି ସମୟରେ ଶ୍ରୀଅଙ୍ଗର ନବୀକରଣ ସହିତ ନୂତନ ନେତ୍ର ଅଙ୍କନ କରାଯାଏ। ଏହାକୁ ନେତ୍ରୋତ୍ସବ କୁହାଯାଏ। "ନେତ୍ରୋତ୍ସବ" ଶବ୍ଦଟି ଦୁଇଟି ଶବ୍ଦରୁ ଗଠିତ— "ନେତ୍ର" ଅର୍ଥ ଆଖି ଏବଂ "ଉତ୍ସବ" ଅର୍ଥ ପର୍ବ। ଅର୍ଥାତ୍ ଶ୍ରୀବିଗ୍ରହଙ୍କ ନୂତନ ନେତ୍ର ଅଙ୍କନ ହେବାର ପବିତ୍ର ଅବସର ହେଉଛି ନେତ୍ରୋତ୍ସବ। ଆଖି ମନୁଷ୍ୟର ଜ୍ଞାନ, ଚେତନା ଓ ଦର୍ଶନର ପ୍ରତୀକ। ସେହିପରି ଶ୍ରୀଜଗନ୍ନାଥଙ୍କ ନେତ୍ର କେବଳ ଏକ କଳାତ୍ମକ ଅଙ୍କନ ନୁହେଁ; ଏହା ତାଙ୍କର ସର୍ବଜ୍ଞ, ସର୍ବଦର୍ଶୀ ଏବଂ କରୁଣାମୟ ସ୍ୱରୂପର ପ୍ରତୀକ। ଭକ୍ତମାନଙ୍କ ବିଶ୍ୱାସ ଯେ, ନେତ୍ରୋତ୍ସବ ପରେ ମହାପ୍ରଭୁ ପୁନର୍ବାର ସମଗ୍ର ବିଶ୍ୱ ଉପରେ ତାଙ୍କର କୃପାଦୃଷ୍ଟି ବର୍ଷା କରନ୍ତି। ଅନବସରର ଶେଷ ଦିନରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନେତ୍ର ଅଙ୍କନ କରାଯାଏ। ଏହି ନୀତି ଅତ୍ୟନ୍ତ ଗୁପ୍ତ ଓ ପବିତ୍ର। ନିର୍ଦ୍ଦିଷ୍ଟ ସେବକ ବ୍ୟତୀତ ଅନ୍ୟ କାହାକୁ ଏହି ସମୟରେ ଉପସ୍ଥିତ ରହିବାର ଅନୁମତି ନଥାଏ। ପ୍ରଥମେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଲଗାଯାଏ। ଏହାପରେ ମୁଖମଣ୍ଡଳକୁ ସୁନ୍ଦର ଭାବରେ ସଜାଯାଏ। ସବୁଶେଷରେ ନେତ୍ର ଅଙ୍କନ କରାଯାଏ। ନେତ୍ର ଅଙ୍କନ ସମାପ୍ତ ହେବା ପରେ ଶ୍ରୀବିଗ୍ରହଙ୍କ ରୂପ ପୂର୍ଣ୍ଣତା ପ୍ରାପ୍ତ କରେ। ଏହି ନୀତି ସମୟରେ ନିର୍ଦ୍ଦିଷ୍ଟ ମନ୍ତ୍ରୋଚ୍ଚାରଣ, ଶୁଦ୍ଧାଚାର ଓ ପାରମ୍ପରିକ ନିୟମ କଠୋର ଭାବରେ ପାଳନ କରାଯାଏ। ଚିତ୍ରକାର ସେବକମାନେ ଶ୍ରୀମନ୍ଦିରର ଏକ ପ୍ରାଚୀନ ସେବାୟତ ପରମ୍ପରାର ଅଂଶ। ସେମାନଙ୍କର ଦାୟିତ୍ୱ କେବଳ ଚିତ୍ର ଅଙ୍କନ ନୁହେଁ; ସେମାନେ ପିଢ଼ି ପରମ୍ପରାରେ ମହାପ୍ରଭୁଙ୍କ ରୂପ, ବେଶ ଓ ରଙ୍ଗର ପରମ୍ପରାକୁ ସୁରକ୍ଷିତ ରଖିଆସୁଛନ୍ତି। ନେତ୍ରୋତ୍ସବ ସମୟରେ ଚିତ୍ରକାର ସେବକମାନେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଦିଅନ୍ତି, ମୁଖମଣ୍ଡଳର ଚିତ୍ରାଙ୍କନ କରନ୍ତି, ନେତ୍ର ଅଙ୍କନର ପବିତ୍ର ନୀତି ସମ୍ପନ୍ନ କରନ୍ତି, ପାରମ୍ପରିକ ରୂପ ଓ ଆକୃତିକୁ ଅବିକୃତ ରଖନ୍ତି, ଏହି ସେବାକୁ ସେମାନେ କେବଳ ବୃତ୍ତି ଭାବେ ନୁହେଁ, ବରଂ ଭକ୍ତି ଓ ଆଧ୍ୟାତ୍ମିକ ସାଧନା ଭାବରେ ଗ୍ରହଣ କରନ୍ତି।

ଅନବସର କାଳରେ ଦଇତାପତି ସେବକମାନଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ପରମ୍ପରା ଅନୁଯାୟୀ, ସେମାନେ ମହାପ୍ରଭୁଙ୍କୁ ପରିବାରର ସଦସ୍ୟ ପରି ସେବା କରନ୍ତି। ସେମାନେ ପ୍ରଭୁଙ୍କୁ ଔଷଧ, ପଥ୍ୟ, ଫଳ ଓ ବିଶେଷ ଭୋଗ ଅର୍ପଣ କରନ୍ତି। ଅନବସର ସମୟରେ ସେମାନେ,

ମହାପ୍ରଭୁଙ୍କ ଶ୍ରୀଅଙ୍ଗର ଯତ୍ନ ନିଅନ୍ତି, ନବୀକରଣ କାର୍ଯ୍ୟରେ ସହଯୋଗ କରନ୍ତି, ଗୁପ୍ତ ନୀତିଗୁଡ଼ିକ ସମ୍ପାଦନ କରନ୍ତି, ନେତ୍ରୋତ୍ସବ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରନ୍ତି, ଦଇତାପତି ସେବା ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ପରମ୍ପରା, ଯାହା ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାକୁ ଜୀବନ୍ତ ରଖିଛି।ଶ୍ରୀଜଗନ୍ନାଥଙ୍କ ବଡ଼ ବଡ଼ ଗୋଲାକାର ନେତ୍ର ଭକ୍ତମାନଙ୍କ ପାଇଁ ଗଭୀର ଆଧ୍ୟାତ୍ମିକ ବାର୍ତ୍ତା ବହନ କରେ। ଏହି ନେତ୍ର ସମସ୍ତଙ୍କ ପ୍ରତି ସମାନ କୃପା, ସମଦୃଷ୍ଟି ଓ ସର୍ବବ୍ୟାପୀ ଚେତନାର ପ୍ରତୀକ। ମହାପ୍ରଭୁ କାହା ପ୍ରତି ପକ୍ଷପାତ କରନ୍ତି ନାହିଁ। ସେ ଧନୀ-ଦରିଦ୍ର, ଜାତି-ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି। ନେତ୍ରୋତ୍ସବ ଆମକୁ ମଧ୍ୟ ଶିଖାଏ ଯେ ଆମେ ଜୀବନକୁ ସକାରାତ୍ମକ ଦୃଷ୍ଟିରେ ଦେଖିବା, ମନର ଅଜ୍ଞାନ ଦୂର କରି ଜ୍ଞାନର ଆଲୋକକୁ ଗ୍ରହଣ କରିବା ଉଚିତ। ନେତ୍ରୋତ୍ସବ କେବଳ ଏକ ଧାର୍ମିକ ନୀତି ନୁହେଁ, ଏହା ସମାଜ ପାଇଁ ମଧ୍ୟ ଏକ ଶିକ୍ଷା। ଯେପରି ମହାପ୍ରଭୁ ନୂତନ ନେତ୍ରରେ ସମସ୍ତଙ୍କୁ ଦେଖନ୍ତି, ସେହିପରି ଆମେ ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ସଂକୀର୍ଣ୍ଣତା ଛାଡ଼ି ମାନବତାର ଦୃଷ୍ଟିରେ ସମସ୍ତଙ୍କୁ ଦେଖିବା ଉଚିତ। ଏହି ପର୍ବ ଆମକୁ କ୍ଷମା, ପ୍ରେମ, ସହଯୋଗ, ସହିଷ୍ଣୁତା ଓ ସମତାର ଶିକ୍ଷା ପ୍ରଦାନ କରେ। ନେତ୍ରୋତ୍ସବ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିର ଏକ ଅତ୍ୟନ୍ତ ପବିତ୍ର ଓ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଏହି ନୀତିରେ ଚିତ୍ରକାର ଓ ଦଇତାପତି ସେବକମାନଙ୍କ ନିଷ୍ଠା, ଭକ୍ତି ଓ ପାରମ୍ପରିକ ଜ୍ଞାନର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ। ନୂତନ ନେତ୍ର ଅଙ୍କନ ସହ ମହାପ୍ରଭୁଙ୍କ ଦିବ୍ୟ ରୂପ ପୁନର୍ବାର ପୂର୍ଣ୍ଣତା ଲାଭ କରେ ଏବଂ ଭକ୍ତମାନେ ନବଯୌବନ ଦର୍ଶନ ପାଇଁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରନ୍ତି। ନେତ୍ରୋତ୍ସବ ଭକ୍ତି, ଆଧ୍ୟାତ୍ମିକତା, କଳା ଓ ପରମ୍ପରାର ଏକ ଅନନ୍ୟ ସମନ୍ୱୟ, ଯାହା ଜଗନ୍ନାଥ ସଂସ୍କୃତିର ମହାନତାକୁ ପ୍ରତିଫଳିତ କରେ।

ଜଗନ୍ନାଥ ସଂସ୍କୃତିରେ ନବଯୌବନ ଦର୍ଶନ ଏକ ଅତ୍ୟନ୍ତ ପବିତ୍ର ଓ ଭାବପୂର୍ଣ୍ଣ ନୀତି। ସ୍ନାନଯାତ୍ରା ପରେ ପ୍ରାୟ ପନ୍ଦର ଦିନ ଧରି ଅନବସରରେ ରହିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ନୂତନ କାନ୍ତି, ନୂତନ ରୂପ ଓ ନୂତନ ନେତ୍ର ସହ ଭକ୍ତମାନଙ୍କୁ ପ୍ରଥମ ଥର ପାଇଁ ଦର୍ଶନ ଦିଅନ୍ତି। ଏହି ଦର୍ଶନକୁ ନବଯୌବନ ଦର୍ଶନ ବୋଲି କୁହାଯାଏ। "ନବଯୌବନ"ର ଅର୍ଥ ହେଉଛି ନୂତନ ଯୌବନ, ନୂତନ ସୌନ୍ଦର୍ଯ୍ୟ, ନୂତନ ଉତ୍ସାହ ଓ ନୂତନ ଜୀବନଶକ୍ତି। ଏହି ଦର୍ଶନ ମାଧ୍ୟମରେ ମହାପ୍ରଭୁ ଭକ୍ତମାନଙ୍କୁ ନୂତନ ଆଶା, ନୂତନ ବିଶ୍ୱାସ ଓ ନୂତନ ଜୀବନର ବାର୍ତ୍ତା ପ୍ରଦାନ କରନ୍ତି। ଅନବସର ଶେଷରେ ନେତ୍ରୋତ୍ସବ ସମ୍ପନ୍ନ ହେବା ପରେ ଶ୍ରୀବିଗ୍ରହମାନଙ୍କୁ ସୁନ୍ଦର ବେଶରେ ସଜାଯାଏ। ଶ୍ରୀଅଙ୍ଗରେ ନୂତନ ରଙ୍ଗ, ମୁଖମଣ୍ଡଳରେ ଅପୂର୍ବ କାନ୍ତି ଏବଂ ନୂତନ ନେତ୍ର ଅଙ୍କନ ପରେ ମହାପ୍ରଭୁ ପୁନର୍ବାର ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ। ସେବାୟତମାନେ ପାରମ୍ପରିକ ବିଧି ଅନୁଯାୟୀ ସମସ୍ତ ସେବା ସମ୍ପନ୍ନ କରନ୍ତି। ମହାପ୍ରଭୁଙ୍କ ଦିବ୍ୟ ରୂପ ଦେଖି ଭକ୍ତମାନେ ଆନନ୍ଦରେ ଆତ୍ମବିଭୋର ହୋଇଯାନ୍ତି। ନବଯୌବନ କେବଳ ଶାରୀରିକ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ। ଏହା ଜୀବନର ନୂତନ ଆରମ୍ଭ, ନୂତନ ଚେତନା ଓ ନୂତନ ସମ୍ଭାବନାର ପ୍ରତୀକ। ଏହି ପର୍ବ ଆମକୁ ଶିଖାଏ ଯେ ଜୀବନରେ କଷ୍ଟ ପରେ ସୁଖ ଆସେ, ରୋଗ ପରେ ସୁସ୍ଥତା ଆସେ, ଅନ୍ଧକାର ପରେ ଆଲୋକ ଆସେ, ନିରାଶା ପରେ ଆଶାର ଉଦୟ ହୁଏ। ମହାପ୍ରଭୁଙ୍କ ନବଯୌବନ ରୂପ ମାନବ ସମାଜକୁ ସର୍ବଦା ଆଶାବାଦୀ ହୋଇ ରହିବାର ପ୍ରେରଣା ଦେଇଥାଏ।

ଭକ୍ତମାନଙ୍କ ଭାବନା ଅନବସର ସମୟରେ ଭକ୍ତମାନେ ପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ରହନ୍ତି। ଏହି ବିରହର ସମୟ ଭକ୍ତଙ୍କ ହୃଦୟରେ ଅତ୍ୟନ୍ତ ଗଭୀର ଆକୁଳତା ସୃଷ୍ଟି କରେ। ନବଯୌବନ ଦର୍ଶନ ଦିନ ସେହି ଆକୁଳତା ଆନନ୍ଦରେ ପରିଣତ ହୁଏ। ଭକ୍ତମାନେ ଭାବବିହ୍ୱଳ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି। ଅନେକ ଭକ୍ତଙ୍କ ଆଖିରେ ଆନନ୍ଦାଶ୍ରୁ ଆସିଯାଏ। ସେମାନଙ୍କ ବିଶ୍ୱାସ ଯେ, ନବଯୌବନ ଦର୍ଶନ କଲେ ଜୀବନରେ ସୁଖ, ଶାନ୍ତି ଓ ଆଧ୍ୟାତ୍ମିକ ଉନ୍ନତି ଲାଭ ହୁଏ। ନବଯୌବନ ଦର୍ଶନ ଓ ରଥଯାତ୍ରା ପରସ୍ପର ସହ ନିବିଡ଼ ଭାବରେ ଜଡ଼ିତ।

ଅନବସରରୁ ସୁସ୍ଥ ହୋଇ ନୂତନ ଯୌବନରେ ମହାପ୍ରଭୁ ପରଦିନ ରଥାରୋହଣ କରନ୍ତି। ସେ ତାଙ୍କ ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଏହି କାରଣରୁ ନବଯୌବନ ଦର୍ଶନକୁ ରଥଯାତ୍ରାର ପୂର୍ବ ପ୍ରସ୍ତୁତି ବୋଲି କୁହାଯାଏ। ଏହା ରଥଯାତ୍ରାର ଆଧ୍ୟାତ୍ମିକ ଆରମ୍ଭ। ଜଗନ୍ନାଥ ସଂସ୍କୃତିରେ ପ୍ରତ୍ୟେକ ନୀତି ଜୀବନ ପାଇଁ ଏକ ଶିକ୍ଷା। ନବଯୌବନ ଦର୍ଶନ ଆମକୁ ଶିଖାଏ ଯେ ନିଜକୁ ସମୟ ସମୟରେ ନବୀକରଣ କରିବା, ଖରାପ ଅଭ୍ୟାସ ତ୍ୟାଗ କରି ଭଲ ଗୁଣ ଗ୍ରହଣ କରିବା, ନୂତନ ଉତ୍ସାହ ସହ କାର୍ଯ୍ୟ କରିବା, ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା। ଯେପରି ମହାପ୍ରଭୁ ନୂତନ ରୂପରେ ଦର୍ଶନ ଦିଅନ୍ତି, ସେହିପରି ମଣିଷ ମଧ୍ୟ ଆତ୍ମଶୁଦ୍ଧି ଓ ସତ୍କର୍ମ ଦ୍ୱାରା ନିଜ ଜୀବନକୁ ସୁନ୍ଦର କରିପାରେ। ନବଯୌବନ ଦର୍ଶନ ଭକ୍ତଙ୍କୁ କେବଳ ଦିବ୍ୟ ରୂପର ଦର୍ଶନ ଦିଏ ନାହିଁ; ଏହା ତାଙ୍କ ଅନ୍ତରାତ୍ମାକୁ ମଧ୍ୟ ଜାଗ୍ରତ କରେ।ଏହି ଦର୍ଶନ ଆମକୁ ସ୍ମରଣ କରାଏ ଯେ, ଈଶ୍ୱର ସଦା ଜୀବନ୍ତ, ତାଙ୍କର କୃପା କେବେ ଶେଷ ହୁଏ ନାହିଁ, ସେ ସମସ୍ତଙ୍କୁ ସମାନ ଭାବରେ ଭଲପାଆନ୍ତି, ଭକ୍ତି ହିଁ ଈଶ୍ୱରଙ୍କୁ ପ୍ରାପ୍ତ କରିବାର ସରଳ ପଥ, ନବଯୌବନ ଦର୍ଶନ ଭକ୍ତମାନଙ୍କ ମନରେ ଭକ୍ତି, ଶାନ୍ତି, ସନ୍ତୋଷ ଓ ଆତ୍ମବିଶ୍ୱାସର ସଞ୍ଚାର କରେ। ନବଯୌବନ ଦର୍ଶନ ଶ୍ରୀଜଗନ୍ନାଥଙ୍କ ଲୀଳାର ଏକ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ଅଧ୍ୟାୟ। ଏହା କେବଳ ଏକ ଧାର୍ମିକ ଦର୍ଶନ ନୁହେଁ; ବରଂ ନୂତନ ଜୀବନ, ନୂତନ ଚେତନା, ନୂତନ ଆଶା ଓ ନୂତନ ଭକ୍ତିର ପ୍ରତୀକ। ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଏହି ନବଯୌବନ ରୂପ ଭକ୍ତମାନଙ୍କ ହୃଦୟକୁ ଆନନ୍ଦ, ଉତ୍ସାହ ଓ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଦିଏ। ତେଣୁ ନବଯୌବନ ଦର୍ଶନ ଜଗନ୍ନାଥ ସଂସ୍କୃତିର ଏକ ଅମୂଲ୍ୟ ଐତିହ୍ୟ ଓ ଭକ୍ତମାନଙ୍କ ପାଇଁ ଅନନ୍ତ ଆଶୀର୍ବାଦର ମହାପର୍ବ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ:୮୨୪୯୫୦୨୭୭୬

# ମିଛ ମାୟା ସଂସାର

ଆଶୁତୋଷ ନାୟକ





ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ସବୁଠୁ ବୃଦ୍ଧିମାନ, ରୂପରେ ବିଦ୍ୟାରେ ସର୍ବଗୁଣସମ୍ପର୍ଣ୍ଣ ଭାବେ ନିଜକୁ ପ୍ରମାଣିତ କରିବାର ସମସ୍ତ ସାମର୍ଥ ତା ପାଖରେ ରହିଛି। ଆମ ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଟ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ। ସେଥିପାଇଁ ଶ୍ରୀମଦଭାଗବତମ° ୭/ ୬/୨ ରେ ଏହା ବର୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ।

ଗୋଟିଏ ସହରରେ ଜଣେ ଧନୀ ବ୍ୟବସାୟୀ ରହୁଥିଲେ। ସମସ୍ତେ ତାଙ୍କୁ ଶଙ୍କର ସେଠ ବୋଲି ଡାକୁଥିଲେ। ତାଙ୍କର ଅମାପ ସମ୍ପତ୍ତି ଥିଲା, ପୁଳା ପୁଳା ଟଙ୍କା ଥିଲା, ସୁନା, ହୀରା, ମୋତି ମାଣିକରେ ପରିପୂର୍ଣ୍ଣ ଥିଲା ତାଙ୍କର ଗୃହ। ପୂର୍ବକାଳର ରାଜାମହାରାଜାଙ୍କ ପରି ତାଙ୍କର ସୁରମ୍ୟ ଅଟ୍ଟାଳିକା ଥିଲା। ତାଙ୍କର ଅନେକ ପତିଆରା ଥିଲା। ତାଙ୍କର ଅର୍ଥବଳ, ବାହୁବଳ, କ୍ଷମତା ପାଇଁ ମନରେ ଅହଂକାର ରହିଥିଲା। ସେ ଅର୍ଥ ଏବଂ ପତ୍ନୀଙ୍କୁ ନିଜର ପ୍ରାଣ ଠାରୁ ଅଧିକ ଭଲ ପାଉଥିଲେ। ସେ ନାସ୍ତିକ ଥିଲେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଉଠାଉଥିଲେ। ସେ ଯେକୌଣସି ଉପାୟରେ କଳେବଳେ କୌଶଳରେ ଅନ୍ୟାୟ, ଅନୀତି ଉପାୟରେ ଅର୍ଥ ଉପାର୍ଜନ କରିବାକୁ ମଧ୍ୟ ପଛଘୁଞ୍ଚା ଦେଉନଥିଲେ। ସେ ଏବଂ ତାଙ୍କର ପତ୍ନୀ ବିଳାସବ୍ୟସନରେ ନିଜର ସମୟ ଅତିବାହିତ କରୁଥିଲେ। ଧନୀ ବ୍ୟବସାୟୀଙ୍କ ପତ୍ନୀ ଦିନେ ଶରୀରରେ ଅସୁସ୍ଥତା ଅନୁଭବ କଲେ। ସେ ଏମିତି ଏକ ଦୁରାରୋଗ୍ୟରେ ପୀଡିତ ହେଲେ ଯେ କୌଣସି ଔଷଧ ତାଙ୍କୁ କାଟୁକଲା ନାହିଁ। ଅନେକ ବଡ଼ ବଡ଼ ଚିକିତ୍ସକ ମଧ୍ୟ ତାଙ୍କୁ ସୁସ୍ଥ କରିପାରିଲେ ନାହିଁ। ଶେଷରେ ଧନୀ ବ୍ୟବସାୟୀ ଶଙ୍କର ସେଠ ନିଜର ପତ୍ନୀଙ୍କ ଚିକିତ୍ସା ପାଇଁ ତାଙ୍କୁ ଆମେରିକା ନେଇଗଲେ। ତାଙ୍କୁ ସୁସ୍ଥ କରିବା ପାଇଁ ବଡ଼ ବଡ଼ ଚିକିତ୍ସକଙ୍କ ସ୍ୱତନ୍ତ୍ର ଟିମ ଗଠନ କରାଗଲା ଯେଉଁଥିରେ ଦଶରୁ ଅଧିକ ଚିକିତ୍ସକ ରହିଥିଲେ। ଆମେରିକାର ସବୁଠୁ ବଡ଼ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଗଲା। ୩ମାସରୁ ଅଧିକ ସମୟ ଧନୀ ବ୍ୟବସାୟୀ ପତ୍ନୀଙ୍କ ଚିକିତ୍ସା କରାଗଲା ସେ ଧୀରେ ଧୀରେ ସୁସ୍ଥ ହେଲେ। କିନ୍ତୁ ସେ ଧନୀ ବ୍ୟବସାୟୀଙ୍କ ଭାଗ୍ୟର ବିଡମ୍ବନା ଏହିକି ଯାହାକିଛି ଅର୍ଥ, ଧନ ସମ୍ପତ୍ତି ଅର୍ଜନ କରିଥିଲେ ନିଜର ଜୀବନ କାଳ ମଧ୍ୟରେ ସେ ସମସ୍ତ ଅର୍ଥ ପତ୍ନୀଙ୍କ ଚିକିତ୍ସାରେ ଖର୍ଚ୍ଚ ହେଇଗଲା। ତାଙ୍କର ପରିସ୍ଥିତି ଏତେ ଜଟିଳ ହେଇଗଲା ଯେ ସେ ଋଣ ଭାରରେ ଭାରାକ୍ରାନ୍ତ ହେଇଗଲେ ନିଜକୁ ଅସହାୟ ମନେକଲେ। ଶଙ୍କର ସେଠ ଦୁଃଖରେ ମ୍ରିୟମାଣ ହୋଇଗଲେ ତାଙ୍କର ହୃଦୟ ଫାଟି ପଡ଼ିଲା ଯେତେବେଳେ ନିଜର ପ୍ରାଣଠାରୁ ଅଧିକ ଭଲ ପାଉଥିବା ପତ୍ନୀ ତାଙ୍କ ଠାରୁ ସମସ୍ତ ସମ୍ପର୍କ ବିଚ୍ଛିନ୍ନ କରି ଆଉ ଜଣେ ବିରାଟ ଧନୀ ବ୍ୟବସାୟୀଙ୍କୁ ବିବାହ କଲେ। ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ କରୁଥିବା ଶଙ୍କର ସେଠ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତଙ୍କ ସମ୍ପୂର୍ଣ ସମର୍ପିତ ହେଲେ ଯେତେବେଳେ ତାଙ୍କ ପତ୍ନୀଙ୍କ ଠାରୁ ତାଙ୍କୁ ଛଳନା, ପ୍ରତାରଣା, ଲାଞ୍ଛନା, ନିନ୍ଦା, ଅପବାଦ ମିଳିଲା ଅନୁତାପର ନିଆଁ ରେ ସେ ଜଳିବାକୁ ଲାଗିଲେ ଆଉ ସେ ପ୍ରତିଜ୍ଞା କଲେ ବଞ୍ଚିଥିବା ପ୍ରଯ୍ୟନ୍ତ ମହାପ୍ରଭୁ କାଳିଆ ସାଆନ୍ତଙ୍କ ସେବାରେ ନିଜର ଜୀବନକୁ ଉତ୍ସର୍ଗ କରିବେ। ସେଥିପାଇଁ କୁହାଯାଏ

'ମିଛମାୟା ସଂସାର
ଏଠି କେହି ନୁହେଁ କାହାର
ଏକା ଚକାଆଖି ନିଜର '।

ଗୋପାଳପୁର, ବାଲେଶ୍ୱର, ମୋବାଇଲ:୭୦୨୦୬୧୧୩୦୦

## ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ଜାରି

# ୧୪ ଆମେରିକୀୟ ସୈନିକ ମୃତ, ୪୧୪ ଆହତ

ୱାଶିଂଟନ, ୧୪।୭: ଆମେରିକା-ଇରାନ ଯୁଦ୍ଧରେ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ଏଥିସହିତ ଆହତ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ୪୧୪କୁ ବୃଦ୍ଧି ପାଇଛି ବୋଲି ଆମେରିକା କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ କହିଛି। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଆହତ ସୈନିକମାନଙ୍କ ମଧ୍ୟରୁ ଅଧିକାଂଶ ଟ୍ରମାଟିକ୍ ବ୍ରେନ୍ ଆଘାତ (ଟିବିଆଇ)ରେ ପୀଡ଼ିତ ଥିଲେ। ଏହା ମୁଣ୍ଡ ଏବଂ ମସ୍ତିଷ୍କରେ ଗୁରୁତର ଆଘାତ ଯୋଗୁଁ ସୃଷ୍ଟି ହୋଇଥିଲା। ଏପରି ଆଘାତ ସାଧାରଣତଃ ମିସାଇଲ୍ ଆକ୍ରମଣ ଓ ବଡ଼ ବିସ୍ଫୋରଣ ନିକଟରେ ଥିବା ସୈନିକମାନଙ୍କଠାରେ ଦେଖାଦେଇଥାଏ। ପୂର୍ବରୁ ପୃଥକ ଘଟଣାରେ ୧୩ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ହୋଇଥିଲା। ୧୩ ଜଣଙ୍କ ମୃତ୍ୟୁ ମଧ୍ୟରୁ କୁଏତର ଏକ କମାଣ୍ଡ ସେଣ୍ଟର ଉପରେ ଇରାନୀ ଡ୍ରୋନ୍ ଆକ୍ରମଣରେ ୬ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ହୋଇଥିଲା। ସାଉଦି ଆରବର ପ୍ରିନ୍ସ ସୁଲତାନ ବାୟୁ ଘାଟି ଉପରେ ଆକ୍ରମଣରେ ଆଉ ଜଣେ ସୈନିକ ଆହତ ହୋଇଥିଲେ। ଗୋଟିଏ ସପ୍ତାହ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଇରାକରେ ଏକ ଆମେରିକୀୟ ସାମରିକ କେସି-୧୩୫ ଇନ୍ଧନ ଭର୍ତ୍ତି ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଅନ୍ୟ ଛଅ ଜଣଙ୍କର ମୃତ୍ୟୁ ହୋଇଥିଲା। କେନ୍ଦ୍ରୀୟ କମାଣ୍ଡ ରିପୋର୍ଟ କରିଛି ଯେ, ଏ ପର୍ଯ୍ୟନ୍ତ ୪୧୪ ଜଣ ଆମେରିକୀୟ ସୈନିକ ଆହତ ହୋଇଛନ୍ତି। ଜୁଲାଇ ୧୩ ତାରିଖରେ ଏହି ତାଲିକାରେ ଆଉ ଜଣେ ଆମେରିକୀୟ ବାୟୁସେନା ସୈନିକଙ୍କୁ ଯୋଡ଼ା ଯାଇଛି, କିନ୍ତୁ ତାଙ୍କ ଆଘାତ ବିଷୟରେ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ।



### ହିଟ୍ ଲିଷ୍ଟରେ ପିକାକ୍ସ ପର୍ବତ

ଇରାନ୍‌ର ରଣନୈତିକ ପରମାଣୁ ସ୍ଥଳ 'ପିକାକ୍ସ ପର୍ବତ' ଖୁବ୍ ଶୀଘ୍ର ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ଲକ୍ଷ୍ୟସ୍ଥଳ ହୋଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହି ସ୍ଥାନଟି କେବଳ ଆମେରିକାର ନିରନ୍ତର ନଜରରେ ନାହିଁ, ବରଂ ସମ୍ଭାବ୍ୟ ସାମରିକ ହିଟ୍ ଲିଷ୍ଟର ଶୀର୍ଷରେ ମଧ୍ୟ ଅଛି। ପିକାକ୍ସ ପର୍ବତ ଇରାନର ଜାଗ୍ରୋସ୍ ପର୍ବତମାଳାରେ ଥିବା ଏକ ରହସ୍ୟମୟ ଭୂତଳ ସ୍ଥାନ। ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଦ୍ୟତମ ଟାର୍ଗେଟ ପାଲଟିଛି। ଏହାକୁ କୁହ-ଏ କୋଲାଙ୍ଗ ଗାଜ୍ ଲା ମଧ୍ୟ କୁହାଯାଏ।

### ଯୁଦ୍ଧକୁ ପଶିଲା ହୋଥି

#### ସାଉଦି ବିମାନ ଘାଟିରେ କ୍ଷେପଣାସ୍ତ୍ର ମାଡ଼

ସାନା/ରିଆଦ, ୧୪।୭: ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବା ବେଳେ ଏହାର ପ୍ରଭାବ ଇରାନ ସମର୍ଥିତ ଦେଶ ଓ ସଂଗଠନ ଉପରେ ପଡ଼ିଛି। ଇରାନ ସମର୍ଥିତ ୟେମେନ୍‌ର ହୋଥି ବିଦ୍ରୋହୀ ସଂଗଠନ ପ୍ରତ୍ୟକ୍ଷ ନହେଲେ ବି ପରୋକ୍ଷରେ ଯୁଦ୍ଧ ମୈଦାନକୁ ଓହ୍ଲାଇଛି। ୟେମେନ୍‌ର ହୋଥି ବିଦ୍ରୋହୀ ସଂଗଠନ ସୋମବାର ବିଳମ୍ବିତ ରାତିରେ ସାଉଦି ଆରବର ଦକ୍ଷିଣ-ପଶ୍ଚିମ ଆଭା ବିମାନ ବନ୍ଦର ଉପରେ ମିଶାଇଲ୍ ମାଡ଼ କରିଛି। ଇରାନ୍ ବିପକ୍ଷ ଯୁଦ୍ଧରେ ସାଉଦି ଆରବ ଆମେରିକାକୁ ସହାୟତା କରୁଥିବାରୁ ଇରାନ ସମର୍ଥିତ ୟେମେନ୍‌ର ଏହି ସଂଗଠନ ଏଭଳି ପଦକ୍ଷେପ ଉଠାଇଥିବା କୂଟନୀତିଜ୍ଞମାନେ ଅନୁମାନ କରୁଛନ୍ତି। ସୋମବାର ମିଶାଇଲ ଆକ୍ରମଣ ପରେ ସାଉଦି ଆରବ ଓ ହୋଥି ସଂଗଠନ ମଧ୍ୟରେ ଜାରି ହୋଇଥିବା ୪ ବର୍ଷର ଶାନ୍ତିଚୁକ୍ତି ଭଙ୍ଗ ହୋଇଛି।

#### ବିମାନ ଚଳାଚଳ ଉପରେ ଇୟୁର କଟକଣା

ବ୍ରସେଲ୍ସ: ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧିପାଉଥିବା ପରିପ୍ରେକ୍ଷୀରେ ବିମାନ ଚଳାଚଳ ନେଇ ୟୁରୋପୀୟ ସଂଘ କଟକଣା ଜାରି କରିଛି। କୁଏତ, ବାହାରିନ୍, କତାର, ସଂଯୁକ୍ତ ଆରବ ଏମିରେଟ୍ସ ଆଦି ଉପସାଗରୀୟ ଦେଶର ଆକାଶରେ କୌଣସି ବିମାନ ଚଳାଚଳ ନକରିବାକୁ ୟୁରୋପୀୟ ସଂଘ ସତର୍କ କରାଇ ଦେଇଛି। ସେହିଭଳି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ସୁଧାର ନ ଆସିବା ଯାଏ ଓମାନ ଉପସାଗରରେ ଜାହାଜ ଚଳାଚଳ ନ କରିବାକୁ ୟୁରୋପୀୟ ସଂଘର ବିମାନ ଚଳାଚଳ ନିରାପତ୍ତା ସଂସ୍ଥା ସଂଘଭୁକ୍ତ ଦେଶଗୁଡ଼ିକୁ ପରାମର୍ଶ ଦେଇଛି। ବୁଶେହର ସମେତ ଇରାନର ଚାରିଗୋଟି ସହର ଉପରେ ଆମେରିକା ସାନି ପ୍ରୋଜେକ୍ଟାଇଲ୍ (ଉତ୍କ୍ଷେପକ) ମାଡ଼ କରିଛି ବୋଲି ଇରାନର ସରକାରୀ ଗଣମାଧ୍ୟମ ଇର୍‌ନା ରିପୋର୍ଟ ପ୍ରକାଶ କରିଛି।

### ବୈଷ୍ଣୋଦେବୀ ମନ୍ଦିରରେ ମହାଘୋଟାଲା

## ୫୦୦ କୋଟିର ରୁପା ନକଲି



ଜମ୍ମୁ, ୧୪।୭: ପ୍ରସିଦ୍ଧ ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିରରେ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ପ୍ରାୟ ୫୦୦ କୋଟିରୁ ଅଧିକ ଟଙ୍କାର ରୁପା ଚଢ଼ାଇବା ନକଲି ଥିଲା ନା ଏହାକୁ ବଦଳାଇ ଦିଆଯାଇଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ଘଟଣାକୁ ନେଇ ଏବେ ଜମ୍ମୁ କୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବହୁଚର୍ଚ୍ଚିତ ମାମଲାର ଶୁଣାଣି କରି ଜମ୍ମୁର ମୁଖ୍ୟ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ମୁନୀଶ କୁମାର ମନସଙ୍କ ଅଦାଲତ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀଙ୍କୁ ସମସ୍ତ ଆବଶ୍ୟକୀୟ ରେକର୍ଡ ସହିତ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୯ ତାରିଖରେ ହେବ।

### ରାଜ୍ୟଗୋଷ୍ଠୀ ଟେବୁଲ୍ ଟେନିସ୍ ମାସ୍କଟ୍ ମୟୂର ଉନ୍ମୋଚିତ



ନୂଆଦିଲ୍ଲୀ, ୧୪।୭: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ୨୨ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ ଚାମ୍ପିଅନସିପ୍-୨୦୨୬ର ଅଫିସିଆଲ୍ ମାସ୍କଟ୍ 'ମୟୂର'ର ଉନ୍ମୋଚନ କରିଛନ୍ତି। ଜୁଲାଇ ୨୭ରୁ ଅଗଷ୍ଟ ୨ ମଧ୍ୟରେ ତ୍ୟାଗରାଜ ଷ୍ଟାଡିଅମ୍‌ରେ ଏହି ଟେନିସ୍ ଟୁର୍ଣ୍ଣାମେଣ୍ଟ ହେବାର କାର୍ଯ୍ୟସୂଚୀ ରହିଛି। ଭାରତର ଜାତୀୟ ପକ୍ଷୀ ମୟୂର ଦ୍ୱାରା ଅନୁପ୍ରାଣୀତ ହୋଇ ଏହି ମାସ୍କଟକୁ ପ୍ରସ୍ତୁତ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକ ପତାକାକୁ ପ୍ରତିନିଧିତ୍ୱ କରୁଥିବା ମାସ୍କଟ ମୟୂରର ପକ୍ଷ ରହିଛି। ଏକତା, ବନ୍ଧୁତା ଓ କ୍ରୀଡ଼ାପ୍ରେମର ପ୍ରତୀକ ଭାବରେ ମାସ୍କଟକୁ ପ୍ରସ୍ତୁତ କରାଯାଇଛି। ମାସ୍କଟ ଅନାବରଣ କରି ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି ଯେ, ବିଶ୍ୱ ଦରବାରରେ ଦିଲ୍ଲୀର କ୍ରୀଡ଼ା ଭିତ୍ତିଭୂମିକୁ ପ୍ରଦର୍ଶନ କରିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଏକ ଅବସର ଆଣିଛି। କ୍ରୀଡ଼ା ସୁବିଧା ବୃଦ୍ଧି, କ୍ରୀଡ଼ାବିତଙ୍କୁ ସମର୍ଥରେ ଉନ୍ନତି ଆଣିବା ଲାଗି ଦିଲ୍ଲୀ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ସେ ଏହି ଅବସରରେ ଦୋହରାଇଛନ୍ତି।

#### ରାମ ମନ୍ଦିର ଦାନ ଚୋରି ମାମଲା

### ଏସ୍‌ଆଇଟିକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୭: ଅଯୋଧ୍ୟା ରାମମନ୍ଦିରକୁ ମିଳିଥିବା ଦାନ ଟଙ୍କା ଆତ୍ମସାତ୍ ଅଭିଯୋଗର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ଗଠନ କରିଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ମାମଲା ଉପରେ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଭି. ମୋହନଙ୍କ ଖଣ୍ଡପୀଠ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ନୋଟିସ ଜାରି କରିଛନ୍ତି। ଦାନ ଟଙ୍କା ଚୋରି ବିବାଦର ନ୍ୟାୟସଙ୍ଗତ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ଶେଷ କରିବାକୁ ନିବେଦନ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ୩ ପିଟିଶନରଙ୍କ ମଧ୍ୟରୁ ନରେନ୍ଦ୍ର କୁମାର ଗୋସ୍ୱାମୀ ଘଟଣାର ସିବିଆଇ ତଦନ୍ତ ଦାବିରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ୨୦ ବର୍ଷ ପରେ କୋଲକାତା ଫେରିବେ ତସଲିମା



କୋଲକାତା, ୧୪।୭: ପ୍ରାୟ ଦୀର୍ଘ ୨୦ ବର୍ଷ ପରେ କୋଲକାତାରେ ପାଦ ରଖିବାକୁ ଯାଉଛନ୍ତି ପ୍ରଖ୍ୟାତ ବାଂଲାଦେଶୀ ଲେଖିକା ତସଲିମା ନସରୀନ। ଅଗଷ୍ଟ ୧ ତାରିଖରେ କୋଲକାତାର ରବୀନ୍ଦ୍ର ସଦନରେ ମୌଲବାଦୀ ବିରୋଧୀ କବି ଓ ଲେଖକମାନଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ଯାହାର ସୂଚନା ତସିଲୀମା ନିଜେ ସୋସିଆଲ ମିଡିଆରେ ଦେଇଛନ୍ତି। ସୋସିଆଲ୍ ମିଡିଆରେ ତସଲିମାଙ୍କର ଏହି ସୂଚନା ପରେ ସାହିତ୍ୟିକ ଏବଂ ସାଂସ୍କୃତିକ ମହଲରେ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୨୦୦୭ ମସିହାରେ ପଶ୍ଚିମବଙ୍ଗରେ ବାମପନ୍ଥୀ ସରକାରଥିବା ବେଳେ ତସଲିମା ନାସରିନଙ୍କୁ କୋଲକାତା ଛାଡିବାକୁ ପଡ଼ିଥିଲା।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସମୟ ମାଗିଲେ କେଜ୍ରିୱାଲ

ନୂଆଦିଲ୍ଲୀ,୧୪।୭: ଇଥାନଲ୍ ମିଶ୍ରିତ (ଇ-୨୦) ପେଟ୍ରୋଲକୁ ନେଇ ଦେଖାଦେଇଥିବା ଜନ ଅସନ୍ତୋଷ ଓ ବୈଷୟିକ ସମସ୍ୟା ବାବଦରେ ଆଲୋଚନା କରିବା ପାଇଁ ଆମ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପାଇଁ ସମୟ ମାଗିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଏକ ପତ୍ରରେ କେଜ୍ରିୱାଲ ସାଧାରଣ ଗ୍ରାହକଙ୍କୁ ପେଟ୍ରୋଲ ପମ୍ପରେ ଶୁଦ୍ଧ ପେଟ୍ରୋଲ କିମ୍ବା ଇ-୨୦ ପେଟ୍ରୋଲ ମଧ୍ୟରେ ବିକଳ୍ପ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ସାଧାରଣ ଜନତାଙ୍କଠାରୁ ମିଳିଥିବା ମତାମତ ଏବଂ ଇ-୨୦ ପେଟ୍ରୋଲର ସମସ୍ୟାଗୁଡ଼ିକୁ ସେ ପ୍ରଧାନମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି ବୋଲି ପ୍ରକାଶ କରିଛନ୍ତି। ନିୟମିତ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲ କମ୍ ମାଇଲେଜ୍ ଦେଉଥିବାରୁ ଏହାର ମୂଲ୍ୟ ହ୍ରାସ କରିବାକୁ ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଆପ୍ ପକ୍ଷରୁ ଏକ ଅନଲାଇନ୍ ପିଟିସନ୍ ଆରମ୍ଭ କରାଯାଇଛି, ଯେଉଁଠି ନାଗରିକମାନେ ଇ-୨୦ ପେଟ୍ରୋଲ ବ୍ୟବହାରର ମାଇଲେଜ୍ ସମ୍ବନ୍ଧୀୟ ଅଭିଜ୍ଞତା ସେୟାର୍ କରିପାରିବେ ଏବଂ ଏହି ସ୍ୱାକ୍ଷରିତ ପିଟିସନକୁ ପ୍ରଧାନମନ୍ତ୍ରୀଙ୍କୁ ହସ୍ତାନ୍ତର କରାଯିବ। ପ୍ରଧାନମନ୍ତ୍ରୀ ମୋଦି ଖୁବଶୀଘ୍ର ତାଙ୍କୁ ସାକ୍ଷାତ ପାଇଁ ସମୟ ଦେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### କେନ୍ଦ୍ର ଓ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍



ଭୋଜଶାଳା ବିବାଦ

ନୂଆଦିଲ୍ଲୀ, ୧୪।୭: ମଧ୍ୟପ୍ରଦେଶର ଧାରରେ ଥିବା ଭୋଜଶାଳା ପରିସରର ଧାର୍ମିକ ପରିଚୟ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରୁଛନ୍ତି। ସୁପ୍ରିମକୋର୍ଟ ସୂଚିତ କରିଛନ୍ତି, ଯେ ହିନ୍ଦୁ ଏବଂ ମୁସଲିମ ଉଭୟ ପକ୍ଷଙ୍କ ଅଧିକାରକୁ କ୍ଷତି ନ ପହଞ୍ଚାଇ ଆଖପାଖରେ ଥିବା କିଛି ଅଞ୍ଚଳକୁ ଶୁକ୍ରବାର ନମାଜ ପାଠ ପାଇଁ ନିର୍ଦ୍ଦିଷ୍ଟ କରାଯାଇପାରିବ। କୋର୍ଟ କହିଛନ୍ତି, ଆମେ ପ୍ରତିଦିନ ମାମଲାର ଶୁଣାଣି କରିବାକୁ ଏବଂ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତୁତ। ଧାର ଜିଲ୍ଲାର ବିବାଦୀୟ ଏକାଦଶ ଶତାବ୍ଦୀର ଭୋଜଶାଳା-କମଲ ମୌଲା ସଂକଳନକୁ ଦେବୀ ସରସ୍ୱତୀଙ୍କ ମନ୍ଦିର ବୋଲି ଘୋଷଣା କରାଯାଇଥିବା ହାଇକୋର୍ଟଙ୍କର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ମୁସଲିମ ପକ୍ଷ ଦ୍ୱାରା ଦାୟର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ଓ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ମାମଲାକୁ ଯାଞ୍ଚ୍ କରାଯିବ ଓ ଏହି ସମୟ ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ସ୍ୱରୂପ ମୁସଲିମ ସମ୍ପ୍ରଦାୟକୁ ଶୁକ୍ରବାର ଅପରାହ୍ଣ ୧ଟାରୁ ୩ଟା ମଧ୍ୟରେ ନମାଜ ପାଠ କରିବା ପାଇଁ ପରିସର ନିକଟରେ ଏକ ପୃଥକ ଖୋଲା ସ୍ଥାନ ଦିଆଯାଉ। ସୁପ୍ରିମକୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସୁପ୍ରିମକୋର୍ଟଙ୍କ ଅନୁମତି ବିନା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ) କୌଣସି ସାଂରଚନିକ ପରିବର୍ତ୍ତନ କରିବ ନାହିଁ।

## ଜାତିସଂଘ ସୁରକ୍ଷା ପରିଷଦ ଅସ୍ଥାୟୀ ସଦସ୍ୟତା ପାଇଁ ଭାରତର ଅଭିଯାନ



ନ୍ୟୁୟର୍କ/ନୂଆଦିଲ୍ଲୀ, ୧୪।୭: ଭାରତ ୨୦୨୮-୨୯ କାର୍ଯ୍ୟକାଳ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ର ଅସ୍ଥାୟୀ ସଦସ୍ୟ ହେବା ପାଇଁ ନିଜର ନିର୍ବାଚନ ଅଭିଯାନ ଆରମ୍ଭ କରିଛି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଯେ, ଭାରତ ପାଖରେ ଶାନ୍ତି ପ୍ରତିଷ୍ଠାର ଉଲ୍ଲେଖନୀୟ ରେକର୍ଡ ରହିଛି, ବିକାଶ ପାଇଁ ଭାରତ ଅନ୍ୟ ଦେଶମାନଙ୍କ ସହିତ ସହଭାଗୀ ଏବଂ ଏକ ନିୟମ-ଆଧାରିତ ବିଶ୍ୱ ବ୍ୟବସ୍ଥାରେ ବିଶ୍ୱାସ କରେ। ଏହା ସହିତ ଜୟଶଙ୍କର ଶାନ୍ତି ନେଇ ଭାରତର ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି। ଜାତିସଂଘ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର 'ଶାନ୍ତି: ଜାତିସଂଘ ସୁରକ୍ଷା ପରିଷଦ ୨୦୨୮-୨୯' ପାଇଁ ଭାରତର ମାନଦଣ୍ଡ,ବିଶ୍ୱାସ ଏବଂ ନିଷ୍ଠା ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାତିସଂଘରେ ଥିବା ବିଭିନ୍ନ ଦେଶର ସ୍ଥାୟୀ ପ୍ରତିନିଧି, କୂଟନୀତିଜ୍ଞ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ଭାରତ କହିଛି ଯେ ଜାତିସଂଘ ପ୍ରତି ଏହାର ଆଭିମୁଖ୍ୟ ଶାନ୍ତିର ଧାରଣା ଉପରେ ଆଧାରିତ, ଯାହାର ଅର୍ଥ ହେଉଛି ମାନଦଣ୍ଡ, ବିଶ୍ୱାସ ଏବଂ ଅଖଣ୍ଡତା ମାଧ୍ୟମରେ ଅନ୍ତର୍ଭୁକ୍ତ ପ୍ରଗତି ସୁନିଶ୍ଚିତ କରିବା। ଭାରତ ପୂର୍ବରୁ ୨୦୨୧-୨୨ କାର୍ଯ୍ୟକାଳ ପାଇଁ ସୁରକ୍ଷା ପରିଷଦର ଏକ ଅସ୍ଥାୟୀ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲା। ୨୦୨୮-୨୯ କାର୍ଯ୍ୟକାଳ ପାଇଁ ନିର୍ବାଚନ ଆସନ୍ତା ବର୍ଷ ଜୁନ୍ ମାସରେ ଅନୁଷ୍ଠିତ ହେବ। ଭାରତ ଏବଂ ତାଜିକିସ୍ତାନ ଏସିଆ-ପ୍ରଶାନ୍ତ ମହାସାଗରୀୟ ଗୋଷ୍ଠୀର ଏକମାତ୍ର ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଜୟଶଙ୍କର ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେ ପୂର୍ବରୁ ଜୁଲାଇ ୫-୧୦ ପର୍ଯ୍ୟନ୍ତ କତାର, ବାହାରିନ, କୁଏତ ଏବଂ ଓମାନ ଗସ୍ତ କରିଥିଲେ। ସେ ସପ୍ତାହାନ୍ତରେ ନ୍ୟୁୟର୍କରେ ପହଞ୍ଚିଥିଲେ।

### ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା

## ବେଜିଂ ଚାଲିଗଲେ ମୋଜତବା!



ତେହରାନ୍, ୧୪।୭: ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନୀ ଗୁପ୍ତ ଭାବେ ଚୀନ୍ ଚାଲିଛନ୍ତି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। ରୁଷିଆର ସବୁଠାରୁ ସୁରକ୍ଷିତ ଓ ରହସ୍ୟମୟ ଟିୟୁ-୨୧-୨୧୪ ପିୟୁ ବିମାନରେ ସେ ଚୀନ୍ ପଳାଇଥିବା ଅନୁମାନ କରାଯାଉଛି। କାରଣ ସୋମବାର ରୁଷ୍‌ର ଟିୟୁ-୨୧ ବିମାନ ପ୍ରଥମେ ମସ୍କୋରୁ ତେହରାନ ଓ ପରେ ସେଠାରୁ ବେଜିଂ ଉଡ଼ାଣ ଭରିଥିଲା। ଏହା ମୋଜତବାଙ୍କୁ ଚୀନ ସ୍ଥାନାନ୍ତର କରାଯାଇଥିବା ସନ୍ଦେହକୁ ଆହୁରି ବଢ଼ାଇଛି। ଫ୍ଲାଇଟ୍ ରାଡାର୍-୨୪ର ସୂଚନା ଅନୁଯାୟୀ, ରୁଷ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ହିଁ ଏହି ସ୍ୱତନ୍ତ୍ର ବିମାନ ପରିଚାଳିତ ହୋଇଥିଲା। ଚଳିତ ବର୍ଷ ଫେବୃଆରୀ ମାସରେ ହୋଇଥିବା ଆକ୍ରମଣ ପରଠାରୁ ମୋଜତବାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳିନାହିଁ। ଏପରିକି ନିଜ ପିତା ଅଲ୍ଲୀ ଖାମେନୀଙ୍କ ଅନ୍ତିମ ସଂସ୍କାର ସମୟରେ ମଧ୍ୟ ସେ ଅନୁପସ୍ଥିତ ଥିଲେ। ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଏବେ ଶିଖରରେ ପହଞ୍ଚିଛି। ଆମେରିକା ଓ ଇସ୍ରାଏଲର ଗୁପ୍ତଚରମାନେ ସର୍ବୋଚ୍ଚ ନେତାଙ୍କ ସନ୍ଧାନ ନେଇପାରନ୍ତି ବୋଲି ଆଶଙ୍କାରେ ତାଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଥିବା ଅନୁମାନ କରାଯାଉଛି।

## ବାହାଘର ଠିକ୍ କଲେ ମା', ଲଣ୍ଡା ହେଲା ଝିଅ

ନୂଆଦିଲ୍ଲୀ, ୧୪।୭: ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ପ୍ରସାରିତ ହେଉଛି ଯେଉଁଥିରେ ଜଣେ ଯୁବତୀ ଲଣ୍ଡା ହେଉଥିବା ଦେଖିବାକୁ ମିଳୁଛି। ଯୁବତୀ ଜଣକ ଲଣ୍ଡା ହେବାର ଭିଡିଓ ଛାଡ଼ିବା ସହ ଭିଡିଓରେ ଲେଖାଯାଇଥିବା କ୍ୟାପସନ୍ ସମସ୍ତଙ୍କ ହୋସ ଉଡ଼ାଇ ଦେଇଛି। ଭାଇରାଲ ହେଉଥିବା ଏହି ଭିଡିଓରେ ଥିବା ଯୁବତୀ ଜଣକ ହେଉଛନ୍ତି କୀର୍ତ୍ତନ ମେନନ୍। ଭିଡିଓରେ ଦେଖିବାକୁ ମିଳୁଛି ଯେ, କୀର୍ତ୍ତନ ବିନା କୌଣସି ଦ୍ୱିଧାରେ ଲଣ୍ଡା ହେଉଛନ୍ତି। ଏହି ଭିଡିଓଟି ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଲା, ଯେତେବେଳେ ଲୋକଙ୍କ ନଜର ଏହାର କ୍ୟାପସନ୍ ଉପରେ ପଡ଼ିଲା। ଭିଡିଓ ଉପରେ



ଲେଖାଅଛି: ମୋ ମା' ମୋ ବାହାଘର ଠିକ୍ କରିଦେଲେ। ବାସ୍, ଏହି ଗୋଟିଏ ଲାଇନର କ୍ୟାପସନ୍ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଚକିତ କରିଦେଇଛି ଏବଂ ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ଅନୁମାନ କରିବା ଆରମ୍ଭ କରିଦେଇଛନ୍ତି। ଭିଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆ ୟୁଜର୍ସ ଭିନ୍ନ ଭିନ୍ନ ଦୁଇଟି ମତ ଦେଇଛନ୍ତି। ସମର୍ଥନରେ ଥିବା କିଛି ୟୁଜର୍ସ ମତରେ, ଯୁବତୀ ଜଣକ ନିଜ ଇଚ୍ଛା ବିରୋଧରେ ଠିକ୍ କରାଯାଇଥିବା ବାହାଘରକୁ ଏହି ଅଭିନବ ଢଙ୍ଗରେ ବିରୋଧ କରୁଛନ୍ତି। ଲୋକେ ଏହାକୁ ମହିଳା ସ୍ୱାଧୀନତା ଏବଂ ନିଜ ନିଷ୍ପତ୍ତି ନିଜେ ନେବାର ଅଧିକାର ସହ ଯୋଡ଼ି ଦେଖୁଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଭଉଣୀ, ତୁମକୁ ଅଧିକ ଶକ୍ତି ମିଳୁ। ଅନ୍ୟ ଜଣେ ଲେଖିଛନ୍ତି, ଆଜିକାଲିର ସମସ୍ୟା ପାଇଁ ଏହା ଏକ ଫିଲ୍ମ ଷ୍ଟାଇଲ୍ ସମାଧାନ।

### ଚାରା ଦୁର୍ନୀତି ମାମଲାରେ ଲାଲୁଙ୍କୁ ଆଶ୍ୱସ୍ତି

### ସିବିଆଇର ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୪।୭: ଦେଓଘର ଚାରା ଦୁର୍ନୀତି ମାମଲାରେ ଲାଲୁ ଯାଦବଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ସୁପ୍ରିମକୋର୍ଟ ଲାଲୁ ଯାଦବଙ୍କ ଜାମିନ ରଦ୍ଦ କରିବାକୁ ମନା କରିଦେଇଛନ୍ତି ଏବଂ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇବାକୁ ମଧ୍ୟ ମନା କରିଦେଇଛନ୍ତି। ଜାମିନ ରଦ୍ଦ ପାଇଁ ସିବିଆଇ ପକ୍ଷରୁ ଆବେଦନ ଦାଖଲ କରାଯାଇଥିଲା। କୋର୍ଟ ସିବିଆଇର ଆବେଦନ ଉପରେ କୌଣସି ନିର୍ଦ୍ଦେଶ ଦେବାକୁ ମନା କରିଦେଇଛନ୍ତି। ଅସୁସ୍ଥତା କାରଣରୁ ଝାଡ଼ଖଣ୍ଡ ହାଇକୋର୍ଟ ଲାଲୁଙ୍କୁ ଜାମିନ ଦେଇଥିଲେ।

#### ବିଶ୍ୱ ତୈଳ ଓ ଶେୟାର ବଜାର ହଲଚଲ

### ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ହେଲା ୭୯.୪୦ ଡଲାର

ବ୍ୟାଙ୍କକ୍,୧୩।୭: ଇରାନ ଓ ଆମେରିକା ଆକ୍ରମଣ ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ପୁଣି ତୈଳ ଦର ବୃଦ୍ଧି ପାଇଛି। ବିଶ୍ୱ ଶେୟାର ବଜାରରେ ମଧ୍ୟ ମିଶ୍ର ପ୍ରତିକ୍ରିୟା ଦେଖାଯାଇଛି। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ସୋମବାର ପ୍ରଥମ ଭାଗରେ ପାଖାପାଖି ୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ଦର ୭୯.୪୦ ଡଲାର ହୋଇଛି। ସୋମବାର ସକାଳେ ୟୁରୋପରେ ଅଶୋଧିତ ତୈଳ ଦର ୨.୩ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ଦର ୭୭.୭୨ ଡଲାର ରହିଥିଲା। ଆମେରିକାର ଅଶୋଧିତ ତୈଳ ମୂଲ୍ୟ ୨.୧ ପ୍ରତିଶତ ବଢ଼ି ବ୍ୟାରେଲ୍ ପ୍ରତି ୭୨.୯୨ ଡଲାରରେ ପହଞ୍ଚିଛି। ସୋମବାର କାରବାର ଆରମ୍ଭରେ ଜର୍ମାନୀର ଡିଏକ୍ସ ୦.୨ ପ୍ରତିଶତ ବଢ଼ି ୨୫,୧୦୫.୫୫ ଏବଂ ପ୍ୟାରିସ୍‌ରେ ସିଏସି୪୦ ସାମାନ୍ୟ ବୃଦ୍ଧି ପାଇ ୮,୮୪୭.୨୬ ପଏଣ୍ଟ ରହିଥିବାବେଳେ ବ୍ରିଟେନ୍‌ର ଏଫ୍‌ଟିଏସ୍‌ଇ୧୦୦ ମଧ୍ୟ ୦.୧ ପ୍ରତିଶତ ବଢ଼ି ୧୦,୫୦୬.୮୬ ରହିଥିଲା। ଅନ୍ୟପକ୍ଷରେ ଆମେରିକାର ଏସ୍ ଆଣ୍ଡ୍ ପି ୫୦୦ ପ୍ରାୟ ୦.୩ ପ୍ରତିଶତ ହ୍ରାସ ପାଇଥିବାବେଳେ ଡୋ ଅପରିବର୍ତ୍ତିତ ରହିଛି। ନାସଡାକ୍ କମ୍ପୋଜିଟ୍ ଫିଉଚର ୦.୯ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଏସୀୟ ଶେୟାର କାରବାର ମଧ୍ୟ ହ୍ରାସ ପାଇଛି।




## ଭାରତରେ ବ୍ୟାନ୍‌ହେଲା ପାରାକ୍ୱାଟ୍ ଡାଇକ୍ଲୋରାଇଡ୍

ନୂଆଦିଲ୍ଲୀ, ୧୪।୭: ଭାରତ ସରକାର ମଙ୍ଗଳବାର ଦିନ ଏକ ବିଜ୍ଞପ୍ତି ଜାରି କରି ଅତି ବିଷାକ୍ତ ଘାସନାଶକ 'ପାରାକ୍ୱାଟ୍' ଉପରେ ତତ୍କାଳ ପ୍ରଭାବରୁ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ଅନେକ ଟକ୍ସୋଲୋଜିଷ୍ଟ, ଡାକ୍ତର ଏବଂ କୃଷି ବିଶେଷଜ୍ଞଙ୍କ ମତରେ ଏହି ନିଷେଧାଦେଶ ବହୁ ବର୍ଷ ପୂର୍ବରୁ ଆସିବା ଉଚିତ ଥିଲା। ବିଶ୍ୱର ପ୍ରାୟ ୭୪ ରୁ ଅଧିକ ଦେଶରେ ପାରାକ୍ୱାଟ୍ ଡାଇକ୍ଲୋରାଇଡ୍ ନିଷିଦ୍ଧ ହୋଇଥିବା ବେଳେ ଭାରତୀୟ ଚାଷ ଜମିରେ ଏହା ଆଇନଗତ ଭାବେ ବ୍ୟବହାର କରାଯାଉଥିଲା। କୃଷି ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରତିବନ୍ଧକ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଥିବା ନେଇ 'କିସାନ୍ ତକ୍' ରିପୋର୍ଟ କରିଛି। ଏହାର କିଛି ଦିନ ପୂର୍ବରୁ ମନ୍ତ୍ରଣାଳୟର ସୂତ୍ରରୁ ପ୍ରକାଶ ପାଇଥିଲା ଯେ, ପାରାକ୍ୱାଟ୍ ଉପରେ ସାରା ଦେଶରେ ନିଷେଧାଦେଶ ଲାଗୁ କରିବା ପାଇଁ ଏକ ପ୍ରସ୍ତାବ କୃଷି ମନ୍ତ୍ରଣାଳୟକୁ ପଠାଯାଇଛି ଏବଂ ଚଳିତ ସପ୍ତାହରେ ଏହାକୁ ମଞ୍ଜୁରୀ ମିଳିପାରେ। ପାରାକ୍ୱାଟ୍ ଡାଇକ୍ଲୋରାଇଡ୍ ହେଉଛି ବିଶ୍ୱର ସବୁଠାରୁ ବିବାଦୀୟ ଘାସମରା ବିଷ। ଏହାର



ଅତ୍ୟଧିକ ବିଷାକ୍ତ ଗୁଣ ଯୋଗୁଁ ବିଶ୍ୱର ଅଧିକାଂଶ ଭାଗରେ ଏହାକୁ ବ୍ୟାନ କରାଯାଇଥିଲେ ହେଁ ଭାରତୀୟ ବଜାରରେ ଏହାର ବିକ୍ରି ଜାରି ରହିଥିଲା। ସ୍ୱାସ୍ଥ୍ୟଗତ ସମସ୍ୟାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର

### ୭୪ ଦେଶରେ ହୋଇସାରିଛି ବ୍ୟାନ୍

ସରକାର 'କୀଟନାଶକ ଅଧିନିୟମ, ୧୯୬୮' ର ଧାରା ୨୭ ଅନୁଯାୟୀ ପାରାକ୍ୱାଟ୍ ଡାଇକ୍ଲୋରାଇଡ୍‌ର ଆମଦାନି, ଉତ୍ପାଦନ, ବିକ୍ରି, ପରିବହନ, ବିତରଣ ଏବଂ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାରାକ୍ୱାଟ୍ ଉପରେ କେନ୍ଦ୍ର ସରକାରଙ୍କ ଏହି ନିଷେଧାଦେଶ ପରେ ବ୍ୟାପକ ଆଲୋଚନା ଓ ବିତର୍କ ଆରମ୍ଭ ହୋଇପାରେ। ଭାରତରେ ଏବେ ମଧ୍ୟ ଏମିତି ଅନେକ କୀଟନାଶକର ବ୍ୟବହାରକୁ ଅନୁମତି ମିଳିଛି, ଯାହା କର୍କଟ, ସ୍ନାୟୁଗତ ସମସ୍ୟା ଏବଂ ପରିବେଶର କ୍ଷତି ଆଶଙ୍କାରେ ବିଦେଶରେ ନିଷିଦ୍ଧ କିମ୍ବା କଠୋର ଭାବେ ନିୟନ୍ତ୍ରିତ ହୋଇଛି। ବର୍ତ୍ତମାନ ପାରାକ୍ୱାଟ୍ ବ୍ୟାନ ହେବା ପରେ, ତାଲିକାରେ ଥିବା ପରବର୍ତ୍ତୀ ବିଷାକ୍ତ କେମିକାଲ୍ ଗୁଡ଼ିକ ଉପରେ ଧ୍ୟାନ ଦେବାର ସମୟ ଆସିଯାଇଛି।

## ପ୍ରଥମ ଦିନିକିଆ: ଅକ୍ଷରଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ

# ୬ ୱିକେଟ୍‌ରେ ଜିତିଲା ଭାରତ



ବର୍ମିଂହାମ୍, ୧୪।୭: ଟି-୨୦ ସିରିଜ୍‌ରେ ଶୋଚନୀୟ ପରାଜୟ ପରେ ଭାରତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ସକାରାତ୍ମକ ତରିକାରେ ଆରମ୍ଭ କରିଛି। ଦଳ ଏହି ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ୬ ୱିକେଟ୍‌ରେ ଜିତିନେଇ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଭାରତୀୟ ଦଳ ପକ୍ଷରୁ ଅଲ୍‌ରାଉଣ୍ଡର୍ ଅକ୍ଷର ପଟେଲ୍ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମକିବା ଫଳରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଭାରତୀୟ ବୋଲର୍ ପ୍ରଭାବ ବିସ୍ତାର କରିଥିଲେ। ଫଳରେ ଇଂଲଣ୍ଡ ୧୦୭ ରନ୍ ମଧ୍ୟରେ ୬ ଜଣ ଶୀର୍ଷ ଭାଗ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇଥିଲା। ଏହି ସମୟରେ ଲିଆମ୍ ଡସନ୍ ଓ ଜୋ ରୁଟ୍ ୧୨୧ ରନ୍‌ର ଭାଗୀଦାରୀ କରି ଦଳକୁ ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ଡସନ୍ ୬ଟି ଚୌକା ଓ ଗୋଟିଏ ଛକା ସହ ୬୮ ରନ୍ କରିଥିବା ବେଳେ ରୁଟ୍ ଗୋଟିଏ ଛକା ଓ ୬ଟି ଚୌକା ସହ ୭୬ ରନ୍‌ରେ ଅପରାଜିତ ଥିଲେ। ଦଳ ୪୭.୫ ଓଭର୍‌ରେ ୨୫୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଅକ୍ଷର ସର୍ବାଧିକ ୪ଟି, ଗୁର୍ନୁର ବ୍ରାର୍ ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏଁ ଏବଂ ଜସପ୍ରୀତ୍ ବୁମ୍‌ରା ଓ ଶିବମ୍ ଦୁବେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ୪୫.୨ ଓଭର୍‌ରେ ୪ ୱିକେଟ୍ ବିନିମୟରେ ୨୬୨ ରନ୍ କରି ସହଜ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଓପନର ତଥା ଅଧିନାୟକ ଶୁବମାନ ଗିଲ୍ ୧୧ ଚୌକା ଓ ଗୋଟିଏ ଛକା ସହ ୮୦ ରନ୍ କରି ରିଟାୟାର୍ଡ ହର୍ଟ ହୋଇଥିଲେ। କିନ୍ତୁ ଏହା ପୂର୍ବରୁ ସେ ଶ୍ରେୟସ୍ ଆୟରଙ୍କ ସହ ତୃତୀୟ ୱିକେଟ୍‌ରେ ୧୦୯ ରନ୍ ଯୋଡ଼ିଥିଲେ। ଆୟର୍ ରନ୍‌ଆଉଟ୍ ହେବା ପୂର୍ବରୁ ୩୫ ରନ୍ କରିଥିଲେ। ପରେ ଲୋକେଶ ରାହୁଲ୍ ମାତ୍ର ୧ ରନ୍‌ର ଅବଦାନ ଦେଇଥିଲେ। କିନ୍ତୁ ଅକ୍ଷର ଓ ୱାଶିଂଟନ୍ ସୁନ୍ଦର ପଞ୍ଚମ ୱିକେଟ୍‌ରେ ଅବିଭାଜିତ ୧୦୨ ରନ୍ ଯୋଡ଼ି ଦଳକୁ ବିଜୟୀ କରାଇଥିଲେ। ତାରକା ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ମାତ୍ର ୪ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର୍, ଜୋଶ୍ ଟଙ୍ଗ୍ ଓ ସାମ୍ କୁରାନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ବ୍ୟାପିଲା ମ୍ୟାଲେରିଆ, ଆଶ୍ରମ ସ୍କୁଲ ଛାତ୍ରଙ୍କ ମୃତ୍ୟୁ



ରାୟଗଡ଼ା, ୧୪।୭ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟରେ ମ୍ୟାଲେରିଆ ସ୍ଥିତି ଦିନକୁ ଦିନ ଉଦ୍‌ବେଗଜନକ ହେଉଛି। ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ରାୟଗଡ଼ା ବ୍ଲକ୍ ଅତଡ଼ାସ୍ଥିତ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ହେଲେ କାରୁବାଇ ପଞ୍ଚାୟତ ଅନ୍ତର୍ଗତ ବଡ଼କାଶିପାଡୁ ଗ୍ରାମର ଜୋହନ କଣ୍ଡାଗରୀଙ୍କ ପୁଅ ଜୟସେନ(୯)। ଅନ୍ୟପକ୍ଷରେ ସପ୍ତାହକ ମଧ୍ୟରେ ମ୍ୟାଲେରିଆରେ ୨ ଛାତ୍ରଙ୍କ ମୃତ୍ୟୁ ଘଟଣା ପ୍ରଶାସନର ଚିନ୍ତାକୁ ଦ୍ୱିଗୁଣିତ କରିଛି। ଗତ ୭ ତାରିଖରେ କୋଲନରା ବ୍ଲକ୍ ସୁରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଚନ୍ଦୁ ଉଲାକାଙ୍କ ମ୍ୟାଲେରିଆରେ ମୃତ୍ୟୁ ହୋଇଥିଲା। ମିଳିଥିବା ସୂଚନାନୁଯାୟୀ, ଜୟସେନ ଅତଡ଼ାସ୍ଥିତ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗାଁରେ ଖରା ଛୁଟି କଟାଇ ସେ ଗତ ୨୯ ତାରିଖରେ ବିଦ୍ୟାଳୟକୁ ଫେରିଥିଲେ। ହଷ୍ଟେଲରେ ରହୁଥିବା ସମୟରେ ତାଙ୍କୁ ଗତ ୫ ତାରିଖରେ ଜ୍ୱର ହୋଇଥିଲା। ହଷ୍ଟେଲ ମ୍ୟାଟ୍ରନ୍ ଓ ସ୍କୁଲ କର୍ତ୍ତୃପକ୍ଷ ଜୟସେନଙ୍କୁ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ତାଙ୍କର ଚିକିତ୍ସା କରାଇଥିଲେ। ତେବେ ସେଠାରେ ଜ୍ୱର ନ କମିବାରୁ ପରିବାର ଲୋକେ ତାଙ୍କୁ ଗତ ୭ ତାରିଖରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏମ୍‌କେସିଜିରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ଜୟସେନଙ୍କ ମୃତ୍ୟୁ ଘଟିଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଓ ମଙ୍ଗଳ ବିଭାଗ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଡ଼କ ଓ ସେତୁ...

୩୮୫୦ କିମିର ନୂଆ ରାସ୍ତା, ସେତୁ ଓ ଚାଲୁଥିବା ପ୍ରକଳ୍ପ କାମ ଶେଷ କରାଯିବ। ଏହାଦ୍ୱାରା ଗ୍ରାମାଞ୍ଚଳରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳୀ ଓ ବ୍ୟବସାୟ କେନ୍ଦ୍ରକୁ ଏହି ଯୋଜନାରେ ସଂଯୋଗ କରାଯିବ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ଗ୍ରାମ୍ୟ ଉନ୍ନୟନ ଅଧୀନରେ ରାସ୍ତାର ଉନ୍ନତିକରଣ ଯୋଜନାକୁ ସମ୍ପ୍ରସାରିତ କରାଯାଇଛି। ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ୧୭,୫୦୦ କିମିର ନୂଆ ରାସ୍ତା ଓ ଚାଲୁ ରହିଥିବା ପ୍ରକଳ୍ପ କାମ ସାରିବାକୁ ୫୭୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଗ୍ରାମାଞ୍ଚଳର ଅସଂଯୋଜିତ ବସତି ଯାହା ଅନ୍ୟ ଯୋଜନାରେ ସାମିଲ ହୋଇନାହିଁ, ସେଥିକୁ ସବୁଦିନିଆ ରାସ୍ତା ପାଇଁ ଆରମ୍ଭ ହୋଇଥିଲା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା। ୨୦୧୯-୨୦୨୦ରେ ଏହି ପ୍ରକଳ୍ପକୁ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର ହୋଇଥିଲା। ଏହି ଯୋଜନା ଅଧୀନରେ ଚାଲିଥିବା ୧୧୨୫ କିମିର ରାସ୍ତା ସାରିବା ସହ ଆଉ ୪୬୦୭ କିମିର ନୂଆ ରାସ୍ତା ନିର୍ମାଣ କରିବାକୁ ଆଗାମୀ ୫ ବର୍ଷ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦେଇଥିବା ୪ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ମଞ୍ଜୁରି ଦେଇଛି। ପଞ୍ଚାୟତିରାଜ ଓ ଅନ୍ୟ ବିଭାଗରୁ ହସ୍ତାନ୍ତରିତ ହୋଇଥିବା ରାସ୍ତାର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ହସ୍ତାନ୍ତରିତ ରାସ୍ତା ଉନ୍ନତିକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଆଗାମୀ ପାଞ୍ଚ ବର୍ଷରେ ୨୫,୫୦୦ କିମି ରାସ୍ତା ପାଇଁ ୬୭୦୦ କୋଟି ଟଙ୍କାର ବ୍ୟୟଅଟକଳକୁ ମଧ୍ୟ ଆଜି ଅନୁମୋଦନ ମିଳିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବା ସଂଯୋଗବିହୀନ ରାସ୍ତାରେ ସେତୁ ନିର୍ମାଣ ପାଇଁ ୨୦୧୧-୧୨ରେ ଆରମ୍ଭ ହୋଇଥିବା ବିଜୁ ସେତୁ ଯୋଜନା ପରେ ଏହାକୁ ସେତୁ ବନ୍ଧନ ଯୋଜନା ନାଁରେ ନାମିତ କରାଯାଇଥିଲା। ୨୦୨୧-୨୨ରେ ଏହି ଯୋଜନାରେ ୨୫୦ଟି ସେତୁ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ଗ୍ରାମାଞ୍ଚଳର ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ୧୨୧୭ଟି ଚାଲୁ ରହିଥିବା ସେତୁ ଓ ୧୭୫୦ଟି ନୂଆ ସେତୁ ପାଇଁ ୧୧ ହଜାର ୮୦୦ କୋଟିର ବ୍ୟୟ ଅଟକଳକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିସହ ରାଜ୍ୟର ନଦୀନାଳ ଓ ସେତୁର ଉପର ସ୍ତରରେ ଜଳ ସଂରକ୍ଷଣ ପାଇଁ 'ବ୍ରିଜ୍ କମ୍ ୱିୟର' ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ୫ ବର୍ଷ ପାଇଁ ୬୦୦ କୋଟିର ବ୍ୟୟବରାଦ କରାଯାଇଛି। ଏଥିରେ ୫୦ଟି ନୂଆ ପ୍ରକଳ୍ପ ସହ ୧୭୨ଟି ଅଧୁରା ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପାର୍ବତୀଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ କଳାହାଣ୍ଡିରେ ୨ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ। ଏଥିପାଇଁ ୧୨୧.୮୧ କୋଟି ଖର୍ଚ୍ଚ ହେବ ଓ ୨୫ ଗାଁର ୪୩୩୦ ହେକ୍ଟର ଜମି ଜଳସେଚିତ ହୋଇପାରିବ।

### ଶ୍ରୀମନ୍ଦିର ଆଇନରେ...

ବ୍ୟବସ୍ଥା ରଥଯାତ୍ରା ପରେ ଆରମ୍ଭ କରାଯିବ। ପ୍ରଥମେ ନାମଘୋଷରେ ଏସି ଲଗାଯିବ ପରେ ରୋଷ ଶାଳାର ଧାଡ଼ିଶୋଇ ଆରମ୍ଭ କରାଯିବ ବୋଲି ଗଜପତି କହିଛନ୍ତି। ସେପଟେ ଗତ ୧୨ରେ ଇସ୍କନ ନ୍ୟୁଆର୍ଡିଲ୍ଲୀ ପକ୍ଷରୁ ଯେଉଁ ପ୍ରେସ ବିଜ୍ଞପ୍ତି ଜାରି ହୋଇଥିଲା, ତାହା ସମ୍ପୂର୍ଣ୍ଣ ମିଛ ବୋଲି କହିଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ। ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଇସ୍କନ ଦିଲ୍ଲୀର ଯୁକ୍ତିକୁ ଭୁଲ ଦର୍ଶାଇଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ। ଗତ ୧୨ରେ ଇସ୍କନ ନ୍ୟୁଆର୍ଡିଲ୍ଲୀ ଜାରି କରିଥିବା ପ୍ରେସ ବିଜ୍ଞପ୍ତିରେ ବିଭ୍ରାନ୍ତିକର ତଥ୍ୟ ରହିଛି। ଶାସ୍ତ୍ର ଅନୁମୋଦିତ ରଥଯାତ୍ରା ଆୟୋଜନ ନେଇ ଇସ୍କନ ଯେଉଁ ଯୁକ୍ତି କରିଥିଲା, ତାହା ସମ୍ପୂର୍ଣ୍ଣ ମିଛ। ୨୦୨୫ ମାର୍ଚ୍ଚ ୨୦ ତାରିଖରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଏସଜେଟିଏ ବିଦ୍ୱାନ ଓ ଇସ୍କନ ବିଦ୍ୱାନଙ୍କ ମଧ୍ୟରେ ବୈଠକ ହୋଇଥିଲା। ବୈଠକରେ ଇସ୍କନର ଯୁକ୍ତିକୁ ଏସଜେଟିଏର ବିଦ୍ୱାନମାନେ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଥିଲେ। ସେହିପରି ବର୍ଲିନ ରଥଯାତ୍ରାରେ ଗଜପତି ମହାରାଜା ସାମିଲ ହୋଇଥିବା କଥା ବି ସମ୍ପୂର୍ଣ୍ଣ ମିଛ। ୧୯୯୧-୧୯୯୨ରେ ବର୍ଲିନରେ ଏକ ଇଣ୍ଟର-ଫେଥ୍ କନଫରେନ୍ସକୁ ଯାଇଥିଲେ ଗଜପତି ମହାରାଜା। ୩ଦିନିଆ କନଫରେନ୍ସରେ ଗଜପତି ଅଦିନିଆ ରଥଯାତ୍ରା ଦେଖି ବିରୋଧ କରିଥିଲେ। ଇସ୍କନ କର୍ତ୍ତୃପକ୍ଷଙ୍କ ସହ ବହୁବାର ଆଲୋଚନା କଲେ ଇସ୍କନ ନ ମାନିବାରୁ ଏସଜେଟିଏ ପରିଚାଳନା କମିଟି ଏହାକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟ ଏକ ଘଟଣାକ୍ରମରେ ବିଦେଶରେ ଅଦିନିଆ ରଥଯାତ୍ରା କରୁଥିବା ଇସ୍କନକୁ ନିଜ ଅନୁଗାମୀଙ୍କ ଠାରୁ ବିରୋଧ ହୋଇଛି। ଇସ୍କନ ବେଙ୍ଗାଲୁରୁ ଗଜପତି ମହାରାଜାଙ୍କୁ ଚିଠି ଲେଖି ରୀତି ଅନୁଯାୟୀ ରଥଯାତ୍ରା ପାଳନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଚିଠିରେ ଲେଖିଛନ୍ତି ଯେ ଆମେ ବିଦେଶରେ ଅଦିନିଆ ରଥଯାତ୍ରାକୁ ବିରୋଧ କରୁଛୁ। ଆମେ ମୂଳ ପୀଠ ପୁରୀର ରୀତି ଅନୁଯାୟୀ ମହାପ୍ରଭୁଙ୍କ ସେବା କରିବା ପାଇଁ ସଂକଳ୍ପବଦ୍ଧ। ଆମେ ପଶ୍ଚିମବଙ୍ଗ ମାୟାପୁର ଇସ୍କନ ଶାଖାଠାରୁ ସମ୍ପୂର୍ଣ୍ଣ ଅଲଗା। ମାୟାପୁର ଇସ୍କନ ଶାଖା 'ଇସ୍କନ ସୋସାଇଟି ମୁମ୍ବାଇ' ସହ ପଞ୍ଜିକୃତ। ହେଲେ ଆମେ ପୁରୀ ପୀଠ ରୀତିନୀତି ମାନୁଛୁ ବୋଲି ଇସ୍କନ ବେଙ୍ଗାଲୁରୁ ପକ୍ଷରୁ କୁହାଯାଇଛି।

### ଠିକାଦାରଙ୍କ ପଛରେ...

ଯୋଗାଯୋଗ ପାଲଟିଲାଣି। ତେଣୁ କେମିତି ଠିକାଦାରଙ୍କୁ ସଂଘ ଗଠନର ପରାମର୍ଶ ଦେବା ସହ ତମ୍ବୁ ପାଣି ଧାରଣାରେ ବସିବାକୁ ବୁଦ୍ଧି ଦେଇଛନ୍ତି। ଖାତା କଡ଼ିଆନ ନ ଥିବା ଏହି ଠିକାଦାରମାନେ ବି ନେତା-ଯନ୍ତ୍ରୀଙ୍କ ଯୁଗଳବନ୍ଦୀଙ୍କ କଥାରେ ମାତିଛନ୍ତି। ତେବେ ନେତାମାନେ ଖିଆ ନିଜ ନିଜର ରାଜନୀତି ପାଇଁ ଗୋଟି ଚଳାଉଛନ୍ତି, ହେଲେ କିଛି ଯନ୍ତ୍ରୀ କ'ଣ ପାଇଁ ପରଦା ପଛରେ ରହି ତୀର ବିନ୍ଧୁଛନ୍ତି, ତାହା ଏବେ ରାଜଧାନୀର ଠିକାଦାର ମହଲରେ ଆଲୋଚନାର ବିଷୟ ହୋଇଛି। ଗୋଟିଏ ପଟେ ସରକାରଙ୍କ ବିରୋଧରେ ଠିକାଦାର ସଂଘର ଘଣ୍ଟପିଟା ଓ ଅନ୍ୟପଟେ ନେତା-ଯନ୍ତ୍ରୀ ଯୁଗଳବନ୍ଦୀ ଟିମ୍‌ର ପରଦା ପଛର ଖେଳର ଖବର ତୃତୀୟ ମହଲାରେ ପହଞ୍ଚିବା ପରେ ଏବେ ଏମାନଙ୍କ କାରବାର ସଂକ୍ରାନ୍ତରେ ଖୋଳତାଡ଼ ଆରମ୍ଭ ହୋଇଛି। ଖୋଦ୍ ପୂର୍ତ୍ତ ବିଭାଗ ପକ୍ଷରୁ ପଟିମରା ନେତା ଓ ତୀରମରା ଯନ୍ତ୍ରୀଙ୍କ ତାଲିକା ପ୍ରସ୍ତୁତ ଚାଲିଛି। ଏହାପରେ ନେତାଙ୍କର ଯାହା ହେଉ କି ନହେଉ, ତାଲିକାରେ ଥିବା ଯନ୍ତ୍ରୀ କୁଆଡ଼େ ତଡ଼ିପାର୍ ହେବେ ବୋଲି ଆଲୋଚନା ଜୋର୍ ଧରିଛି।

### ଏସସିଇଆରଟିର ପୂର୍ବତନ...

ଆଦୌ ଯାଞ୍ଚ କରାଯାଇ ନ ଥିଲା। ଏହା ଏକ ଅପରାଧିକ ବିଫଳତା ବୋଲି କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ରାଜ୍ୟ ରାଜକୋଷକୁ ୧୭୫ କୋଟି ଟଙ୍କାର କ୍ଷତି ହେବା ସହ ଛାତ୍ରଛାତ୍ରୀଙ୍କୁ ମାଳ ମାଳ ଭୁଲ ଥିବା ବହି ବଣ୍ଟାଯାଇଛି। ଗିରଫ କରାଯିବା ପରେ ଶ୍ରୀ ପାଢ଼ୀଙ୍କୁ କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ କୋର୍ଟରେ ହାଜର କରାଯାଇଛି। ଗତକାଲି କ୍ରାଇମବ୍ରାଞ୍ଚରେ ଏତଲା ପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ତଦନ୍ତକାରୀ ଟିମ୍। ଡିଏସପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ତଦନ୍ତକାରୀ ଟିମ ଗଠନ କରାଯାଇ ବିଭିନ୍ନ ଦିଗ ନେଇ ତନାଘନା ଚାଲିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ କାହିଁକି ତ୍ରୁଟି ହେଲା? କିପରି ହେଲା? କିଏ କଲା? ଏହା ପଛର କାରଣ କ'ଣ? ସେସବୁକୁ ନେଇ ତନାଘନା ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଏସସିଇଆରଟି ପକ୍ଷରୁ ପୂରା ପ୍ରକ୍ରିୟାରେ ରହିଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମଧ୍ୟ କ୍ରାଇମବ୍ରାଞ୍ଚଙ୍କୁ ଦିଆଯାଇଛି। ପାଠ୍ୟପୁସ୍ତକ ପ୍ରସ୍ତୁତି, ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ଯାଞ୍ଚ କରାଯିବ ବୋଲି କ୍ରାଇମ ବ୍ରାଞ୍ଚ୍ ସୂଚନା ଦେଇଛି।

### ନିର୍ଦ୍ଦେଶାବଳୀ ଜାରି...

ବେସରକାରୀ ଅନୁଦାନପ୍ରାପ୍ତ ସଂସ୍କୃତି ମହାବିଦ୍ୟାଳୟ ଏହି ଯୋଜନାର ଅନ୍ତର୍ଭୁକ୍ତ ହେବେ। ଜ୍ଞାନୋଦୟ ଯୋଜନା ଅନ୍ତର୍ଭୁକ୍ତ ନିୟମିତ ପାଠ୍ୟକ୍ରମଗୁଡ଼ିକର ଫି' ସମ୍ପୃକ୍ତ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ପରିବର୍ତ୍ତନ ବା ସଂଶୋଧନ କରିପାରିବେ ନାହିଁ। ଜରୁରୀ ପରିସ୍ଥିତିରେ ଶିକ୍ଷାନୁଷ୍ଠାନ ଫି' ନିୟନ୍ତ୍ରଣ କମିଟିକୁ ସଂଶୋଧନ ପାଇଁ ପ୍ରସ୍ତାବ ଦେଇପାରିବେ। ଯୋଗ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରିଚାଳିତ ସେଲ୍ଫ-ଫାଇନାନ୍ସିଂ ବା ସ୍ୱ-ଅର୍ଥଲଗାଣ ପାଠ୍ୟକ୍ରମ, ଘରୋଇ (ଅନୁଦାନବିହୀନ/ସ୍ୱ-ଅର୍ଥ ଲଗାଣ) ଉଚ୍ଚ ଶିକ୍ଷାନୁଷ୍ଠାନ, ପତ୍ର ବିନିମୟ ବା କରେସପଣ୍ଡେନ୍ସ ଶିକ୍ଷା, ସେଲ୍ଫ-ଫାଇନାନ୍ସିଂ ବା ସ୍ୱ-ଅର୍ଥଲଗାଣ ଶିକ୍ଷା, ସରକାରୀ-ଘରୋଇ ଭାଗୀଦାରୀ ବା ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରସିପ୍ (ପିପିପି) ବ୍ୟବସ୍ଥାରେ ପରିଚାଳିତ ଶିକ୍ଷାନୁଷ୍ଠାନ ଏବଂ ପାଠ୍ୟକ୍ରମ, ବିଭିନ୍ନ ବୃତ୍ତିଗତ, ବୈଷୟିକ ଓ ଶିକ୍ଷକ-ଶିକ୍ଷା ପାଠ୍ୟକ୍ରମକୁ ନିଃଶୁଳ୍କ ପାଠ୍ୟକ୍ରମରୁ ବାଦ ଦିଆଯାଇଛି। କେଜିରୁ ପିଜି ମାଗଣା ପାଠପଢ଼ା ଯୋଜନାରେ ଛାତ୍ରଛାତ୍ରୀଙ୍କ ପାଇଁ କିଛି ଯୋଗ୍ୟତା ସର୍ତ୍ତାବଳୀ ରଖାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀଗୃହରେ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନ ରହିବା ଆବଶ୍ୟକ। କୋହଳ ହେବା ପରେ ମଧ୍ୟ ସର୍ବନିମ୍ନ ଉପସ୍ଥାନ କୌଣସି ପରିସ୍ଥିତିରେ ୬୫ ପ୍ରତିଶତରୁ କମ୍ ହେବା ଉଚିତ ନୁହେଁ। କେବଳ ଷ୍ଟୁଡେଣ୍ଟ, ଏକାଡେମିକ ମ୍ୟାନେଜମେଣ୍ଟ୍ ସିଷ୍ଟମ (ସାମ୍ସ) ମାଧ୍ୟମରେ ଏକ ଯୋଗ୍ୟ ଶିକ୍ଷାନୁଷ୍ଠାନରେ ନିୟମିତ ସ୍ନାତକ ବା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ଆବଶ୍ୟକ। ସ୍ନାତକ କିମ୍ବା ସ୍ନାତକୋତ୍ତର ପାଠ୍ୟକ୍ରମରେ ପ୍ରଥମ ଥର ପାଇଁ ନାମଲେଖା ଓ ପରବର୍ତ୍ତୀ ପୁନଃ-ନାମଲେଖା ପାଇଁ ଏହି ସୁବିଧା ଉପଲବ୍ଧ ହେବ। ନାମଲେଖା, ପୁନଃ ନାମଲେଖା, ନାମଲେଖା ସମୟରେ ଶିକ୍ଷାନୁଷ୍ଠାନ ଦ୍ୱାରା ଆଦାୟ କରାଯାଉଥିବା ଅନ୍ୟ ଯେକୌଣସି ଶୁଳ୍କ ଅନ୍ତର୍ଭୁକ୍ତ ହେବ, ତା' ପିଲାମାନେ ଦେବେ ନାହିଁ। ପରୀକ୍ଷା ଫି' ପିଲାଙ୍କୁ ଦେବାକୁ ପଡ଼ିବ। ହଷ୍ଟେଲ ଫି' ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ନୁହେଁ, ଛାତ୍ରୀଛାତ୍ରୀମାନେ ହଷ୍ଟେଲରେ ରହିବାକୁ ହେଲେ ସେମାନଙ୍କୁ ସେ ବାବଦରେ ଦେୟ ଦେବାକୁ ପଡ଼ିବ। ପ୍ରଥମ ରାଉଣ୍ଡ ଆଡମିଶନ ପରେ ଯେଉଁ ପିଲା ଫି' ଦେଇଛନ୍ତି, ତାଙ୍କୁ ରିଫଣ୍ଡ ହେବ। ଯେଉଁ ଆକାଉଣ୍ଟରୁ ପଇସା ଆସିଛି, ସେହି ଆକାଉଣ୍ଟକୁ ପଇସା ଫେରିଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

### ନବମ ଓ ଦଶମ...

(ପେଣ୍ଡିଂ ଆସେସମେଣ୍ଟ)କୁ ସମାପ୍ତ କରିବାକୁ ପଡ଼ିବ। ଏହି ବ୍ୟବସ୍ଥା ଅନୁଯାୟୀ, ଛାତ୍ରଛାତ୍ରୀମାନେ ସମୁଦାୟ ତିନୋଟି ଭାଷା ଅଧ୍ୟୟନ କରିବେ। ତେବେ ତିନୋଟିରୁ ଦୁଇଟି ଭାରତୀୟ ଭାଷା ହେବା ବାଧ୍ୟତାମୂଳକ। ଯେଉଁ ଛାତ୍ରଛାତ୍ରୀ ବୈଦେଶିକ ଭାଷା ଭାବେ ଇଂରାଜୀ ଭାଷା ଅଧ୍ୟୟନ କରୁଛନ୍ତି, ସେମାନେ ତାକୁ ଜାରି ରଖିପାରିବେ। ମାତ୍ର ତୃତୀୟ ଭାଷା ଭାବେ ସେମାନଙ୍କୁ ଗୋଟିଏ ଭାରତୀୟ ଭାଷା ପଢ଼ିବାକୁ ପଡ଼ିବ।

### ଦିନରେ ଗମାତ...

ନେଇ ଚର୍ଚ୍ଚା କରୁଥିବା ବେଳେ ସଞ୍ଜ ହେଲେ ପଙ୍ଗତ ପକାଉଛନ୍ତି। ଗରମାଗରମ ଖାଦ୍ୟ ଖାଇ ଦିନର ଥକ୍କା ମେଣ୍ଟାଉଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ତେବେ ପଙ୍ଗତକୁ ସମସ୍ତଙ୍କୁ ଡକାଯାଉ ନଥିବାରୁ ତାହାକୁ ନେଇ କେଁ ଉପୁଜିଛି।

## ଲକ୍ଷେ ଘର ନିର୍ମାଣକୁ କେନ୍ଦ୍ର ଅନୁମୋଦନ

କୋଲକାତା, ୧୪।୭ (ସଂଚାର ବ୍ୟୁରୋ): ନବାନ୍ନରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ଚୌହାନଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ମନ୍ତ୍ରୀଙ୍କ ସହ ଅନେକ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲୁ। ହିତାଧିକାରୀ ତାଲିକା ଚୂଡ଼ାନ୍ତ ହେବା ପୂର୍ବରୁ କେନ୍ଦ୍ର ଆବାସ ଯୋଜନା ଅଧୀନରେ ୧ ଲକ୍ଷ ଘର ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ଗ୍ରାମ ସଡ଼କ ଯୋଜନା ପାଇଁ କେନ୍ଦ୍ର ମଧ୍ୟ ୧ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୧୨୫ ଦିନିଆ କାର୍ଯ୍ୟ ଯୋଜନାରେ ୨ ଲକ୍ଷ ଲୋକଙ୍କୁ ନିଯୁକ୍ତି ଯୋଗାଇ ଦିଆଯିବ। ଏହା ସହିତ, 'ଧନଧାନ୍ୟ' ପ୍ରକଳ୍ପ ଦାର୍ଜିଲିଂ, ଆଲିପୁରଦୁଆର, ଝାଡଗ୍ରାମ ଏବଂ ପୁରୁଲିଆରେ କାର୍ଯ୍ୟକାରୀ କରାଯିବ।

## କମିଶନରଙ୍କ ବାର୍ତ୍ତାକୁ ନେଇ ଚର୍ଚ୍ଚା

କୋଲକାତା, ୧୪।୭ (ସଂଚାର ବ୍ୟୁରୋ): ସମସ୍ତଙ୍କୁ କାମ କରିବାକୁ ପଡିବ। ଆମେ କାମ କରିବା ପାଇଁ ମଣିଷ ଭାବରେ ଜନ୍ମ ହୋଇଛୁ। ନଚେତ ଆମେ ଗୋରୁ ଭାବରେ ଜନ୍ମ ହୋଇଥାନ୍ତୁ ଓ କ୍ଷୀର ଉତ୍ପାଦନ କରିଥାନ୍ତୁ। ଆଗାମୀ ରଥଯାତ୍ରା ପୂର୍ବରୁ ସୋମବାର ଅପରାହ୍ଣରେ ଏକ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋଲକାତା ପୁଲିସ କମିଶନର (ସିପି) ଅଜୟ ନନ୍ଦା ପୁଲିସ ଅଧିକାରୀମାନଙ୍କୁ ଏହି ବାର୍ତ୍ତା ଦେଇଥିଲେ। ରଥଯାତ୍ରା ସମ୍ପର୍କରେ ଏକ ବୈଠକ ସମୟରେ ପୁଲିସ କମିଶନର (ସିପି)ଙ୍କ ବାର୍ତ୍ତା କୋଲକାତା ପୁଲିସର ତଳ ପଦାଧିକାରୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଚାର୍ଜ ଅଫିସର (ଓସି)ଠାରୁ ଆସିଷ୍ଟାଣ୍ଟ କମିଶନର (ଏସି) ପର୍ଯ୍ୟନ୍ତ କେହି ବୁଝିପାରୁ ନାହାନ୍ତି ଯେ, ସିପି ଏପରି ମନ୍ତବ୍ୟ କାହିଁକି ଦେଲେ। ସିପିଙ୍କ ବୟାନ ରାଜ୍ୟର ଆଇପିଏସ୍ ସର୍କଲ ମଧ୍ୟରେ ଭାଇରାଲ ହୋଇଛି।

## ବନ ସପ୍ତାହର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

କୋଲକାତା, ୧୪।୭ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସଲ୍ଟଲେକ୍‌ର ବନ ବିତାନରେ ବନ ସପ୍ତାହର ଶୁଭାରମ୍ଭ କରିଛନ୍ତି। ସେ ଗୋଟିଏ ଗଛ ଲଗାଇ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ବନ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ଆମ ରାଜ୍ୟ ଏକ କଂକ୍ରିଟ୍ ଜଙ୍ଗଲରେ ପରିଣତ ହୋଇଛି। କୋଠା ନିର୍ମାଣ ଯୋଜନା ମଞ୍ଜୁର ହୋଇଥିବା ବେଳେ ସବୁଜ ଆଚ୍ଛାଦନର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ବଜାୟ ରଖିବା ପାଇଁ ଏକ ସର୍ତ୍ତ ରହିଛି। ତେବେ ନିର୍ମାଣ ସମୟରେ ଗଛ ଲଗାଇବାର ନିୟମକୁ କେହି ପାଳନ କରୁନାହାନ୍ତି। ତରାଇ-ଡୁଆର୍ସ ଅଞ୍ଚଳର ଅବସ୍ଥା ଦେଖିବା ଦୁଃଖଦାୟକ। ସବୁକିଛି ନଷ୍ଟ ହୋଇଯାଇଛି। ଏପରିକି ଗଛଗୁଡ଼ିକୁ ମଧ୍ୟ ଛାଡି ଦିଆଯାଇ ନାହିଁ।

## ଉଚ୍ଚ କୋଠାର ପ୍ରଥମ ପର୍ଯ୍ୟାୟର ଅଡିଟ୍ ଶେଷ

କୋଲକାତା, ୧୪।୭ (ସଂଚାର ବ୍ୟୁରୋ): କୋଲକାତା ମ୍ୟୁନିସିପାଲ କର୍ପୋରେସନର ପ୍ରଶାସକ ସ୍ମିତା ପାଣ୍ଡେ ମଙ୍ଗଳବାର ଦିନ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୧୬୦ଟି ଉଚ୍ଚ କୋଠାର ଅଡିଟ୍ କରାଯାଇଛି। ଏଥିମଧ୍ୟରୁ ୧୧ଟି ନିର୍ମାଣାଧୀନ ଉଚ୍ଚ କୋଠାକୁ କାମ ଜାରି ରଖିବା ପାଇଁ ଅନୁମତି ମିଳିଛି। ନିର୍ମାଣାଧୀନ ଅଧିକାଂଶ ଉଚ୍ଚ କୋଠାର ଶ୍ରମ ପ୍ରମାଣପତ୍ର ନାହିଁ।

## ପରିସେବା ନ ପାଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

କୋଲକାତା, ୧୪।୭ (ସଂଚାର ବ୍ୟୁରୋ): ପଞ୍ଚାୟତ ଦ୍ୱାରା ଯୋଗାଇ ଦିଆଯାଉଥିବା ପରିସେବାର ଅଭାବ ପ୍ରତିବାଦରେ ସ୍ଥାନୀୟ ବାସିନ୍ଦାମାନେ ବାଙ୍କଡା ୩ ନମ୍ବର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟର ଝରକା ଭାଙ୍ଗି ଦେଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ବୃଦ୍ଧି ପାଇବାରୁ ପୁଲିସ ସହିତ କେନ୍ଦ୍ରୀୟ ବାହିନୀର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ବାସିନ୍ଦା ତୃଣମୂଳ ପରିଚାଳିତ ବାଙ୍କଡା ୩ ନମ୍ବର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ କରିଥିବା ଜଣାଯାଇଛି।

## ପୁଣି ତୃଣମୂଳ କାର୍ଯ୍ୟାଳୟରୁ ରାସନ କାର୍ଡ ଉଦ୍ଧାର

କୋଲକାତା, ୧୪।୭ (ସଂଚାର ବ୍ୟୁରୋ): ମାତ୍ର ଗୋଟିଏ ଦିନ ପୂର୍ବରୁ ନବଦ୍ୱୀପର ୭ ନମ୍ବର ୱାର୍ଡରେ ଥିବା ତୃଣମୂଳ ପାର୍ଟି ଅଫିସରୁ ବିଭିନ୍ନ ସରକାରୀ ଡକ୍ୟୁମେଣ୍ଟ, ଏକାଧିକ ରାସନ କାର୍ଡ ଓ ଅନ୍ୟାନ୍ୟ ସରକାରୀ କାର୍ଡ ଉଦ୍ଧାର କରାଯାଇଛି। ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ନବଦ୍ୱୀପର ୪ ନମ୍ବର ୱାର୍ଡର ପ୍ରତାପନଗର ପାଲ ବଜାର ଅଞ୍ଚଳରେ ଥିବା ତୃଣମୂଳ ଅଫିସରୁ ରାସନ କାର୍ଡ ଏବଂ ଭୋଟର ପରିଚୟ ପତ୍ର ସମେତ ସମାନ ପ୍ରକାରର ଡକ୍ୟୁମେଣ୍ଟ ଜବତ କରାଯାଇଛି। ଏହାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

## ୯ଟି ମୂଲ୍ୟବାନ ପ୍ଲଟ୍ ସାଙ୍ଗକୁ ବହୁ କୋଠା ଠାବ

# ଗିରଫ ହେଲେ କୋଟିପତି ଇଞ୍ଜିନିୟର୍

● ଆୟଠାରୁ ୨୨୩ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଛନ୍ତି



କୋରାପୁଟ, ୧୪।୭ (ସଂଚାର ବ୍ୟୁରୋ): ଆୟଠାରୁ ୨୨୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ ପରେ ଓଡ଼ିଶା କନଷ୍ଟ୍ରକ୍‌ସନ୍ କର୍ପୋରେସନ୍ ଲିମିଟେଡ୍ (ଓସିସିଏଲ୍)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର କିସପଟ୍ଟାଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ। ଚଢ଼ାଉ ସମୟରେ ଶ୍ରୀ କିସ୍‌ପଟ୍ଟାଙ୍କ ନାମରେ ଏକ ୨୩ କୋଠରିବିଶିଷ୍ଟ ବ୍ୟାବସାୟିକ ଭବନ, ଆଉ ଏକ ବହୁତଳ କୋଠା, ୯ଟି ମୂଲ୍ୟବାନ ପ୍ଲଟ୍, ୧ କୋଟି ୨୩ ଲକ୍ଷ ଟଙ୍କାରୁ ଅଧିକ ବ୍ୟାଙ୍କ ଜମା, ନଗଦ ଟଙ୍କା, ସୁନା, ରୁପା ଓ ଗାଡ଼ି ଠାବ କରାଯାଇଛି। ଯାଞ୍ଚ ପରେ ତାଙ୍କ ସମ୍ପତ୍ତି ଜଣାଶୁଣା ଆୟଠାରୁ ୨୨୩ ପ୍ରତିଶତ ଅଧିକ ଥିବା ଭିଜିଲାନ୍ସ ସ୍ପଷ୍ଟ କରିଛି। ଅଭିଯୁକ୍ତ ଶ୍ରୀ କିସ୍‌ପଟ୍ଟାଙ୍କୁ ଗିରଫ କରି ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ସୋମବାର କୋରାପୁଟ, ସୁନ୍ଦରଗଡ଼, ଭୁବନେଶ୍ୱର ଓ ବଲାଙ୍ଗୀରର ମୋଟ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସର ୭ଟି ସ୍ୱତନ୍ତ୍ର ଟିମ୍, ୬ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର, ୭ ଜଣ ଏଏସ୍‌ଆଇ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଶ୍ରୀ କିସ୍‌ପଟ୍ଟା ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବହୁ ମୂଲ୍ୟବାନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ଏସପିଙ୍କ ସୂଚନାନୁଯାୟୀ, କୋରାପୁଟ ସହରରେ ପ୍ରାୟ ୮ ହଜାର ବର୍ଗଫୁଟ୍ ଅଞ୍ଚଳବିଶିଷ୍ଟ ୪ ମହଲା ବିଶିଷ୍ଟ ବ୍ୟବସାୟିକ ଭବନ, ଯେଉଁଥିରେ ୨୩ଟି କୋଠରି ରହିଛି ଏବଂ ଏହା ଏକ ୩-ତାରକା ହୋଟେଲ ସୁବିଧା ସମ୍ପନ୍ନ ଲଜ୍ ଭାବେ ବ୍ୟବହୃତ ହେଉଛି। ସୁନ୍ଦରଗଡ଼ର ଲହୁଣିପଡ଼ାରେ ପ୍ରାୟ ୭୭୧୫ ବର୍ଗଫୁଟ୍ ଅଞ୍ଚଳର ନିର୍ମାଣାଧୀନ ୩ ମହଲା ବିଶିଷ୍ଟ ଆବାସିକ ଭବନ।

## ୨୦୨୩ ବ୍ୟାଚ ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କ ସହ ରାଜ୍ୟପାଳ

# କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜ୍ଞାନ ହାସଲ କରିବାକୁ ଗୁରୁତ୍ୱ



ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ): ମଙ୍ଗଳବାର ଲୋକଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ୨୦୨୩ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରିଛନ୍ତି। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ବିଶଦ ଭାବେ ଜ୍ଞାନ ଅର୍ଜନ କରି ସରକାର ଓ ନାଗରିକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରି ଉନ୍ନତ ସେବା ପ୍ରଦାନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଅଧିକାରୀମାନେ ତୃଣମୂଳ ସ୍ତରର ବାସ୍ତବତା ବିଷୟରେ ସ୍ପଷ୍ଟ ଧାରଣା ରଖିବା ଉଚିତ। କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସଠିକ ରୂପାୟନ ଓ ଏଥିରେ ଯୋଗ୍ୟ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ଏହି ଜ୍ଞାନ ଅତ୍ୟନ୍ତ ଜରୁରୀ। ଆଲୋଚନା ସମୟରେ ରାଜ୍ୟପାଳ ପ୍ରଶିକ୍ଷାର୍ଥୀଙ୍କୁ ପିଏମ୍‌ଏସ୍‌ୱାଇ, ପିଏମ୍‌ଜେବିୱାଇ ଓ ପିଏମ୍ ସୂର୍ଯ୍ୟ ଘରଃ ମୁକ୍ତ ବିଜୁଳି ଯୋଜନା ଭଳି ପ୍ରମୁଖ ଯୋଜନାଗୁଡ଼ିକ ବିଷୟରେ ଅବଗତ ହେବାକୁ ପରାମର୍ଶ ଦେଇଥିଲେ। ସଚେତନ ଓ ସକ୍ରିୟ ଅଧିକାରୀମାନେ ଲୋକସେବା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟପାଳ କହିଥିଲେ। ଏଥିସହ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ନିଜକୁ ପଞ୍ଜିକୃତ କରାଇବା ସହ ଏହି ଯୋଜନାଗୁଡ଼ିକର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

## ପାଠ୍ୟପୁସ୍ତକ ତ୍ରୁଟି ତଦନ୍ତରେ ମନ୍ତ୍ରୀ ଓ ସଚିବଙ୍କୁ ସାମିଲ କରାଯାଉ

● କାର୍ଯ୍ୟାନୁଷ୍ଠାନ ଦାବି କଲା ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ): ପାଠ୍ୟପୁସ୍ତକ ତ୍ରୁଟି ତଦନ୍ତକୁ ବ୍ୟାପକ କରି ମନ୍ତ୍ରୀ, ସଚିବ, ପାଠ୍ୟପୁସ୍ତକ ବ୍ୟୁରୋ, ପ୍ରିଣ୍ଟିଂ ପ୍ରେସ ଟେଣ୍ଡର୍ ଅନିୟମିତତା, ଷଡ଼ଯନ୍ତ୍ର ଓ ଅପରାଧିକ ସମ୍ପର୍କର ସମ୍ପୂର୍ଣ୍ଣ ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା ସମୟସୀମା ମଧ୍ୟରେ କରି ଦଣ୍ଡ ବିଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଫେରାଦ ହେଲା ଓଡ଼ିଶା ଅଭିଭାବକ ମହାସଂଘ। ପୂର୍ବତନ ଏସସିଇଆରଟି ନିର୍ଦ୍ଦେଶକ ମନୋଜ ପାଢ଼ୀ ସମେତ ଅଧିକାରୀମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଗିରଫକୁ ସ୍ୱାଗତ କରିଛି ମହାସଂଘ। ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବା ପାଇଁ ତଦନ୍ତକୁ ଯଥେଷ୍ଟ ପରିମାଣରେ ବିସ୍ତାର କରାଯିବା ଆବଶ୍ୟକ ବୋଲି ମହାସଂଘ କହିଛି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ପାଠ୍ୟପୁସ୍ତକ ଚୂଡ଼ାନ୍ତ ଓ ଅନୁମୋଦନ ପାଇଁ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି, ପୂର୍ବତନ ସଚିବ ଶାଳିନୀ ପଣ୍ଡିତ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ପାଠ୍ୟପୁସ୍ତକ ବ୍ୟୁରୋକୁ ମଧ୍ୟ ସମ୍ପୂର୍ଣ୍ଣ ତଦନ୍ତ ପରିସରକୁ ନେବାକୁ ମହାସଂଘ ଦାବି କରିଛି। ମନୋଜ ପାଢ଼ୀ କିପରି ଏସସିଇଆରଟିର ମାନକ ପ୍ରୋଟୋକଲକୁ ଅଣଦେଖା କରି ଅନ୍ୟ ବିଭାଗର ଅଧିକାରୀମାନଙ୍କୁ ଡିଟିପି କାର୍ଯ୍ୟ ଏବଂ ଡ୍ରାଫ୍ଟ ପ୍ରସ୍ତୁତି କରିବାକୁ ଅନୁମତି ଦେଲେ, ତାହାର ତଦନ୍ତ ହେବା ଉଚିତ। ୧୦୭ଟି ମୁଦ୍ରଣ ପ୍ରେସ୍‌କୁ କାର୍ଯ୍ୟ ନ୍ୟସ୍ତ ପାଇଁ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା ଆଇନ ଅନୁଯାୟୀ ଅନୁସରଣ କରାଯାଇନି ବୋଲି ମହାସଂଘ ଅଭିଯୋଗ କରିଛି। ଏହି ବିଶାଳ ଷଡ଼ଯନ୍ତ୍ର ପଛରେ ଥିବା ମୁଖ୍ୟ ସୂତ୍ରଧରମାନଙ୍କୁ ଉନ୍ମୋଚନ କରିବା ପାଇଁ କ୍ରାଇମବ୍ରାଞ୍ଚ ମନୋଜ ପାଢ଼ୀଙ୍କ ମୋବାଇଲ ନମ୍ବର ଓ କଲ୍ ରେକର୍ଡ ଯାଞ୍ଚ କରିବା ଉଚିତ ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି।

## ପରମାଣୁ ଆକ୍ରମଣ ରୋକିଥିଲେ ମୋଦି



ନୂଆଦିଲ୍ଲୀ, ୧୪।୭: ୨୦୨୨ରେ ୟୁକ୍ରେନ ସହ ଯୁଦ୍ଧ ଆରମ୍ଭ ହେବା ପରେ ଭାରତର ପ୍ରଧାନମନ୍ତ୍ରୀ ମୋଦି ରୁଷକୁ ପରମାଣୁ ଆକ୍ରମଣ କରିବାରୁ ରୋକିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ କଥା ମାନି ପୁଟିନ ପରମାଣୁ ଆକ୍ରମଣ କରି ନଥିଲେ। ଏବେ ମସ୍କୋ ସହିତ ଆଲୋଚନା କରିବା ଦିନକୁ ଦିନ କଠିନ ହେବାରେ ଲାଗିଛି, ଏଭଳି ସ୍ଥିତିରେ ପୁଟିନଙ୍କୁ ପ୍ରଭାବିତ କରିବାରେ ଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପୋଲାଣ୍ଡର ଉପ-ବୈଦେଶିକ ମନ୍ତ୍ରୀ ବାର୍ଟୋସେଭସ୍କି କହିଛନ୍ତି।

ତାଙ୍କ କହିବା ଅନୁଯାୟୀ, ରୁଷ ଯେଉଁ ଦେଶଗୁଡ଼ିକୁ ଶତ୍ରୁ ମନେ କରେନାହିଁ, ସେହି ଦେଶଗୁଡ଼ିକର ଅନୁରୋଧକୁ ରୁଷ ଅଧିକ ଗୁରୁତ୍ୱ ଦେଇଥାଏ। ଏହି କ୍ରମରେ ସେ ଭାରତ ସହିତ ଚୀନ୍‌ର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି। ପୋଲାଣ୍ଡ ମନ୍ତ୍ରୀ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ରୁଷଠାରୁ ଭାରତ ରିହାତି ଦରରେ ଅଶୋଧିତ ତୈଳ ଆମଦାନୀ କରିବାକୁ ନେଇ ଦୁଇ ଦେଶ ମଧ୍ୟରେ ଥିବା ମତଭେଦ ଏବେ ଦୂର ହୋଇଯାଇଛି।

## ଆସୁଛି ଶ୍ରାବଣ ସୋମବାର

# ଧବଳେଶ୍ୱରଙ୍କ ପୀଠରେ ପ୍ରଶାସନର ପ୍ରସ୍ତୁତି ବୈଠକ



କଟକ, ୧୪।୭ (ସଂଚାର ବ୍ୟୁରୋ): ଶ୍ରାବଣ ମାସରେ ବାବା ଧବଳେଶ୍ୱରଙ୍କ ପୀଠରେ କାଉଡ଼ିଆମାନଙ୍କ ଜଳଲାଗି ପାଇଁ ବାବା ଧବଳେଶ୍ୱରଙ୍କ ପୀଠରେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ଆସନ୍ତା ୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ କାଉଡ଼ିଆଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ଜଳ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉକ୍ତ ସମୟମାନଙ୍କରେ ବିଶେଷକରି ବ୍ୟାରିକେଡିଂ, ପରିମଳ ବ୍ୟବସ୍ଥା, ଭକ୍ତମାନଙ୍କ ନିମନ୍ତେ ପାନୀୟ ଜଳର ସୁବିଧା, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ମରାମତି, ଆଲୋକୀକରଣ, ଆଇନଶୃଙ୍ଖଳା ବ୍ୟବସ୍ଥା, ଅଗ୍ନିଶମ ସେବା, ବିଦ୍ୟୁତ ସରବରାହ ଉପରେ ଉପଜିଲ୍ଲାପାଳ ଶ୍ରୀ ଶର୍ମା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତତ୍‌ସମ୍ବନ୍ଧୀୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ମାସରେ ଭକ୍ତମାନଙ୍କ ପାଇଁ ଶୌଚାଳୟ ନିର୍ମାଣ, ଉଚ୍ଚକ୍ଷମତାସମ୍ପନ୍ନ ମାଇକ୍ ସାଉଣ୍ଡ ନିଷେଧ ଓ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରଖିବା ଏବଂ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଦଳ ନଦୀ ଘାଟରେ ସଜାଗ ରହିବା ଉପରେ ଆଜି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

● ଶାସ୍ତ୍ରୀନଗର ହିଟ୍ ଆଣ୍ଡ ରନ୍ ମାମଲା

# କିଲର ଡ୍ରାଇଭରକୁ ଗିରଫ ପରେ କୋର୍ଟ ଚାଲାଣ



ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଶାସ୍ତ୍ରୀନଗରରେ ଗତକାଲି ରାତିରେ ଏକ ମର୍ସିଡିଜ୍ କାର୍ ଧକ୍କାରେ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ମାମଲାରେ ଆଜି ପୁଲିସ୍ ଆକ୍ସନ୍ ନେଇଛି। ମର୍ସିଡିଜ୍ ଚଳାଉଥିବା କିଲର ଡ୍ରାଇଭର ସୌମ୍ୟ ରଞ୍ଜନ ରଥଙ୍କୁ ଖାରବେଳ ନଗର ଥାନା ପୁଲିସ ଗିରଫ କରିଛି। ତେବେ ସେ ଜଣେ ଆଇନ ଛାତ୍ର ହୋଇଥିବା ଜଣାପଡ଼ିଛି। ସୌମ୍ୟଙ୍କୁ ଦାୟିତ୍ୱହୀନ ଚାଳନା ଓ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ମାମଲାରେ ଗିରଫ କରାଯାଇଛି। ବ୍ରେଥ୍ ଆନାଲାଇଜର ଚେକ୍ ସମୟରେ ଏହା ସ୍ପଷ୍ଟ ହୋଇସାରିଛି। କଲ୍‌ପବୁଲ ହୋମିସାଇଡ୍ ଦଫାରେ ତାଙ୍କୁ ଗିରଫ କରାଯାଇଛି। ବିଏନ୍‌ଏସ୍‌ର ୧୦୫ ଧାରାରେ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ତାଙ୍କୁ ଅତି କମ୍‌ରେ ୫ ବର୍ଷ ଆଜୀବନ ସଜା ହୋଇପାରେ। ମିଳିଥିବା ସୂଚନାନୁସାରେ, ସୋମବାର ରାତି ପ୍ରାୟ ୧୧ଟା ସମୟରେ କଳିଙ୍ଗ ଷ୍ଟାଡିୟମ ପଟୁ ରାଜଭବନ ଆଡକୁ ଉକ୍ତ ମର୍ସିଡିଜ୍ କାର୍‌ଟି ବେଶ୍ ଦ୍ରୁତ ଗତିରେ ଯାଉଥିଲା। ଶାସ୍ତ୍ରୀନଗର ଛକରେ ଜଣେ ଯୁବକ ବାଇକ୍‌ରେ ଘରକୁ ଫେରୁଥିଲେ। ତେବେ ଛକ ଉପରେ ଦ୍ରୁତ ଗତିରେ ଆସୁଥିବା ଏହି ମର୍ସିଡିଜ୍ କାର୍‌ଟି ଉକ୍ତ ବାଇକ୍‌କୁ ପଛପଟୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଯୁବକ ଜଣକ ଦୂରକୁ ଛିଟିକି ପଡିଥିଲା। ଏହା ପରେ କାର୍ ଚାଳକ ସେଠାରୁ ଖସିଯିବାକୁ ଯୋଜନା କରିଥିଲେ।

# ଡ୍ରଗ୍ସ ବିଭାଗର ଯାଞ୍ଚ କେବଳ ଲୋକଦେଖାଣିଆ

## ଭଡ଼ା ସାର୍ଟିଫିକେଟ ରାକେଟ୍ ବେଧଡ଼କ, କାର୍ଯ୍ୟାନୁଷ୍ଠାନ ଶୂନ

**କାକଟପୁର/ଅସ୍ତରଙ୍ଗ,୧୪।୭ (ସଂଚାର ବ୍ୟୁରୋ):** ଖବର ଛାପିଲେ ଚଢ଼ାଉ ହୁଏ। ଫଟୋ ଉଠେ। ନମୁନା ଯାଏ। ତା'ପରେ ସବୁ ସମାନ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ଏବେ ଔଷଧ ଦୋକାନ ଯାଞ୍ଚ ନାଁରେ ଚାଲିଛି କେବଳ ଲୋକ ଦେଖାଣିଆ ଡ୍ରାମା।



ଦୈନିକ ଖବର କାଗଜ 'ସଂଚାର'ର ଜୁନ ୨୨ ତାରିଖ "ଜୀବନ ସହ ଖେଳ - ଭଡ଼ା ସାର୍ଟିଫିକେଟରେ ଚାଲିଛି ଔଷଧ ବ୍ୟବସାୟ" ଖବର ପରେ ୨୨ ଘଣ୍ଟା ଭିତରେ ଭେଷଜ ନିୟନ୍ତ୍ରଣ ବିଭାଗ ହଲିଲା। ଭୁବନେଶ୍ୱର ଅତିରିକ୍ତ ଭେଷଜ ନିୟନ୍ତ୍ରକ ଡା. ସୁଦର୍ଶନ ବିଶ୍ୱାଳ ଓ ପୁରୀ ଜିଲ୍ଲା ଭେଷଜ ନିରୀକ୍ଷକ ହିତେଶ କୁମାର ବେହେରାଙ୍କ ଟିମ୍ ଅସ୍ତରଙ୍ଗ ବଜାର ସହ କାକଟପୁର ବ୍ଲକର ୮ଟି ଦୋକାନରେ ଚଢ଼ାଉ କଲେ। ଲାଇସେନ୍ସ ଦେଖିଲେ। ଫାର୍ମାସିଷ୍ଟ ସାର୍ଟିଫିକେଟ ଯାଞ୍ଚ କଲେ। କିଛି ଆଣ୍ଟିବାୟୋଟିକ୍ ଓ ମିଆଦ ପୂରିଥିବା ଔଷଧର ନମୁନା ନେଲେ। ବିନା ପ୍ରେସକ୍ରିପସନରେ ଔଷଧ ନ ଦେବାକୁ କହିଦେଲେ। ବାସ୍, ଏତିକିରେ ଶେଷ।

କିନ୍ତୁ କୌଣସି ଦୋକାନ ସିଲ୍ ହେଲା ନାହିଁ। କୌଣସି ଲାଇସେନ୍ସ ବାତିଲ ହେଲା ନାହିଁ। କୌଣସି ଭଡ଼ା ସାର୍ଟିଫିକେଟ ରାକେଟର ବିରୋଧରେ ମାମଲା ହେଲା ନାହିଁ। ରେଡ୍ ଖବର ପାଇବା ମାତ୍ରେ ଗ୍ରାମାଞ୍ଚଳର ଅଧାରୁ ଅଧିକ ଦୋକାନୀ ସଟର ପକାଇ ଛୁ ମାରିଲେ। ସେମାନଙ୍କ ବିରୋଧରେ ବି କିଛି ହେଲା ନାହିଁ।

ଏଠି ହିଁ ଖୁଲାସା ହୋଇଯାଉଛି ପ୍ରଶାସନର ଅସଲି ଚେହେରା। ବର୍ତ୍ତମାନ ଚର୍ଚ୍ଚା ହେଉଛି କିଛି ପ୍ରଭାବଶାଳୀ ଔଷଧ ଦୋକାନୀଙ୍କ ସହ ବିଭାଗର ମଧୁଚନ୍ଦ୍ରିକା ଯୋଗୁଁ ଯାଞ୍ଚ କେବଳ ଫର୍ମାଲିଟି ପାଲଟିଛି। ନମୁନା ସଂଗ୍ରହ କରି ଫାଇଲ୍ ବନ୍ଦ।

ଅସ୍ତରଙ୍ଗ ବ୍ଲକରେ ଆଜି ବି ମାଳ ମାଳ ଦୋକାନ ବିନା ଫାର୍ମାସିଷ୍ଟ ସାର୍ଟିଫିକେଟରେ ଚାଲିଛି। ଆଉ କିଛି ଜଣ ମାସକୁ ଟଙ୍କା ଦେଇ ସାର୍ଟିଫିକେଟ ଭଡ଼ାରେ ଆଣି ଝୁଲାଇଛନ୍ତି। ତଥାପି ପ୍ରଶାସନ ଚୁପ୍। ପୂର୍ବରୁ ବି ଅନେକ ଥର ଏମିତି ଚଢ଼ାଉ ହୋଇଛି। ୭ ଦିନ ପରେ ସବୁ "ଯଥା ପୂର୍ବଂ ତଥା ପରଂ"। ପୁରୁଣା ଫାଇଲ୍ କୁଆଡେ ଗଲା? କେତେ ଲାଇସେନ୍ସ ବାତିଲ ହେଲା? ତାର ହିସାବ ନାହିଁ।

ସ୍ଥାନୀୟ ଲୋକଙ୍କ କ୍ଷୋଭ - "ଏମିତି ଯାଞ୍ଚ ଆମକୁ ନ କରନ୍ତୁ। ଖବରକାଗଜ ପାଇଁ ନୁହେଁ, ପ୍ରତି ମାସରେ ସରପ୍ରାଇଜ୍ ଭିଜିଟ୍ ହେଉ। ଦୋଷୀଙ୍କ ନାଁ ସାର୍ବଜନୀନ କରି ଲାଇସେନ୍ସ ପୋଡି ଦିଆଯାଉ।"

'ସଂଚାର'ର ସିଧା ପ୍ରଶ୍ନ - ଏଥର କ'ଣ ପ୍ରକୃତ କାର୍ଯ୍ୟାନୁଷ୍ଠାନ ହେବ? ନା ପୁଣି ଜୀବନ ସହ ଖେଳ ଚାଲିବ? ଯେତେବେଳେ ଯାଞ୍ଚ କେବଳ ଲୋକ ଦେଖାଣିଆ ହେବ, ସେତେବେଳେ ଭଡ଼ା ସାର୍ଟିଫିକେଟ ରାକେଟ୍ କେମିତି ବନ୍ଦ ହେବ?

## ନବଯୌବନ ଦର୍ଶନ ଲାଗି ଚଳଚଞ୍ଚଳ ଶ୍ରଦ୍ଧାକ୍ଷେତ୍ର



**ବାଲିଆପାଳ,୧୪।୭ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ପ୍ରସିଦ୍ଧି ଶ୍ରଦ୍ଧାକ୍ଷେତ୍ରରେ ମଙ୍ଗଳବାର ଶ୍ରଦ୍ଧାପତିଙ୍କର ନବଯୌବନ ଦର୍ଶନ ପାଇଁ ଚଳଚଞ୍ଚଳ ହୋଇଉଠିଛି। ଦେବ ସ୍ନାନ ପୂର୍ଣ୍ଣିମାରେ ୧୦୮ ଗୋରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଗୁପ୍ତ ଉପଚାର ହେବା ପରେ ସୁସ୍ଥ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁଙ୍କ ନୀତି କାନ୍ତି, ଉପଚାର ପୂଜା, ସୂର୍ଯ୍ୟ ପୂଜା, ବାଳଧୂପ, ଆଳତୀ, ଅବକାଶ ନୀତି ଏବଂ ଦ୍ୱାର ଫିଟା ନୀତି ପରେ ସେବାୟତ ମାନଙ୍କ ଦ୍ୱାରା ନେତ୍ରୋତ୍ସବ କରାଯାଇଥିଲା। ପରେ ଶହ ଶହ ଶ୍ରଦ୍ଧାଳୁ ନବଯୋବନ ଦର୍ଶନ କରିଥିଲେ । ବଡ ପଣ୍ଡା ବିଷ୍ଣୁପଦ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ, ପ୍ରଭୁ ଲୋକନାଥ ପାଠୀ ପ୍ରମୁଖ ସେବାୟତମାନେ ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବ୍ରଜକିଶୋର ଭୂୟାଁ, ମଧୁସୂଦନ ସାହୁ, ମଧୁସୂଦନ ବାରିକ, ଭାସ୍କର ସାହୁ, ମୁରଲୀ ମୋହନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

● ନଈଗୁଆଁର କୁନିଭକ୍ତ ସାଇପ୍ରତୀକର ଅଦମ୍ୟ ନିଷ୍ଠା

## ଦୀର୍ଘ ୫ ବର୍ଷ ହେଲା ଗଢୁଛନ୍ତି ତିନି ରଥ



**କାକଟପୁର/ଅସ୍ତରଙ୍ଗ,୧୪।୭ (ସଂଚାର ବ୍ୟୁରୋ):** ଭକ୍ତି ହେଲେ ସାମଗ୍ରୀର ଅଭାବ ବାଧା ହୋଇନଥାଏ। ହୃଦୟର ଭାବ ହିଁ ସବୁଠୁ ବଡ ପୂଜା। ଏହାର ପ୍ରମାଣ ଦେଇଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଗ୍ରାମର ୧୩ ବର୍ଷର କୁନି ଭକ୍ତ ସାଇ ପ୍ରତୀକ ତ୍ରିପାଠୀ। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅଗାଧ ଭକ୍ତି ରଖିଥିବା ଏହି କୁନି ବାଳକ ଗତ ୫ ବର୍ଷ ଧରି ନିଜ ଘରେ ବସି ଭାବ ବିହ୍ୱଳ ହୋଇ ତିଆରି କରୁଛନ୍ତି ମହାପ୍ରଭୁଙ୍କ ତିନି ରଥ। ରଥଯାତ୍ରା ସମୟରେ ପୁରୀ ଯାଇ ପାରୁ ନ ଥିବାର ଦୁଃଖକୁ ସେ ନିଜ ଭକ୍ତିରେ ପରିଣତ କରିଦେଇଛି।

ପିତା ସୁଶାନ୍ତ ତ୍ରିପାଠୀଙ୍କ ଏହି ପୁତ୍ର ଅଷ୍ଟମ ଶ୍ରେଣୀରେ ପାଠ ପଢୁଛି। ହେଲେ ପାଠ ସହ ତାର ପ୍ରଥମ କର୍ତ୍ତବ୍ୟ ହେଲା ମହାପ୍ରଭୁଙ୍କ ସେବା। ସେ କୁହେ, "ମହାପ୍ରଭୁ ମୋ ହୃଦୟରେ ଅଛନ୍ତି। ତାଙ୍କ ପାଇଁ ରଥ କରିବା ମୋର ସବୁଠୁ ବଡ ସେବା"। ଅଦରକାରୀ କାଗଜ ପେଟି, ରଙ୍ଗ ଓ ତୁଳୀର ସାହାଯ୍ୟରେ ସେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଅବିକଳ ରୂପ ଦେଇଛନ୍ତି । ପ୍ରତି ରଥର ଉଚ୍ଚତା ୨ ଫୁଟ। ରଥରେ ସାରଥୀ ଦାରୁକ, ଚକ, ଘୋଡା ଏବଂ ରଙ୍ଗୀନ ପତାକା ସବୁକିଛି ରହିଛି। ସୂକ୍ଷ୍ମ କାରୁକାର୍ଯ୍ୟ ଯୋଗୁଁ ରଥଗୁଡିକୁ ଦେଖିଲେ ଲାଗେ ଯେମିତି ଚତୁର୍ଦ୍ଧାମୂରତି ସତରେ ବିରାଜିତ ହୋଇଛନ୍ତି।

ସବୁଠୁ ବଡ କଥା ହେଲା ସାଇ ପ୍ରତୀକ ଏହି କାମ ପାଇଁ କୌଣସି ଗୁରୁଙ୍କ ଠାରୁ ଶିକ୍ଷା ନେଇନାହିଁ। ତାର ଭକ୍ତି ଓ ନିଷ୍ଠା ହିଁ ତାର ଗୁରୁ। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ସେ ଏହି କାମରେ ନିମଗ୍ନ ହୋଇଯାଏ। ତାର ଏହି ଭକ୍ତିପୂତ କାର୍ଯ୍ୟକୁ ଦେଖିବା ପାଇଁ ନଈଗୁଆଁ ସମେତ ଆଖପାଖ ଗାଁରୁ ଶ୍ରଦ୍ଧାଳୁମାନେ ଭିଡ ଜମାଉଛନ୍ତି।

## ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟଙ୍କୁ ଭେଟିଲେ ଜୁଏଲଙ୍କ ପ୍ରତିନିଧି



**ସୁନ୍ଦରଗଡ଼,୧୪।୭ (ସଂଚାର ବ୍ୟୁରୋ):** ଜୁଲାଇ ୧୪ ତାରିଖ ମଙ୍ଗଳବାର ଦିନ ଅପରାହ୍ନ ୫ଟା ସମୟରେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ନବ ନିଯୁକ୍ତ ପ୍ରତିନିଧି ସୁଶୀଲ ବାଗ ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଫଏଜ୍ ତୟାବଙ୍କୁ ଭେଟି ସେ ପାଇଥିବା ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ତାଙ୍କ ସହ ଲେଫ୍ରିପଡା ମଣ୍ଡଳ ଉପ ସଭାପତି ପରମେଶ୍ୱର ନାଏକ, ଜୁଏଲଙ୍କ ଲେଫ୍ରିପଡ଼ା କଲେଜ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସୁଶୀଲଙ୍କ ପ୍ରକଳ୍ପ ମୁଖ୍ୟଙ୍କୁ ସାକ୍ଷାତ କରିବା ଅବସରରେ ସୁଶୀଲଙ୍କ ସମର୍ଥକ, ପ୍ରଶଂସକ ଓ ଶୁଭେଚ୍ଛୁ ମାନେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ସହ ବାଜା ବଜାଇ ଏନଟିପିସି ପ୍ରଶାସନିକ ବିଲ୍ଡିଂକୁ ନେଇଥିଲେ। ଯଦି କେହି ସେହି ଅଞ୍ଚଳର ଉନ୍ନତି କରି ପାରିବ ତେବେ ସୁଶୀଲ ହିଁ କରି ପାରିବେ ବୋଲି ସେମାନ ଆସ୍ଥା ପ୍ରକଟ କରିଛନ୍ତି।

ଏମିତି ଚାଲିଛି ଶିକ୍ଷା ବ୍ୟବସ୍ଥା

## ଖେଳ ଶିକ୍ଷକଙ୍କ ଭରସାରେ ୧୯୪ ଛାତ୍ରଛାତ୍ରୀ




**ହିଞ୍ଜିଳିକାଟୁ,୧୪।୭ (ସଂଚାର ବ୍ୟୁରୋ):** ସ୍କୁଲ ଅଛି, ପିଲା ବି ଅଛନ୍ତି। ହେଲେ ପାଠ ପଢ଼ାଇବାକୁ ନାହାନ୍ତି ଶିକ୍ଷକ । ୧୯୪ ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି ଜଣେ ଶିକ୍ଷକ, ତାହା ପୁଣି ଖେଳ ଶିକ୍ଷକ । ଏହି ଘଟଣା ଗଞ୍ଜାମ ଜିଲ୍ଲା ହିଂଜିଳିକାଟୁ ବ୍ଲକ ଶାସନ ଆମ୍ବଗାଁର ପୁରାତନ ବୃନ୍ଦାବନ ନାୟକ ସ୍ମୃତି ବିଦ୍ୟାପୀଠରେ ଦେଖିବାକୁ ମିଳିଛି । ଦୀର୍ଘଦିନ ହେଲା ଏପରି ଅବ୍ୟବସ୍ଥାରେ ଚାଲିଛି ଏହି ବିଦ୍ୟାପୀଠ ।

ସୂଚନା ଯେ, ୧୯୮୬ ମସିହାରେ ଏହି ବିଦ୍ୟାପୀଠ ପ୍ରତିଷ୍ଠିତ ହୋଇଥିବା ବେଳେ ନବମ ଓ ଦଶମ ଶ୍ରେଣୀ ରହିଛି । ଏହି ଗ୍ରାମ ସମେତ ପଡୋଶୀ ଗ୍ରାମର ଛାତ୍ରଛାତ୍ରୀ ମାନେ ବି ଏହି ବିଦ୍ୟାପୀଠକୁ ପାଠ ପଢିବା ପାଇଁ ଆସନ୍ତି । ତେବେ ଦୁଇ ଶ୍ରେଣୀରେ ପାଖାପାଖି ୧୯୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ତେବେ ସରକାରୀ ନିୟମ ଅନୁଯାୟୀ ଏହି ବିଦ୍ୟାଳୟରେ ୩-୪ ଜଣ ଶିକ୍ଷକ, ଜଣେ ଖେଳ ଶିକ୍ଷକ, ଜଣେ ପିଅନ ଓ ଜଣେ ରାତ୍ର ଜଗୁଆଳି ପଦବୀ ନିଯୁକ୍ତି ରହିବ କଥା, କିନ୍ତୁ ଦୀର୍ଘ ଦିନ ହେବ ଜଣେ ଶିକ୍ଷକ ତଥା ଖେଳ ଶିକ୍ଷକରେ ଚାଲିଛି ଏହି ବିଦ୍ୟାପୀଠ । ସିଏ ହିଁ ଇଂରାଜୀ, ଗଣିତ ,ବିଜ୍ଞାନ, ସାହିତ୍ୟ ସବୁ ବିଷୟ ପିଲା ମାନଙ୍କୁ ପଢ଼ାନ୍ତି। ଯାହାକି ଏବେ ଚିନ୍ତାର କାରଣ ପାଲଟିଛି ।

ତେବେ ଶିକ୍ଷକ ସମସ୍ୟା ଯୋଗୁ ଏଠାରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ ଟିସି ନେଇ ଅନ୍ୟତ୍ର ଚାଲିଯାଉଛନ୍ତି। ଅଭିଭାବକମାନେ ମଧ୍ୟ ଆଉ ପିଲାଙ୍କୁ ଏହି ବିଦ୍ୟାଳୟରେ ପାଠ ପଢ଼ାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସରକାର ଶିକ୍ଷାର ବିକାଶ କଥା କହୁଥିବା ବେଳେ ଏହି ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ୧୯୪ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ମାତ୍ର ଶିକ୍ଷକରେ ପାଠପଢା ଚାଲିଥିବାରୁ ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏହି ଘଟଣାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କେହି ଶୁଣୁନଥିବା ବେଳେ ଆଗାମୀ ଦିନରେ ରାସ୍ତାରୋକ କରିବେ ନେଇ ଅଭିବାବକମାନେ ଚେତାବନୀ ଦେଇଛନ୍ତି। ତେବେ ଏ ଦିଗରେ ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଉପନଗରପାଳଙ୍କ ଚାମ୍ବରରେ ତାଲା

### ଆଲୋଚନା ପରେ ଖୋଲିଲା ଅଫିସ୍



**ଢେଙ୍କାନାଳ,୧୪।୭ (ସଂଚାର ବ୍ୟୁରୋ):** ପୌରାଞ୍ଚଳରେ ଉପନଗରପାଳଙ୍କ ଅଫିସ୍ ଚାମ୍ବରକୁ ତାଲା ପକାଯିବା ଘଟଣାକୁ ନେଇ ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଗତ କିଛି ଦିନ ତଳେ ସହରରେ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟା ସମୟରେ ଉପନଗରପାଳ ଏହାକୁ ବିରୋଧ କରିଥିବା ଘଟଣାକୁ କେନ୍ଦ୍ର କରି ବିବାଦର ସୂତ୍ରପାତ ହୋଇଥିଲା।

ସୂଚନା ଅନୁଯାୟୀ, ଉଚ୍ଛେଦ କାର୍ଯ୍ୟ ସମୟରେ ନିର୍ବାହୀ ଅଧିକାରୀ ଓ ଉପନଗରପାଳଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ଏହା ପରେ ନିର୍ବାହୀ ଅଧିକାରୀ ଉପନଗରପାଳଙ୍କ ବିରୋଧରେ ଢେଙ୍କାନାଳ ଟାଉନ ଥାନାରେ ଏକ ମାମଲା ରୁଜୁ କରିଥିଲେ। ଘଟଣାକୁ ନେଇ ପୌର ପ୍ରଶାସନ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ପରବର୍ତ୍ତୀ ସମୟରେ ପୌର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ନିର୍ବାହୀ ଅଧିକାରୀ ଉପନଗରପାଳଙ୍କ ଅଫିସ୍ ଚାମ୍ବରକୁ ତାଲା ପକାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପ୍ରକାଶ ପାଇବା ପରେ କିଛି କାଉନ୍ସିଲର ଘଟଣାସ୍ଥଳରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ପ୍ରକୃତ ସ୍ଥିତି ସମ୍ପର୍କରେ ସେମାନେ ସ୍ପଷ୍ଟୀକରଣ ମାଗିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ଓ ବୁଝାବୁଝି ପରେ ନିର୍ବାହୀ ଧିକାରୀ ପରିସ୍ଥିତିର ସମାଧାନ ପାଇଁ ପଦକ୍ଷେପ ନେବା ସହ ଚାମ୍ବର ଖୋଲିବାକୁ ସମ୍ମତି ପ୍ରକାଶ କରିଥିଲେ। ଏହାପରେ ଉପନଗରପାଳଙ୍କ ଅଫିସ୍ ଚାମ୍ବରରୁ ତାଲା ଖୋଲାଯାଇଥିଲା ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଗୟଳ ଆକ୍ରମଣରେ ଜଣେ ଗୁରୁତର

**ନୀଳଗିରି,୧୪।୭ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ କେସିପୁର ଗ୍ରାମ ପଞ୍ଚାୟତର କୁଲଡିହା ଅଭୟାରଣ୍ୟର ବାହାରେ କେଳାମରା ଗ୍ରାମର କନ୍ଦର୍ପ ସିଂ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ଯାଇଥିବା ସମୟରେ କୁଲଡିହା ଭିତରୁ ଏକ ଗୟଳ ଆସି କନ୍ଦର୍ପ ସିଂଙ୍କୁ ଅତର୍କିତ ଭାବେ ଆକ୍ରମଣ କରି କ୍ଷତାକ୍ତ କରିଥିଲା। ଯାହାଦ୍ୱାରା ସେ ଗୁରୁତର ଅବସ୍ଥାରେ ଉଦଳା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ଗରିବ ଲୋକ ହୋଇଥିବାରୁ ଉନ୍ନତ ମାନର ଚିକିତ୍ସା ପାଇଁ ଖର୍ଚ୍ଚ କରିପାରୁ ନାହାନ୍ତି । କନ୍ଦର୍ପ ସିଂଙ୍କ ଆରୋଗ୍ୟ ପାଇଁ ଯଥା ଶୀଘ୍ର ସରକାରଙ୍କ ତରଫରୁ ସହାୟତା ପାଇଁ, ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ର ଦାବୀ କରିଛନ୍ତି। ସରକାରୀ ସାହାର୍ଯ୍ୟ ନ ମିଳିଲେ ମଞ୍ଚ ପକ୍ଷରୁ କୁଲଡିହା ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



## ଦିଶା ବୈଠକ: ୫ ବର୍ଷର ରୋଡମ୍ୟାପ୍ ପ୍ରସ୍ତୁତି ସହ ରେଳ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



**ମାଲକାନଗିରି,୧୪।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ସମୀକ୍ଷା କମିଟି ବୈଠକ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ୍ଲ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଏବଂ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟନ୍ୱୟନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା।

ଏହି ଅବସରରେ ସାଂସଦ ସମସ୍ତ ବିଭାଗକୁ ଜିଲ୍ଲାର ପ୍ରଗତି ପାଇଁ ଆଗାମୀ ୫ ବର୍ଷର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବହୁ ପ୍ରତିକ୍ଷିତ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରାଯାଇ ଏହି ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ସମୀକ୍ଷା ବୈଠକରେ ଜଳ ସେଚନ, ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ଟିପିଏସଓଡିଏଲ୍, ଗ୍ରାମ୍ୟ ଜଳ ଯୋଗାଣ, ଜନଜାତି ଉନ୍ନୟନ, ଶିକ୍ଷା, ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଜୀବନ ଜୀବିକା ଭଳି ପ୍ରମୁଖ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ଭିତ୍ତିଭୂମି ବିଭାଗ ପରସ୍ପର ମଧ୍ୟରେ ଏକ ସମନ୍ୱୟ ବୈଠକ କରି ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପଞ୍ଚାୟତ ସ୍ତରରେ ହେଉଥିବା ସମସ୍ତ ନିର୍ମାଣ କାର୍ଯ୍ୟର ସାର୍ଟିଫିକେଟ୍ ସମ୍ପୃକ୍ତ ସରପଞ୍ଚ ପ୍ରଦାନ କରିବା ପରେ ହିଁ ସରକାରୀ ପାଣ୍ଠି ମଞ୍ଜୁର କରିବା ପାଇଁ କୁହାଯାଇଛି।

## ପୁରୀ-ବାଙ୍ଗିରିପୋଷି ଟ୍ରେନ ବିଳମ୍ବ ଯୋଗୁଁ ଜନ ଅସନ୍ତୋଷ

**ବେତନଟୀ,୧୪।୭ (ସଂଚାର ବ୍ୟୁରୋ):** ଯେଉଁ ଦିନଠାରୁ ପୁରୀରୁ ବାଙ୍ଗିରିପୋଷି ଟ୍ରେନ ନଂ ୧୮୪୦୨ର ସୁପରଫାଷ୍ଟ ମାନ୍ୟତା ହ୍ରାସ କରି ଦକ୍ଷିଣ ପୂର୍ବ ରେଳବାଇ କର୍ତ୍ତୃପକ୍ଷ ମେଲ୍/ଏକ୍ସପ୍ରେସ ଟ୍ରେନ କରିଦେଲେ, ଯାତ୍ରୀମାନଙ୍କର ଆଶଙ୍କା ସତ୍ୟରେ ପରିଣତ ହୋଇ ତାହା ଲୋକାଲ ଟ୍ରେନରେ ପରିଣତ ହୋଇଛି।

ଅଗଣିତ ମୟୂରଭଞ୍ଜବାସୀଙ୍କ ଆଶା ଭରସା, ଅତ୍ୟଧିକ ଯାତ୍ରୀ ଭଡା ତଥା ଭିଡରୁ ରକ୍ଷା କରୁଥିବା ଜୀବନ ରେଖା ସଦୃଶ ଏକମାତ୍ର ଟ୍ରେନର କଚ୍ଛପ ଗତି ଅତ୍ୟନ୍ତ ଦୁଃଖ ଦାୟକ ହୋଇଛି । ପୂର୍ବ ନିର୍ଦ୍ଧାରିତ ସମୟଠାରୁ ୨୦ ମିନିଟ୍ ଆଗରୁ ଏହାପୁରୀ ଷ୍ଟେସନ ଅପରାହ୍ଣ ୪ଟାରେ ଛାଡି ବାଙ୍ଗିରିପୋଷି ରାତ୍ରି୧୧.୨୦ ସ୍ଥଳରେ ପ୍ରାୟ ପ୍ରତ୍ୟେକଦିନ ରାତି ଗୋଟାଏ ପରେ ପହଞ୍ଚୁଛି । ଏମିତି ବି ହୋଇଛି । ରାତି ୪ରେ ବାଙ୍ଗିରିପୋଷି ପହଞ୍ଚିବା ମାତ୍ରେ ପୁଣି ତତକ୍ଷଣାତ୍ ପୁରୀ ଯାତ୍ରା କରିଛି । ମନୁଷ୍ୟକୃତ ଏହି ଅହେତୁକ ବିଳମ୍ବର ସମ୍ବାଦପତ୍ର ଜରିଆରେ ବହୁବାର କରାଯାଇଥିଲେ ହେଁ, ଦଃ ପୂଃ ରେଳବାଇ କର୍ତ୍ତୃପକ୍ଷ ନ ଶୁଣିବାରୁ ବେତନଟୀ ରେଳବାଇ ପରାମର୍ଶଦାତା କମିଟି ସଦସ୍ୟ ରବୀନ୍ଦ୍ରନାଥ ମିଶ୍ର ଇ-ମେଲ ଜରିଆରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ପ୍ରତିକାର ଲୋଡିଛନ୍ତି ।

## ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟରେ ତାଲା

### ଧାରଣାରେ ବସିଲେ ଅଭିଭାବକ ଓ ଛାତ୍ରଛାତ୍ରୀ



**ଛତ୍ରପୁର,୧୪।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା କରି ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ମଧୁରଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିକଳ ଚିତ୍ର ସାମ୍ନାକୁ ଆସିଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ବର୍ଷ ବର୍ଷ ଧରି ଶିକ୍ଷକ ପଦବୀ ପୂରଣ ନ ହେବାରୁ ମାତ୍ର ୩ ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ଚାଲିଛି। ଏହାର ପ୍ରତିବାଦରେ ମଙ୍ଗଳବାର ମଧୁରଚୁଆ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ ସମ୍ମୁଖରେ ତାଲା ପକାଇ ଧାରଣାରେ ବସିଥିଲେ। ଏହି ସମୟରେ କୌଣସି ଅଧିକାରୀଙ୍କ ଦେଖାମିଳିନଥିଲା।

ସୂଚନା ଅନୁଯାୟୀ, ୧୯୮୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ବିଦ୍ୟାଳୟରେ ପ୍ରାୟ ୧୯୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୯ଟି ଶ୍ରେଣୀ ପାଇଁ ମାତ୍ର ୩ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଲା, ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜଣେ ବି ନିୟମିତ ଶିକ୍ଷକ ନାହାନ୍ତି। ଶିକ୍ଷକଙ୍କୁ ଏକାସାଙ୍ଗରେ ୯ଟି ଶ୍ରେଣୀରେ ପାଠଦାନ କରିବା ସହ ବିଦ୍ୟାଳୟର ସମସ୍ତ ପ୍ରଶାସନିକ ଓ ଦୈନନ୍ଦିନ କାର୍ଯ୍ୟର ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡୁଛି। ଫଳରେ ପାଠଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ଛାତ୍ରଛାତ୍ରୀମାନେ ଆଶାନୁରୂପ ଶିକ୍ଷା ପାଇପାରୁ ନାହାନ୍ତି।

ଶିକ୍ଷକ ଅଭାବ ଯୋଗୁଁ ଦୀର୍ଘ ଦିନ ଧରି ପାଠପଢ଼ା ବ୍ୟାହତ ହେଉଥିବାରୁ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ଗ୍ରାମବାସୀ ଓ ଅଭିଭାବକମାନେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରି ବିଦ୍ୟାଳୟରେ ସ୍ୱାଭାବିକ ପାଠପଢ଼ା ବ୍ୟବସ୍ଥା ଆରମ୍ଭ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଧର୍ମଶାଳା ରଥଯାତ୍ରା ପାଇଁ ପ୍ରସ୍ତୁତି



**ଯାଜପୁର,୧୪।୭ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଧର୍ମଶାଳାରେ ରଥଯାତ୍ରା ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ। ଏନେଇ ଭାଲୁଖାଇ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆସନ୍ତା ୧୬ ତାରିଖରେ ଧର୍ମଶାଳା ରଥଯାତ୍ରା ମହାଆଡ଼ମ୍ବର ସହକାରେ ପାଳିତ ହେବାକୁ ଯାଉଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଧର୍ମଶାଳା ମୁନ୍ସୀ ମେଳଣ କମିଟି ଓ ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ମିଳିତ ଆନୁକୂଲ୍ୟରେ ଏହି ରଥଯାତ୍ରା ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ଧର୍ମଶାଳା ଥାନା ଅଧିକାରୀ ରଥରେ ଛେରା ପହଁରା କରିଥାନ୍ତି। ତେବେ ଚଳିତ ବର୍ଷ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ରଥରେ ଛେରା ପହଁରା କରିବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ଗୁଗୁଡ଼ମାହା ଗୁଳିକାଣ୍ଡକୁ ୧୦ ବର୍ଷ ପୂରିଲା

### ମାଓବାଦୀଙ୍କ ଗୁଳିରେ ଯାଇଥିଲା ତିନି ନିରୀହଙ୍କ ଜୀବନ



**ଫୁଲବାଣୀ,୧୪।୭ (ସଂଚାର ବ୍ୟୁରୋ):** ୧୦ ବର୍ଷ ପରେ ବି ସେହି ଲୋମହର୍ଷ ଘଟଣା ମନେ ପଡିଲେ ପୀଡିତ ଲୋକେ କାନ୍ଦୁଛନ୍ତି। ସରକାରଙ୍କ ସହାୟତା ସମୁଦ୍ରକୁ ଶଙ୍ଖେ। କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକର ପରମ୍ପାଙ୍ଗା ଜିପିର ଗୁଗୁଡ଼ମାହାରେ ୧୦ ବର୍ଷ ତଳେ ଆଜିର ଦିନରେ ଅଟୋରେ ହାଟ କରି ଫେରୁଥିବା ଗାଁର ଲୋକଙ୍କ ଉପରକୁ ଅନ୍ଧାଧୁନ୍ଦ ଗୁଳି ଚଳାଇଥିଲେ ମାଓବାଦୀ, ପୁଲିସ ବୋଲି ସନ୍ଦେହ କରି। ଏକ ଶିଶୁ ଓ ଗର୍ଭବତୀଙ୍କର ଶିଶୁ ଓ ଜଣେ ପୁରୁଷ କୁଲାରା ଡିଗାଲ, ସୁନିତା ଡିଗାଲଙ୍କୁ ଗୁଳି ବାଜିଥିଲେ ମଧ୍ୟ ସେ ବଞ୍ଚି ଯାଇଥିଲେ କିନ୍ତୁ ତାଙ୍କର ଦେଢ଼ବର୍ଷର ଶିଶୁ ଗୁଳିବିଦ୍ଧ ହୋଇ ମା' ଆଗରେ ମଲା। ପୁଲିସ-ମାଓବାଦୀ ଗୁଳିରେ ସର୍ବମୋଟ ୫ଜଣଙ୍କର ମୃତ୍ୟୁ ଘଟିଥିଲା। ରାତି ସାତଟା ବେଳେ କୀଟ କୀଟା ଅନ୍ଧାର ଥିଲା। ସେ କରାଳ ରାତିକୁ ଏବେ ବି ଶିଶୁକୁ ହରାଇଥିବା ମା ଓ ସ୍ୱାମୀ ହରାଇଥିବା ସ୍ତ୍ରୀ କାନ୍ଦୁଛନ୍ତି। ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ।

ଭାଗ୍ୟର ବିଡମ୍ବନା! ପରିବାର ଓ ଦାରିଦ୍ର୍ୟତା ଓ ସାମାଜିକ ତାଡନା ଓ ପ୍ରଶାସନର କସାଘାତରେ ଜର୍ଜରିତ ଗୁଗୁଡ଼ ମାହା ଆତଙ୍କୀତ ପୀଡିତ ବହୁ ବାର ଜିଲ୍ଲା ପ୍ରଶାସନ ପାଖରେ ଓ ସରକାରଙ୍କ ଠାରେ ନେହୁରା ହୋଇଥିଲେ ବି କିଛି ସୁଫଳ ପାଇନାହାନ୍ତି। ଏବେବି ଅଶ୍ରୁଳ ନୟନରେ ଆଶା ବାନ୍ଧିଛନ୍ତି ନ୍ୟାୟ ଓ ସହାୟତା ପାଇଁ।

## ନିତ୍ୟାନନ୍ଦ ପାଠାଗାରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ ପାଳନ

**ଧାମନଗର,୧୪।୭ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଓ ଏବଂ ଏନ ଏ ସି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅଠାନବେତମ୍ ଶ୍ରାଦ୍ଧଦିବସ ପାଳନ କରାଯାଇଥିବା ବେଳେ ସେହିପରି ଧାମନଗର ସ୍ଥିତ ଶିକ୍ଷାବିତ୍ ନିତ୍ୟାନନ୍ଦ ପାଠାଗାର ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଦିବସ ପାଳନ କରାଯାଇଛି।



ପାଠାଗାରର ପରିଚାଳକ ରସାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନିରାକାର ଧଳ ଯୋଗ ଦେଇ ପ୍ରାରମ୍ଭରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ପୂର୍ବତନ ଏବିଇଓ ରାମଚନ୍ଦ୍ର ସାହୁ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ କୁମାର ପତି,ରୁଦ୍ର ସାହୁ, ଗଙ୍ଗାଧର ସେଠୀ, ସାମ୍ବାଦିକ ସେକ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, କୁମାରେଶ ଖିଲାର, ପୁରସ୍ତମ ମହାଳିକଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ,ଛାତ୍ର ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁ ଦାସଙ୍କ ତ୍ୟାଗ,ଆଦର୍ଶ ଓ ଜୀବନି ଉପରେ ଆଲୋକପାତ କରାଯାଇଥିଲା।

# ବିଏମ୍‌ସି ପକ୍ଷରୁ 'ନମସ୍ତେ ଡେ' କାର୍ଯ୍ୟକ୍ରମ

- ପ୍ରତି ସ୍ୱଚ୍ଛକର୍ମୀଙ୍କ ପାଇଁ ୨ ଲକ୍ଷର ଜୀବନ ବୀମା
- ସ୍ୱଚ୍ଛକର୍ମୀଙ୍କୁ ସମ୍ବର୍ଦ୍ଧନା, ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ ସୁବିଧା ପ୍ରଦାନ




ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସ୍ୱଚ୍ଛକର୍ମୀଙ୍କ ନିମନ୍ତେ ଆଜି 'ନମସ୍ତେ ଡେ' ପାଳିତ ହୋଇଛି। ଏହା କେନ୍ଦ୍ର ସରକାରଙ୍କ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା, ଯାହା ୨୦୨୨ରେ ଆରମ୍ଭ ହୋଇଥିଲା। ଏହି ଯୋଜନାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ମିଳିତ ଭାବେ କାର୍ଯ୍ୟକାରୀ କରୁଛନ୍ତି।

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱେରଜ ଓ ସେପ୍ଟିକ୍ ଟ୍ୟାଙ୍କ ସଫେଇରେ ବିପଦପୂର୍ଣ୍ଣ ମାନବୀୟ ପ୍ରବେଶକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହନ ଦେବା, ସ୍ୱଚ୍ଛ କର୍ମୀଙ୍କ ସୁରକ୍ଷା, କୌଶଳ ବିକାଶ ଓ ଜୀବିକାର ଉନ୍ନତି ସୁନିଶ୍ଚିତ କରିବା। ୨୦୨୩-୨୪ରେ କେନ୍ଦ୍ର ବଜେଟରେ ଏହି ଯୋଜନା ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା। ଦେଶର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାରେ ଏହି ଯୋଜନାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି, ଯାହାର ଲକ୍ଷ୍ୟ ଶତପ୍ରତିଶତ ଯାନ୍ତ୍ରିକ ଭାବେ ସେପ୍ଟିକ୍ ଟ୍ୟାଙ୍କ ଓ ସ୍ୱେରେଜ ସଫେଇ କରିବା। ସ୍ୱଚ୍ଛତା କାର୍ଯ୍ୟ ସମୟରେ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ପ୍ରଶିକ୍ଷିତ, ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ଓ ସଶକ୍ତିକରଣ କରାଇବା।

ସ୍ୱଚ୍ଛ କର୍ମୀଙ୍କୁ ସମ୍ମାନ, ସୁରକ୍ଷା ଓ କାମ କରିବାର ଉପଯୁକ୍ତ ପରିବେଶ ସୃଷ୍ଟି କରିବା ସହ ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ବିଏମସି ପକ୍ଷରୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କାର ଜୀବନ ବୀମା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି। 'ନମସ୍ତେ ଡେ' ପରିପ୍ରେକ୍ଷୀରେ ବିଏମସି ମୁଖ୍ୟାଳୟରେ ଆଜି ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୩୦୦ ସ୍ୱଚ୍ଛକର୍ମୀଙ୍କର ରକ୍ତଚାପ, ଡାଏବେଟିସ୍, ଦନ୍ତ, ନାସା, ଗଳା, ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

### ଖାକିକୁ ଖୋଲା ଚ୍ୟାଲେଞ୍ଜ

# ବନ୍ଦ ଘରୁ ୨୦ ଲକ୍ଷର ସମ୍ପତ୍ତି ଲୁଟ



ଭୁବନେଶ୍ୱର,୧୪।୭ (ସଂଚାର ବ୍ୟୁରୋ): ସ୍ମାର୍ଟ ସିଟିରେ ଏବେ ଲୁଟେରାଙ୍କ ରାଜୁତି ଚାଲିଛି। ଫଳତଃ ସାଧାରଣ ଲୋକେ ଘର ଛାଡ଼ି ବାହାରକୁ ଯିବାକୁ ଏବେ ଭୟ କଲେଣି। ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥାକୁ ବେଖାତିର କରି ରାଜଧାନୀ ଛାତି ଉପରୁ ଲୁଟେରାମାନେ ଲୁଟି ନେଇଛନ୍ତି ବିପୁଳ ପରିମାଣର ସମ୍ପତ୍ତି। ଲକ୍ଷେ କି ଦି' ଲକ୍ଷ ନୁହେଁ, ବରଂ ପାଖାପାଖି ୨୦ ଲକ୍ଷ ଟଙ୍କାର ସୁନାଗହଣା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ୍ ହେବା ଘଟଣା ସମଗ୍ର ସହରରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ସୂଚନାନୁଯାୟୀ, ଭୁବନେଶ୍ୱର ଉପକଣ୍ଠସ୍ଥିତ ଏୟାରଫିଲ୍ଡ ଥାନା ଅଧୀନରେ ଥିବା ଜାମକୋଳି ଗାଁରେ ଶିବଶଙ୍କର ପରିଡ଼ାଙ୍କ ଘରେ ଦୁର୍ବୃତ୍ତ ଚତୁରତାର ସହ ପ୍ରବେଶ କରିଥିଲେ। ପରିବାର ଲୋକେ ଘରେ ତାଲା ପକାଇ ବାହାରକୁ ଯାଇଥିବାର ସୁଯୋଗ ନେଇ ସେମାନେ ବଡ଼ ଧରଣର ଚୋରି ଘଟଣାକୁ ବାସ୍ତବ ରୂପ ଦେଇଛନ୍ତି। ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ନିର୍ଭୟରେ ଘର ଭିତରେ ପଶିବା ସହ ଆଲମୀରା ତାଡ଼ି ଗୋଟି ଗୋଟି କରି ସାରା ଜୀବନର ସଞ୍ଚୟକୁ ଏକାଠି କରି ଫେରାର୍ ହୋଇଯାଇଥିଲେ। ପରିବାର ଲୋକେ ଯେତେବେଳେ ଘରକୁ ଫେରିଲେ, ସାମ୍ନା ଦୃଶ୍ୟ ଦେଖି ସେମାନଙ୍କ ପାଦ ତଳୁ ମାଟି ଖସିଯାଇଥିଲା। କବାଟ ଖୋଲା ପଡ଼ିଥିଲା ଏବଂ ଭିତରେ ପଶି ଦେଖିବା ବେଳକୁ ଲକର୍ ସମ୍ପୂର୍ଣ୍ଣ ଭଙ୍ଗାଯାଇଥିଲା। ଘରର ଆସବାବପତ୍ର ଓ ଲୁଗାପଟା ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଲୁଟେରାମାନେ ପାଖାପାଖି ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ଟଙ୍କା ଓ କିଛି ଦାମୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନେଇଯାଇଛନ୍ତି। ଏତେ ବଡ଼ ଲୁଟ୍ ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କମିଶନରେଟ ପୁଲିସ କବ୍‌ଜାରେ ଲୁଟେରା ଗ୍ୟାଙ୍ଗ




ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରୁ ଆସି ଲୁଟୁଥିବା ଏକ ମୋବାଇଲ ଲୁଟେରା ଗ୍ୟାଙ୍ଗକୁ ଆଜି ଧରିଛି କମିଶନରରେଟ ପୁଲିସ। ସାଧାରଣତଃ ଯେତେବେଳେ ଯାତ୍ରୀ ବସ୍‌ରେ ଚଢ଼ନ୍ତି, ସେଇ ସମୟରେ ଟାର୍ଗେଟ କରୁଥିଲେ ଏହି ଲୁଟେରା। ଲୁଟେରା ଗ୍ୟାଙ୍ଗଠାରୁ ୫୦ରୁ ଅଧିକ ମୋବାଇଲ ସହ ବିଭିନ୍ନ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏହି ଲୁଟେରାମାନେ ଛୋଟ ଛୋଟ ପିଲାଙ୍କୁ ଧରି ବସଷ୍ଟାଣ୍ଡରେ ବୁଲୁଥିବା ବେଳେ ସୁଯୋଗ ଉଣ୍ଡି ଲୁଟ୍ କରୁଥିଲେନ୍ତି ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଏସ. ଦେବଦତ୍ତ ସିଂ କହିଛନ୍ତି।,ଶ୍ରୀ ସିଂ କହିଛନ୍ତି ଯେ ଏହି ଗ୍ୟାଙ୍ଗ ଛୋଟ ଛୋଟ ପିଲାଙ୍କୁ ସାଙ୍ଗରେ ଧରି ବସଷ୍ଟାଣ୍ଡ ଓ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲୁଥିଲେ। ଭିଡ଼ ମଧ୍ୟରେ ସୁଯୋଗ ଦେଖି ସେମାନେ ଯାତ୍ରୀଙ୍କ ପକେଟ କିମ୍ବା ବ୍ୟାଗରୁ ମୋବାଇଲ ଲୁଟି ନେଉଥିଲେ। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ସମ୍ପୃକ୍ତି ନେଇ ପୁଲିସ ତନାଘନା ଚଳାଇଛି। ଏଥିସହ ଜନସାଧାରଣଙ୍କୁ ବସଷ୍ଟାଣ୍ଡ ଓ ଜନହଳିପୂର୍ଣ୍ଣ ସ୍ଥାନରେ ସତର୍କ ରହିବା ସହ ନିଜର ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ସେ ପରାମର୍ଶ ଦେଇଛି।

## ଆଜି ଦାନା ବାନ୍ଧିବ ଲଘୁଚାପ
## ୧୭ ଯାଏଁ ପ୍ରବଳ ବର୍ଷା!

ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଆସନ୍ତାକାଲି ବଙ୍ଗୋପ ସାଗରରେ ଦାନା ବାନ୍ଧିବ ଲଘୁଚାପ। ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଉତ୍ତର ବଙ୍ଗୋପ ସାଗର ଓ ସଂଲଗ୍ନବର୍ତ୍ତୀ ପଶ୍ଚିମ ବାଂଲାଦେଶ ଉପକୂଳରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳତଃ ଆସନ୍ତା ୧୭ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆସନ୍ତାକାଲି ଭୀଷଣ ବର୍ଷା ପାଇଁ ଜଗତସିଂହପୁର ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୧୦ ଜିଲ୍ଲାକୁ ଅରେଞ୍ଜ ଓ ପ୍ରବଳ ବର୍ଷା ପାଇଁ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆହୁରି ୧୭ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଏଥିସହ ପ୍ରବଳ ପବନ ପ୍ରଭାବରେ ୧୮ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବ। ତେଣୁ ସମୁଦ୍ରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

# କୋଭିଡ୍ ଗୁଜବରେ ଭୟଭୀତ ନ ହେବାକୁ ଅପିଲ୍



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଆଜି ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଭିନ୍ନ ପ୍ରସ୍ତୁତି ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ଏ ବାବଦରେ ବ୍ୟସ୍ତ ନ ହେବାକୁ ସେ ଜନସାଧାରଣଙ୍କ ଅପିଲ୍ କରିଛନ୍ତି। ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି। ଏଥିସହ ଜନସାଧାରଣଙ୍କୁ ଅନୁରୋଧ କରି କୌଣସି ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନ ହୋଇ ସଚେତନ ରହିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ମଧ୍ୟ ସେ ଅପିଲ କରିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡି ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜେଲ୍‌ରୁ ମୁକୁଳିବେ ଦାରା ସିଂ

**ଅଗଷ୍ଟ ୧୫ ସୁଦ୍ଧା ମୁକ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**



ଭୁବନେଶ୍ୱର,୧୪।୭ (ସଂଚାର ବ୍ୟୁରୋ): ଜେଲରୁ ମୁକୁଳିବେ ଦାରା ସିଂ। ଦୀର୍ଘ ୨୬ ବର୍ଷ ପରେ କାରାଗାରରୁ ବାହାରିବେ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲ୍। ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ତାଙ୍କୁ ଜେଲରୁ ମୁକ୍ତ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରାଯାଏ, ତା'ହେଲେ ଆସନ୍ତା ୧୯ ତାରିଖରେ ପୁଣି ଥରେ ଶୁଣାଣି ହେବ।

ମିଳିଥିବା ସୂଚନାନୁଯାୟୀ, ଗତ ୬ ତାରିଖରେ ଷ୍ଟେଟ ରିଭ୍ୟୁ ବୋର୍ଡରେ କଏଦୀଙ୍କୁ ଛାଡ଼ିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ଦାରା ସେନା ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଦାରା ସେନା ପକ୍ଷରୁ ପକ୍ଷ ରଖିଥିଲେ ଆଇନଜୀବୀ ଏପି ସିଂହ। ସମସ୍ତ ପକ୍ଷକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଶ୍ରୀ ପାଲ୍‌ଙ୍କୁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହା ମାମଲାରେ କେତେକ ଟେକ୍ନିକାଲ ପଏଣ୍ଟ ରହିଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଯେହେତୁ ଦାରା ଉତ୍ତର ପ୍ରଦେଶର ବାସିନ୍ଦା, ତେଣୁ ଭେରିଫିକେସନ ଦିଗରେ ସମସ୍ୟା ରହିଛି। ଯଦି ଅଗଷ୍ଟ ୧୫ ସୁଦ୍ଧା ନ ଛାଡ଼ନ୍ତି, ତା'ହେଲେ ଅଗଷ୍ଟ ୧୯ରେ ପୁଣି ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସେପଟେ ଦାରାଙ୍କୁ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ମିଳିବା ପରେ ଦାରା ସେନା ପକ୍ଷରୁ ସୁପ୍ରିମକୋର୍ଟ, ଓକିଲ ଏପି ସିଂହ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୧୯୯୯ରେ କେନ୍ଦୁଝର ଜିଲ୍ଲାର ମନୋହରପୁରରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳିଦେବା ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ।







ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR ସଂଚାର
ବୁଧବାର ୧୫ ଜୁଲାଇ ୨୦୨୬
BUSINESS

# ପାଇକାରୀ ମୁଦ୍ରାସ୍ଫୀତି ଦୁଇଅଙ୍କ ମୁହାଁ




## ଜୁନ୍‌ରେ ୯.୮୭% ପ୍ରତିଶତକୁ ବୃଦ୍ଧି

ନୂଆଦିଲ୍ଲୀ,୧୪।୭: ଜୁନ୍ ମାସ ପାଇଁ ଆଜି ପ୍ରକାଶିତ ପାଇକାରୀ ମୁଦ୍ରାସ୍ଫୀତି ୯.୮୭ ପ୍ରତିଶତକୁ ବୃଦ୍ଧି ପାଇ ଦୁଇଅଙ୍କ ମୁହାଁ ହୋଇଛି। ମେ ମାସରେ ଏହା ୯.୬୮ ପ୍ରତିଶତ ରହିଥିଲା। ଜୁନ୍ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୪.୩୮ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟ ଗତକାଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆସିଥିଲା। ଗତ ୧୭ ମାସ ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ସହିତ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ସର୍ବୋଚ୍ଚ ସୀମା ୪ ପ୍ରତିଶତକୁ ମଧ୍ୟ ଅତିକ୍ରମ କରିଯାଇଛି। ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୩.୯୩ ପ୍ରତିଶତ ରହିଥିଲା। ଉଭୟ ଖାଦ୍ୟ ଓ ଅଣଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପାଇଁ ପାଇକାରୀ ମୁଦ୍ରାସ୍ଫୀତି ଉପରମୁହାଁ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ହର୍ମୁଜ ବନ୍ଦର ପ୍ରଭାବ ଦରବୃଦ୍ଧିରେ ପ୍ରତିଫଳିତ ହୋଇଛି। ପେଟ୍ରୋଲିୟମ ଉତ୍ପାଦ ସମେତ ଖଣିଜ ତୈଳ, ଖାଦ୍ୟ ସାମଗ୍ରୀ, ମୌଳିକ ଧାତୁ, ରସାୟନିକ ସାମଗ୍ରୀ ଆଦିର ଦରବୃଦ୍ଧି ପାଇକାରୀ ମୁଦ୍ରାସ୍ଫୀତିକୁ ଅଧିକ ଗତିଶୀଳ କରିଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ କହିଛି। ଜୁନ ମାସରେ ଖାଦ୍ୟ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି ୫.୪୯ ପ୍ରତିଶତ ରହିଛି। ମେ ମାସରେ ଏହା ୩.୬୦ ପ୍ରତିଶତ ରହିଥିଲା। ଅଣଖାଦ୍ୟ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି ଜୁନରେ ୧୧.୦୭ ପ୍ରତିଶତରେ ଏବଂ ଖଣିଜ ସାମଗ୍ରୀର ମୁଦ୍ରାସ୍ଫୀତି ୯.୪୫ ପ୍ରତିଶତରେ ରହିଛି। ବିନିର୍ମାଣ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି ମେ ମାସ ଭଳି ୭.୪୮ ପ୍ରତିଶତରେ ସ୍ଥିର ରହିଛି। ପାଇକାରୀ ମୁଦ୍ରାସ୍ଫୀତି ଅଧିକ ଦିନ ଉଚ୍ଚସ୍ତରରେ ରହିଲେ ଖୁଚୁରା ମୁଦ୍ରାସ୍ଫୀତିରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ। ଏହାହେଲେ ଖାଉଟିମାନେ ଅସୁବିଧାରେ ପଡ଼ିବେ।

# ଦୀର୍ଘ ୧୮ ବର୍ଷ ହେଲା ଟାଟା ଗ୍ରୁପ ନମ୍ବର-୧

ନୂଆଦିଲ୍ଲୀ,୧୪।୭: ଲଗାତର ୧୮ ବର୍ଷ ହେଲା ଟାଟା ଗ୍ରୁପର ଦେଶର ନମ୍ବର-୧ ମୂଲ୍ୟବାନ ବ୍ରାଣ୍ଡ୍ ଭାବରେ ପରିଚୟ କାଏମ ରଖିଛି। ଏଥର ବି ଏହି ଟ୍ୟାଗ ପାଇଛି ଟାଟା ଗ୍ରୁପ। ତେବେ ଏଥର ରାଙ୍କରେ ଆଉ ଏକ ନୂଆ ମୁହଁ ଏଣ୍ଟ୍ରି ମାରିଛି। ପ୍ରଥମ ଥର ପାଇଁ ଆଦାନୀ ଗ୍ରୁପ ଭାରତର ଶୀର୍ଷ ୧୦ ମୂଲ୍ୟବାନ ବ୍ରାଣ୍ଡ ବର୍ଗରେ ସାମିଲ ହୋଇଛି। ଭିତ୍ତିଭୂମି, ଶକ୍ତି, ଲଜିଷ୍ଟିକ୍ସ ଏବଂ ଅକ୍ଷୟ ଶକ୍ତିରେ ଆଦାନୀ ଗ୍ରୁପର ଦ୍ରୁତ ପ୍ରସାର ହିଁ ଏତ କମ୍ପାନୀକୁ ଏହି ସଫଳତା ଦେଇଛି।

ବ୍ରାଣ୍ଡ ଫାଇନାନ୍ସ ଇଣ୍ଡିଆ ୧୦୦, ୨୦୨୬’ ରିପୋର୍ଟ ଅନୁସାରେ, ଟାଟା ଗ୍ରୁପ୍ କ୍ରମାଗତ ୧୮ ବର୍ଷ ଧରି ଭାରତର ସର୍ବାଧିକ ମୂଲ୍ୟବାନ ବ୍ରାଣ୍ଡ ହୋଇ ରହିଛି। ଏଥର ଆଦାନୀ ଗ୍ରୁପ୍ ପ୍ରଥମ ଥର ପାଇଁ ଦେଶର ଟପ୍ ୧୦ ମୂଲ୍ୟବାନ ବ୍ରାଣ୍ଡ ମଧ୍ୟରେ ସ୍ଥାନ ପାଇଛି। ରିପୋର୍ଟ ଅନୁଯାୟୀ, ଭାରତର ୧୦୦ଟି ସର୍ବାଧିକ ମୂଲ୍ୟବାନ ବ୍ରାଣ୍ଡର ମିଳିତ ମୂଲ୍ୟ ୭% ବୃଦ୍ଧି ପାଇ ୨୫୨.୮ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ସତ୍ତ୍ୱେ ଭାରତୀୟ କମ୍ପାନୀଗୁଡ଼ିକର ଦୃଢ଼ତାକୁ ଦର୍ଶାଉଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା (AI), ଡିଜିଟାଲ ଭିତ୍ତିଭୂମି, ଉତ୍ପାଦନ ଏବଂ ଅକ୍ଷୟ ଶକ୍ତିରେ ନିବେଶ କରୁଥିବା କମ୍ପାନୀଗୁଡ଼ିକ ଅଧିକ ବ୍ରାଣ୍ଡ ଅଭିବୃଦ୍ଧି ହାସଲ କରୁଛନ୍ତି।

ଟାଟା ଗ୍ରୁପ୍ ୩୩.୬ ବିଲିୟନ ଡଲାର ବ୍ରାଣ୍ଡ ମୂଲ୍ୟ ସହ ପ୍ରଥମ ସ୍ଥାନ ବଜାୟ ରଖିଛି। ଗତ ବର୍ଷ ତୁଳନାରେ ଏଥିର ୬% ଉପରକୁ ଉଠିଛି କମ୍ପାନୀ। ଇଲେକ୍ଟ୍ରୋନିକ୍ସ, ଡାଟା ଭିତ୍ତିଭୂମି, ଡିଜିଟାଲ ପ୍ଲାଟଫର୍ମ,ଇଲେକ୍ଟ୍ରିସିଟ ମୋବିଲିଟି, ସେମିକଣ୍ଡକ୍ଟର ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ମାଧ୍ୟମରେ ଟାଟା ଏହି ସଫଳତା ପାଇଛି।

ସେହିପରି ଇନଫୋସିସ ମଧ୍ୟ ଟାଟା ପରି ଖୁବ୍ ସଫଳ ହେବାରେ ଲାଗିଛି। କମ୍ପାନୀ ଏଥର ୧୬.୪ ବିଲିୟନ ଡଲାର ମୂଲ୍ୟ ସହ କ୍ରମାଗତ ପଞ୍ଚମ ବର୍ଷ ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ୫ ବର୍ଷ ହେଲା କମ୍ପାନୀ ଏହି ଭାରତ ଦ୍ୱିତୀୟ ସବୁଠାରୁ ମୂଲ୍ୟବାନ କମ୍ପାନୀ ହୋଇ ରହି ଆସିଛି। ଏଆଇ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଚାହିଦା ଯୋଗୁ ଏହି ଅଭିବୃଦ୍ଧି ସମ୍ଭବ




ହୋଇପାରିଛି। ସେହିପରି ଭାରତର ଏଲାଇସି ୧୨% ବୃଦ୍ଧି ସହ ୧୫.୩ ବିଲିୟନ ଡଲାର ମୂଲ୍ୟ ପାଇ ତୃତୀୟ ସ୍ଥାନରେ ଥିବା ବେଳେ ଏଚଡିଏଫ୍‌ସି ଗ୍ରୁପ୍ ୨% ହ୍ରାସ ସତ୍ତ୍ୱେ ୧୩.୯ ବିଲିୟନ ଡଲାର ମୂଲ୍ୟ ସହ ଚତୁର୍ଥ ସ୍ଥାନରେ ରହିଛି। ୧୧% ମୂଲ୍ୟ ବୃଦ୍ଧି ସହ ରିଲାଏନ୍ସ ଗ୍ରୁପ୍ ୧୦.୮ ବିଲିୟନ ଡଲାର ମୂଲ୍ୟ ସହ ପଞ୍ଚମ ସ୍ଥାନ ଅଧିକାର କରିଛି। ଏସବିଆଇ ଗ୍ରୁପ ୯.୮ ବିଲିୟନ ଡଲାର ମୂଲ୍ୟ ସହ ଷଷ୍ଠ ସ୍ଥାନରେ ରହିଥିବା ବେଳେ ଏଚସିଏଲ୍ ଟେକ୍ ୯ ବିଲିୟନ ଡଲାର ମୂଲ୍ୟ ସହ ସପ୍ତମ ସ୍ଥାନରେ ରହିଛି। ସବୁଠାରୁ ବଡ଼ କଥା ହେଲା ବ୍ରାଣ୍ଡ ଭାଲ୍ୟୁ ତାଲିକାରେ ଆଦାନୀ ଗ୍ରୁପ ଶୀର୍ଷ-୧୦ରେ ଏଣ୍ଟ୍ରି କରିଛି। ଆଦାନୀ ଗ୍ରୁପ୍ ୩୧% ଅଭିବୃଦ୍ଧି ସହ ୮.୫ ବିଲିୟନ ଡଲାର ମୂଲ୍ୟ ହାସଲ କରି ଅଷ୍ଟମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଛି।ଏହା ପଛକୁ ୮.୩ ବିଲିୟନ ଡଲାର ମୂଲ୍ୟ ସହ ଲାର୍ସନ ଆଣ୍ଡ ଟୁବ୍ରୋ (L&T) ନବମ ଏବଂ ୮.୧ ବିଲିୟନ ଡଲାର ମୂଲ୍ୟ ସହ ଏୟାରଟେଲ ଦଶମ ସ୍ଥାନରେ ରହିଛି। ସୁଜଲନ୍ ଏନର୍ଜି ହେଉଛି ଦେଶର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ବ୍ରାଣ୍ଡ। ସୁଜଲନ୍ ଏନର୍ଜିର ବ୍ରାଣ୍ଡ ମୂଲ୍ୟ ୧୧୪% ବୃଦ୍ଧି ପାଇ ୪୧୮ ମିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟ କମ୍ପାନୀ ମଧ୍ୟରେ ଆଦାନୀ ପାୱାର (୧୫୨% ବୃଦ୍ଧି), ୟେସ୍ ବ୍ୟାଙ୍କ (୭୯% ବୃଦ୍ଧି), ଜେଏସଡବ୍ଲ୍ୟୁ ଗ୍ରୁପ (୫୫% ବୃଦ୍ଧି), ଏମଆରଏଫ (୨୪% ବୃଦ୍ଧି) ଏବଂ ଜେଟୱାର୍କ (୧୯% ବୃଦ୍ଧି) ଭଲ ପ୍ରଦର୍ଶନ କରିଛନ୍ତି। ଗ୍ରାହକଙ୍କ ବିଶ୍ୱାସ ଆଧାରରେ ଦେଶର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ ହେଉଛି ‘ତାଜ ହୋଟେଲ୍’। ଏହା କ୍ରମାଗତ ପଞ୍ଚମ ବର୍ଷ ପାଇଁ ଭାରତର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ (BSI ସ୍କୋର ୯୩.୫/୧୦୦) ହୋଇ ରହିଛି। ଜୋମାଟୋ ଦ୍ୱିତୀୟ ଏବଂ ଅମୂଲ ତୃତୀୟ ସ୍ଥାନରେ ରହିଛନ୍ତି। ଏଥିସହିତ, TCS ୨୧.୨ ବିଲିୟନ ଡଲାର ମୂଲ୍ୟ ସହ ଭାରତର ସବୁଠାରୁ ମୂଲ୍ୟବାନ ଆଇଟି ସେବା ବ୍ରାଣ୍ଡ ଭାବେ ନିଜ ସ୍ଥାନ ବଜାୟ ରଖିଛି ଏବଂ ବିଶ୍ୱର ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ ଆଇଟି ବ୍ରାଣ୍ଡ ଭାବେ ମଧ୍ୟ ସ୍ଥାନ ପାଇଛି।

# ତୈଳ ଓ ଗ୍ୟାସ କ୍ଷେତ୍ରରେ ୫ ବିଲିଅନ ଡଲାର ନିବେଶ କରିବ ବେଦାନ୍ତ



ନୂଆଦିଲ୍ଲୀ,୧୪।୭: ବେଦାନ୍ତ ପକ୍ଷରୁ ବ୍ୟାପକ ସମ୍ପ୍ରସାରଣ ଯୋଜନା ରହିଛି। କମ୍ପାନିର ବାର୍ଷିକ ସାଧାରଣ ବୈଠକରେ ଉଦ୍‌ବୋଧନ ଦେଇ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଉତ୍ପାଦନ ସମ୍ପ୍ରସାରଣ ଓ ନିବେଶ ଯୋଜନା ସଂପର୍କରେ ଘୋଷଣା କରିଛନ୍ତି। ୨୦୩୧ ସୁଦ୍ଧା କମ୍ପାନି ଏହାର ଦସ୍ତା ଓ ସୀସା ଉତ୍ପାଦନ କ୍ଷମତା ପ୍ରାୟ ୩ ଗୁଣା ବଢ଼ାଇ ୩ ନିୟୁତ ଟନ୍ କରିବ। ଆସନ୍ତା ୩ ବର୍ଷ ମଧ୍ୟରେ ବେଦାନ୍ତ ଏହାର ଆଲୁମିନିୟମ ଉତ୍ପାଦନ କ୍ଷମତାକୁ ଦୁଇଗୁଣା କରି ୬ ନିୟୁତ ଟନ୍‌ରେ ପହଞ୍ଚାଇବ। ଲୁହା ଓ ଇସ୍ପାତ ଉତ୍ପାଦନ କ୍ଷମତା ୪ ନିୟୁତ ଟନ୍‌ରୁ ୧୫ ନିୟୁତ ଟନ୍‌କୁ ବଢ଼ାଇବ। ତୈଳ ଓ ଗ୍ୟାସ ଉତ୍ପାଦନ ବଢ଼ାଇବା ପାଇଁ କମ୍ପାନି ଆଗାମୀ ୩ରୁ ୫ ବର୍ଷ ମଧ୍ୟରେ ୫ ବିଲିଅନ ଡଲାର ନିବେଶ କରିବ। କମ୍ପାନି ଦୈନିକ ୫ ଲକ୍ଷ ବ୍ୟାରେଲ୍‌ର ଅଶୋଧିତ ତେଲ ଉତ୍ପାଦନ ଲକ୍ଷ୍ୟ ରଖିଛି।

# ଫକ୍ସୱାଗନରେ ଆଉ ୫୦ହଜାର ଛଟେଇ ଆଶଙ୍କା



ନୂଆଦିଲ୍ଲୀ, ୧୪।୭:ଜର୍ମାନୀର କାର୍ ନିର୍ମାତା ଫକ୍ସୱାଗନ ଆଉ ୫୦ ହଜାର କର୍ମଚାରୀଙ୍କୁଛଟେଇ କରିପାରିବେ। ଏ ସମ୍ପର୍କରେ କମ୍ପାନିର ସିଇଓ ଓଲିଭର ବ୍ଲୁମ୍ ସୂଚନା ଦେଇଛନ୍ତି। ପୂର୍ବରୁ ୫୦ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ କମ୍ପାନି ଯୋଜନା ପ୍ରସ୍ତୁତ କରିସାରିଛି। ଏହା ପୋର୍ସା ଓ ଅଡି ଭଳି ଡିଭିଜନରେ ଛଟେଇ କାର୍ଯ୍ୟକାରୀ କରିବ। ତେବେ ପ୍ରତିଦ୍ୱନ୍ଦ୍ୱୀ ସଂସ୍ଥାଙ୍କ ତୁଳନାରେ ତଥାପି ଖର୍ଚ୍ଚରେ ଫକ୍ସୱାଗନସୁବିଧାଜନକ ସ୍ଥିତିରେ ପହଞ୍ଚିପାରିବ ନାହିଁ। ତେଣୁ ଆଉ ୫୦ ହଜାର କର୍ମଚାରୀଙ୍କୁ ଛଟେଇ କରାଯାଇପାରେ ବୋଲି ବ୍ଲୁମ୍ କହିଛନ୍ତି। କେଉଁ ସବୁ ସହାୟକ କମ୍ପାନି, ବ୍ରାଣ୍ଡ୍ ଓ ଅଞ୍ଚଳରେ କର୍ମଚାରୀ କମ୍ କରାଯାଇପାରିବ ତାହାର ସମ୍ଭାବନାକୁ ଏବେ ଅନୁଶୀଳନ କରାଯାଉଛି ବୋଲି ସେ କହିଛନ୍ତି।

# ଭାରତରେ ବଢ଼ିବ ବ୍ରିଟେନ୍ କାର୍ ଚାହିଦା

ନୂଆଦିଲ୍ଲୀ: ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଆସନ୍ତା ୧୫ ତାରିଖରୁ କାର୍ଯ୍ୟକାରୀ ହେବ। ଏହାପରେ ବ୍ରିଟେନରୁ ସଂପୂର୍ଣ୍ଣ ଭାବେ ଆମଦାନି ହେଉଥିବା ଦାମୀ କାର୍‌ଗୁଡ଼ିକ ଉପରେ ଆମଦାନି ଶୁଳ୍କ ଭାରତରେ ବର୍ତ୍ତମାନର ୧୧୦ ପ୍ରତିଶତରୁ ୩୦ ପ୍ରତିଶତକୁ ହ୍ରାସ ପାଇବ। ଫଳରେ ବ୍ରିଟେନର ବିଳାସପୂର୍ଣ୍ଣ କାର୍ ନିର୍ମାତାଙ୍କ ଗାଡ଼ି ଦାମ୍ ଭାରତରେ କମିଯିବ। ବର୍ଷକୁ ୨୦ ହଜାର ଗାଡ଼ି ପାଇଁ ଶୁଳ୍କ ହ୍ରାସ ସୁବିଧା ଏବେ ଉପଲବ୍ଧ ହେବ। ଫଳରେ ରୋଲ୍‌ସ ରୟେସ୍, ମ୍ୟାକ୍‌ଲରେନ୍ ଏବଂ ଲ୍ୟାଣ୍ଡ୍‌ରୋଭର୍ କମ୍ପାନିର କାର୍‌ଗୁଡ଼ିକର ଦାମ୍ ଭାରତରେ କମିଯିବ। ଯଦିଓ କମ୍ପାନିଗୁଡ଼ିକ ବର୍ତ୍ତମାନ ସୁଦ୍ଧା ମୂଲ୍ୟ ହ୍ରାସ ଘୋଷଣା କରିନାହାନ୍ତି ତଥାପି ଏହା ୨୫ ପ୍ରତିଶତ ପର୍ଯ୍ୟନ୍ତ କମିଯିବ ବୋଲି ଆକଳନ କରାଯାଉଛି। ମ୍ୟାକ୍‌ଲରେନ୍ କମ୍ପାନିର ୭୫୦ଏସ୍ ମଡେଲ୍ କାର୍ ଦାମ୍ ଯାହା ବର୍ତ୍ତମାନ ପ୍ରାୟ ୭.୯୫ କୋଟି ଟଙ୍କା ରହିଛି ତାହା ଆଗାମୀ ଦିନରେ ୪.୯୫ କୋଟି ଟଙ୍କା ଭଳି ସ୍ତରକୁ ଖସିଆସିବ। ସେହିଭଳି ଏହାର ଜିଟି ମଡେଲ୍ କାର୍ ଦାମ୍ ୬.୧୫ କୋଟି ଟଙ୍କାରୁ ୩.୮୩ କୋଟି ଟଙ୍କାକୁ, ୭୫୦ଏସ୍ ସ୍ପାଇଡର୍ ଦାମ୍ ୮.୭୮ କୋଟି ଟଙ୍କାରୁ ୫.୪୬ କୋଟି ଟଙ୍କାକୁ କମିଯିବ। ଜାଗୁଆର ଲ୍ୟାଣ୍ଡରୋଭର କମ୍ପାନିର ରେଞ୍ଜରୋଭର ଏସ୍‌ଭି ଗାଡ଼ି ଦାମ୍ ଯାହା ୪.୨୫ କୋଟି ଟଙ୍କା ରହିଛି ତାହା ୩.୫୦ କୋଟି ଟଙ୍କାକୁ ଖସିବ। ରେଞ୍ଜରୋଭର ସ୍ପୋର୍ଟ ଏସ୍‌ଭି ଗାଡ଼ି ଦାମ୍ ୨.୭୫ କୋଟି ଟଙ୍କାରୁ ୨.୩୫ କୋଟି ଟଙ୍କାକୁ ହ୍ରାସ ପାଇବ। ରୋଲ୍‌ସ ରୟେସ୍‌ର ୪ଟି ମଡେଲ ଗାଡ଼ି ଦାମ୍ ୭.୬ କୋଟି ଟଙ୍କାରୁ ୧୫ କୋଟି ଟଙ୍କା ମଧ୍ୟରେ ରହିଛି। ସେଗୁଡ଼ିକର ମୂଲ୍ୟ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ କମିପାରେ। ମୁକ୍ତ ବାଣିଜ୍ୟ ରାଜିନାମା ଅନୁଯାୟୀ, ପ୍ରଥମ ବର୍ଷ ଗାଡ଼ି ଆମଦାନି କୋଟା ୨୦ ହଜାର ରହିଥିବାବେଳେ ପଞ୍ଚମ ବର୍ଷ ଏହା ୩୭ ହଜାର ରହିଛି। ୧୫ ବର୍ଷ ମଧ୍ୟରେ ମୋଟ ଗାଡ଼ି କୋଟା ସଂଖ୍ୟା ୩,୭୮,୦୦୦ ରହିବ। ବଡ଼ କାର୍‌ଗୁଡ଼ିକର ଆମଦାନି ଶୁଳ୍କ ବର୍ତ୍ତମାନ ୧୧୦ ପ୍ରତିଶତ ଥିବାବେଳେ ପ୍ରଥମ ବର୍ଷ ୩୦ ପ୍ରତିଶତକୁ ଏବଂ ପଞ୍ଚମ ବର୍ଷ ୧୦ ପ୍ରତିଶତକୁ କମିବ। ମଧ୍ୟମ ଆକାରର କାର୍‌ଗୁଡ଼ିକ ଉପରେ ବର୍ତ୍ତମାନ ଆମଦାନି ଶୁଳ୍କ ୬୬ ପ୍ରତିଶତ ଥିବାବେଳେ ପ୍ରଥମ ବର୍ଷ ତାହା ୫୦ ପତିଶତକୁ ଏବଂ ପଞ୍ଚମବର୍ଷ ୧୦ ପ୍ରତିଶତକୁ ହ୍ରାସ ପାଇବ। ମୋଟ ବିକ୍ରିରେ ଆମଦାନି ହୋଇ ବିକ୍ରି ହେଉଥିବା କାର୍ ଭାଗ ଏବେ ୩ରୁ ୪ ପ୍ରତିଶତ ଥିବାବେଳେ ଆଗାମୀ କିଛିବର୍ଷ ମଧ୍ୟରେ ଏହା ୭ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଶା କରାଯାଉଛି।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୪,୮୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୨,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୨,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୪,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୭୮ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୪୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା,୧୪।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ଛତୁ ଫୁଟିଲା ଭଳିଆ ଶିକ୍ଷାନୁଷ୍ଠାନ ଗୁଡିକ ରହିଛି। ଏହି ଶିକ୍ଷାନୁଷ୍ଠାନ ଗୁଡିକରେ ଅନେକ ଗୁଡିଏ ସମସ୍ୟା ଥିବାବେଳେ ଅଧିକାରୀମାନେ ଆଖିବୁଜି ଦେଉଛନ୍ତି। ଏତେକ ଶିକ୍ଷାଅନୁଷ୍ଠାନରେ ଛାତ୍ର ଛାତ୍ରୀମାନେ ଆତ୍ମହତ୍ୟା କରିବା ଓ ନିର୍ଯାତିତ ହୋଇଥିବା ମଧ୍ୟ ଘଟଣା ସାମ୍ନାକୁ ଆସିଛି। ଏଥିସହିତ ଜିଲ୍ଲାର ବିଭିନ୍ନ ବ୍ଲକର ବହୁ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଜିଲ୍ଲାପାଳ ଚେୟାରମ୍ୟାନ ଥିବାବେଳେ ଅନ୍ୟମାନେ ସଦସ୍ୟ ଅଛନ୍ତି। ଶିକ୍ଷାନୁଷ୍ଠାନ ଗୁଡିକରେ ସରକାରୀ ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ସୁରକ୍ଷା, ଅଗ୍ନି ନିର୍ବାପକ ଯନ୍ତ୍ର, ଅଗ୍ନି ଆଲାର୍ମ ବ୍ୟବସ୍ଥା, ଜରୁରୀକାଳୀନ ନିର୍ଗମ ପଥ, ବିଦ୍ୟୁତ୍ ସୁରକ୍ଷା, ଅଗ୍ନି ନିର୍ବାପଣ ସରଞ୍ଜାମର କାର୍ଯ୍ୟଦକ୍ଷତା ଓ ପ୍ରଯୁଜ୍ୟ କ୍ଷେତ୍ରରେ ବୈଧ ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ଯାଂଚ କରାଯିବ। ଅଡିଟ୍ ସମୟରେ ଚିହ୍ନଟ ହେଉଥିବା ତ୍ରୁଟି ଗୁଡିକର ତୁରନ୍ତ ସଂଶୋଧନ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା ନଥିବ ସେ ଶିକ୍ଷାନୁଷ୍ଠାନ ଗୁଡିକୁ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ ବୋଲି ଏହି ବୈଠକରେ ଆଲୋଚନା କରାଯାଇଛି।

## ସଲାସୁତୁରାରେ ନକଲି ବିହନ ବଣ୍ଟନ

# ଗଜା ନ ହେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ



କାକଟପୁର/ଅସ୍ତରଙ୍ଗ,୧୪।୭ (ସଂଚାର ବ୍ୟୁରୋ): ସରକାର ଚାଷୀଙ୍କ ପାଇଁ ଯୋଜନା ଆଣୁଛନ୍ତି କି ଠକେଇ କରୁଛନ୍ତି? ଚଳିତ ଖରିଫରେ ଓଡ଼ିଶା ରାଜ୍ୟ ବିହନ ନିଗମ ତରଫରୁ ବିହନ ରଥ ଯୋଜନା ମାଧ୍ୟମରେ ବଣ୍ଟନ ହୋଇଥିବା ବିହନ ପ୍ରମାଣ କରିଦେଲା ଯେ ସରକାରଙ୍କ ପ୍ରତିଶ୍ରୁତି ସବୁ କେବଳ କାଗଜ କଲମରେ ସୀମିତ।

ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁରର ଚାଷୀ ୮୦ କୁଇଣ୍ଟାଲ ବିହନ ପାଇଥିବା କହିଛନ୍ତି। କାରଣ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଡିଆର ୫୩, ୧୦୬୧, କଳାଚମ୍ପା, ତ୍ରିଲୋଚନ ଓ ଆଶାଢ଼ଦର୍ଶୀ ଜାତର ବିହନରୁ ଗୋଟିଏ ବି ଗଜା ହେଉନାହିଁ। ୨୦ କିଗ୍ରା ବସ୍ତାରେ ୩କିଗ୍ରା କଣ୍ଡା ଓ ଅଗାଡି। ନିୟମ ଅନୁସାରେ ଯେତିକି ଅପମିଶ୍ରଣ ରହିବା କଥା ତା'ଠାରୁ ଦୁଇ ଗୁଣା ଅଧିକ। ଗଜା ଶକ୍ତି ମାତ୍ର ୪୦%। ଅର୍ଥାତ ସରକାର ଚାଷୀଙ୍କୁ ୬୦% ମୃତ ବିହନ ଧରାଇ ଦେଇଛନ୍ତି।

ଅସ୍ତରଙ୍ଗ ଅଂଚଳର ଚାଷୀ ହଟିଆ ମଲ୍ଲ କହିଛନ୍ତି "ସରକାରୀ ବିହନ ଉପରେ ଭରସା କରି ଜମି ଚାଷ କଲୁ, ସାର ପକେଇଲୁ। ଏବେ ବିହନ ଗଜା ନହେବାରୁ ଆମ ପୁରା ଖରିଫ ଚାଷ ବରବାଦ। ପୁଣି ବଜାରରୁ ଦୁଇ ଗୁଣା ଦାମରେ ବିହନ କିଣିବାକୁ ପଡୁଛି।" ଚାଷୀ ଦୁର୍ଗା ବେହେରା କହିଛନ୍ତି "ଏହା ସହାୟତା ନୁହେଁ, ଏହା ହତ୍ୟା। ସରକାର ଆମକୁ ମାରି ଦେଲେ।"

ଏ ସମ୍ପର୍କରେ ପଚାରିବାରୁ ଅସ୍ତରଙ୍ଗ କୃଷି ଅଧିକାରିଣୀ ବି.ଅର୍ପିତାଙ୍କ ଉତ୍ତର ଆହୁରି ଆଶ୍ଚର୍ଯ୍ୟଜନକ। ସେ କହିଛନ୍ତି, "ଆମ ପାଖକୁ ଲିଖିତ ଅଭିଯୋଗ ଆସିନି। ଚାଷୀମାନେ ବିହନକୁ ଖରା ଦିଅନ୍ତୁ, ୧୨ ଘଣ୍ଟା ବତୁରାନ୍ତୁ।" ଅର୍ଥାତ ସରକାରଙ୍କ ଦୋଷ ନୁହେଁ, ଦୋଷ ଚାଷୀର! ବିହନ ନକଲି ଦେଲେ ବି ଚାଷୀ ତାକୁ ଯୋଗ କରି ଗଜା କରନ୍ତୁ - ଏହା ହିଁ ହେଲା ସରକାରୀ ଯୁକ୍ତି।

ଏହି ବିହନ ଯୋଗାଇଥିବା ଠିକାଦାର କାଶୀନାଥ ସାହୁ ଟେଣ୍ଡର କେଉଁ ଆଧାରରେ ପାଇଲେ? ଓଡିଶା ବିହନ ନିଗମ କ'ଣ ତାଙ୍କର ପୂର୍ବ ରେକର୍ଡ, ଗୁଣବତ୍ତା ସାର୍ଟିଫିକେଟ ଯାଞ୍ଚ କରିନଥିଲା? କେଉଁ ଅଧିକାରୀ ଏହି ନିମ୍ନ ମାନର ବିହନକୁ ଅନୁମୋଦନ ଦେଲେ? କାହା ସହ ସଲାସୁତୁରା କରି ଚାଷୀଙ୍କୁ ଏଭଳି ମୃତ ବିହନ ଯୋଗାଇ ଦିଆଗଲା? ଏହା କେବଳ ଅସ୍ତରଙ୍ଗ କି କାକଟପୁର କଥା ନୁହେଁ। ସାରା ଓଡିଶାରେ ବିହନ ରଥ ଯୋଜନା ନାଁରେ ଏଭଳି ଠକେଇ ହୋଇଥିବା ଆଶଙ୍କା ରହିଛି।

### ଉଚ୍ଚସ୍ତରୀୟ ତଦନ୍ତ ଦାବି

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରଚାର କରୁଛନ୍ତି "ଚାଷୀ ହିଁ ଭଗବାନ" ଆଉ ଅନ୍ୟ ପଟେ ସେହି ଭଗବାନଙ୍କୁ ନକଲି ବିହନ ଦେଇ ଆତ୍ମହତ୍ୟା ପାଇଁ ବାଧ୍ୟ କରୁଛନ୍ତି। ଚାଷୀମାନଙ୍କର ଦାବି ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଟେଣ୍ଡର ପ୍ରକ୍ରିୟାର ସମସ୍ତ କାଗଜ ସାର୍ବଜନୀନ କରାଯାଉ, ଦୋଷୀ ଅଧିକାରୀ ଓ ଠିକାଦାର କାଶୀନାଥ ସାହୁଙ୍କୁ ତୁରନ୍ତ ଗିରଫ କରାଯାଉ, କ୍ଷତିଗ୍ରସ୍ତ ୬୫୦ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ ନହେଲେ ଆଗାମୀ ଦିନରେ ଚାଷୀ ରାସ୍ତାକୁ ଓହ୍ଲାଇବେ।

# ମିଳିତ ଜନଶୁଣାଣି ଶିବିରରେ ୧୨୧ ଅଭିଯୋଗ



ମାର୍ଶାଘାଇ,୧୪।୭ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ସଭାଗୃହରେ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଓ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାମୁହିକ ଅଭିଯୋଗ ୨୬ ଏବଂ ବ୍ୟକ୍ତିଗତ ଅଭିଯୋଗ ୯୫ଟି ପଞ୍ଜୀକୃତ ହୋଇଥିଲା। ଏଥିରେ ଗରଜଙ୍ଗା ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ ଅନ୍ତର୍ଗତ ପାଇପ ବିଛାଇବା ପାଇଁ ପୂର୍ବତନ ସରପଞ୍ଚ ବିପୁଳ ନାୟକ ଦାବୀ ରଖିଥିଲେ। ଅନ୍ତେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ସରପଞ୍ଚ ସଞ୍ଜୟ ସେଠୀ ଦାବୀ ରଖିଥିଲେ। ଜାତୀୟ ରାଜପଥ ପାର୍ଶ୍ୱ ହଜାରି ଏବଂ ମଣିକୁଣ୍ଡା ଗ୍ରାମର ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବା, ଜାତୀୟ ରାଜପଥ ର ହଜାରୀ ଠାରୁ ସର୍ଭିସ୍ ରୋଡ଼ର ବୋର୍ଡ ରେ ମାର୍ଶାଘାଇ ନାମ ଲେଖିବା, ବଛରାଇ ର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପାଣି କାଦୁଅ ଜମୁଥିବାରୁ ବର୍ଷା ଦିନରେ ଯାତାୟତ ପାଇଁ ବିହିତ ପଦକ୍ଷେପ ନେବା ଆଦି ସାମୁହିକ ଅଭିଯୋଗ ହୋଇଥିଲା। ଏହି ଅବସରରେ ୫ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଏ ସାଇକେଲ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଇଭି ଗାଡ଼ି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଉମରକୋଟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ୩୩ ଅଭିଯୋଗ ଗ୍ରହଣ



ଉମରକୋଟ,୧୪।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌରପରିଷଦ ସମ୍ମିଳନୀ କକ୍ଷରେ ଆଜି ସୋମବାର ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା।

ଶୁଣାଣି ସମୟରେ ପ୍ରାପ୍ତ ଅଭିଯୋଗ ମଧ୍ୟରୁ ଯେଉଁଗୁଡ଼ିକର ତୁରନ୍ତ ସମାଧାନ ସମ୍ଭବ ଥିଲା, ସେଗୁଡ଼ିକର ଘଟଣାସ୍ଥଳରେ ହିଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମୋଟ ୩୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିରୁ ୩ଟି ଅଭିଯୋଗର ସମାଧାନ ତୁରନ୍ତ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ରେଡକ୍ରସ ଫଣ୍ଡରୁ ଜଣେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା।

# ଶିଶୁ ସୁରକ୍ଷା ୟୁନିଟ୍‌ର ଜିଲ୍ଲା ସ୍ତରୀୟ ସମନ୍ୱୟ କର୍ମଶାଳା



ମାଲକାନଗିରି,୧୪।୭ (ସଂଚାର ବ୍ୟୁରୋ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ମାଲକାନଗିରି ଜିଲ୍ଲା ପୁଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସମସ୍ତ ଶିଶୁ ମଙ୍ଗଳ ପୁଲିସ ଅଧିକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସଚେତନତା ଓ ସମନ୍ୱୟ ବୈଠକ ସଫଳତାର ସହ ସମ୍ପନ୍ନ ହୋଇଯାଇଛି।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଶିଶୁ ଅଧିକାର ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନଗୁଡ଼ିକର କଠୋର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲ୍ଲା ପୋଲିସ ଅନ୍ୟାନ୍ୟ ସହବନ୍ଧିତ ବିଭାଗ ସହିତ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ସମସ୍ତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଜିଲ୍ଲା ସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଣି ଡ଼ା ମିନତୀ ମହାନ୍ତି ଏବଂ ଆଇନ ସହାୟକ ପରିଚାଳକ ସୂର୍ଯ୍ୟ ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରଯୁକ୍ତି (ଲିଙ୍ଗ ଚୟନ ନିଷେଧ ଅଧିନିୟମ ୧୯୯୪) ଏବଂ ଗର୍ଭବସ୍ଥାର ଚିକିତ୍ସାଗତ ସମାପନ ଅଧିନିୟମ (ସଂଶୋଧନ) ୨୦୧୧ ଆଧାରରେ ପୋଲିସ ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକର ଆଇନଗତ ଦାୟିତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବାକୁ ସେମାନେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସରକାରଙ୍କ ଦ୍ୱାରା ପ୍ରଣୀତ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଯଥା କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୧୫, ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପ୍ରଦାନ ଅଧିନିୟମ ୨୦୧୨, ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬, ଅନୈତିକ ବ୍ୟବସାୟ (ନିବାରଣ) ଅଧିନିୟମ ୧୯୫୬ ଏବଂ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬ ଉପରେ ଆଲୋଚନା କରିଥିଲେ।

# ବାଲିଆପାଳରେ ଖୋଲିଲା ଓକେସିଏଲ ଶିକ୍ଷାକେନ୍ଦ୍ର



ବାଲିଆପାଳ,୧୪।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଛକ ନିକଟରେ ଗତ ରବିବାର ଓକେସିଏଲ ର ଅନୁମୋଦନପ୍ରାପ୍ତ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର "ଓଡିଶା ଏଜୁକେସନ ଏକାଡେମୀ" ର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂଯୋଜକ ବାପୁଜୀ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ଓକେସିଏଲର ଜିଲ୍ଲା ଅଧିକାରୀ ସୁବୀର ଚନ୍ଦ୍ର ଦେ ମୁଖ୍ୟ ଅତିଥି ଏବଂ ଲଙ୍ଗଳେଶ୍ୱରସ୍ଥିତ ଆରକେ ଇନ୍ଫୋ ଏକାଡେମୀର ପରିଚାଳକ ରାଜକିଶୋର ପାତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଓକେସିଏଲ ପକ୍ଷରୁ ପରିଚାଳିତ ବିଭିନ୍ନ କମ୍ପ୍ୟୁଟର ପାଠ୍ୟକ୍ରମ, ଯଥା ଓଏସ-ସିଆଇଟି, ଓଏସ-ସିଆଇଟି 'ଏ' ଏବଂ ଓଏସ-ସିଆଇଟି 'ଏ ପ୍ଲସ' ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଡିଜିଟାଲ ଶିକ୍ଷାର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ବାଲିଆପାଳ ବ୍ଲକ ଛକରେ ପୁନଃ ଆରମ୍ଭ ହୋଇଥିବା ଓଡିଶା ଏଜୁକେସନ ଏକାଡେମୀ ହେଉଛି ଏହି ଅଞ୍ଚଳର ତୃତୀୟ ଓକେସିଏଲ ଅନୁମୋଦନପ୍ରାପ୍ତ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର। ଏହା ପୂର୍ବରୁ ଲଙ୍ଗଳେଶ୍ୱର ବଜାର ଓ ଦେଭୋଗ ଛକରେ ଏପରି ଶିକ୍ଷାକେନ୍ଦ୍ର କାର୍ଯ୍ୟ କରୁଛି। ଏହି ଉଦ୍ଘାଟନୀ ଉତ୍ସବରେ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ।

# କାମ ସରିବାର ଦୁଇ ବର୍ଷ ପରେ ବି ଉଦ୍‌ଘାଟନ ହୋଇପାରୁନି ମେଡିକାଲ କୋଠା



ଫୁଲବାଣୀ,୧୪।୭ (ସଂଚାର ବ୍ୟୁରୋ): ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର ଉପାନ୍ତ ଅଞ୍ଚଳ ମାନଙ୍କରେ ରୋଗୀ ସବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାଜ୍ୟ ରାଜ କୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଅତ୍ୟାଧୁନିକ କୋଠା କୋଠା ନିର୍ମାଣ କରାଯାଉଛି। କିନ୍ତୁ ବିଭାଗୀୟ ଅବହେଳା ପାଇଁ କୋଠା ଗୁଡିକର କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବର୍ଷବର୍ଷ ଧରି କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଛି। ଯାହା ଫଳରେ ଅଂଚଳର ରୋଗୀ ମାନଙ୍କୁ ସେବା ଯୋଗାଇବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଥିବା ବେଳେ ସେବା ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଂଚଳର ଗରିବ ରୋଗୀମାନେ। ଏଭଳି ଏକ ନିର୍ମିତ କୋଠା ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁସିତ କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ କୁହାଯାଉଥିବା ଫିରିଙ୍ଗିଆ ବ୍ଲକର ବାଲନ୍ଦାପଡା ଠାରେ।

ତେବେ ଏହି ବାଲନ୍ଦାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ହେଉଛି ଅଂଚଳର ଏକ ସର୍ବ ପୁରାତନ ସ୍ୱାସ୍ଥ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଅଂଚଳର ୮ ଗୋଟି ପଂଚାୟତରୁ ଉର୍ଦ୍ଧ ଗାଁର ରୋଗୀ ନିର୍ଭର କରିଆସୁଛନ୍ତି। ଅଞ୍ଚଳଟି ଏକ ଉପାନ୍ତ ଓ ଆଦିବାସୀ ଅଞ୍ଚଳ ହୋଇଥିବା ବେଳେ ଅଂଚଳର ରୋଗୀ ମାନଙ୍କର ସମସ୍ୟାକୁ ଆଖି ଆଗରେ ରଖି ତତ୍କାଳୀନ ସରକାରଙ୍କ ସମୟରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରାଜ୍ୟ ରାଜ କୋଷରୁ ଲକ୍ଷାଧିକ ଟଙ୍କା ଅନୁମୋଦନ କରାଯାଇ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରାଯାଇଛି। କାମଟି ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଭାଗୀୟ ଅବହେଳା ଏବଂ ଠିକାସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ ଏହି ମେଡିକାଲ କୋଠାଟି ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ହେବ କାର୍ଯ୍ୟକ୍ଷମ ହୋଇପାରୁନଥିବା ଫିରିଙ୍ଗିଆ ଦାୟିତ୍ୱରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ ମାଝୀ କହିଛନ୍ତି।

# ମେଡିକାଲରେ ଆହତ ଓ ଅସୁସ୍ଥଙ୍କୁ ଭେଟିଲେ ଅତନୁ



ମହାକାଳପଡ଼ା,୧୪।୭ (ସଂଚାର ବ୍ୟୁରୋ)- ମହାକାଳପଡ଼ା ବ୍ଲକ୍ ମହାକାଳପଡ଼ା ପଞ୍ଚାୟତ ଗହ୍ଲା ଗ୍ରାମର ପବିତ୍ର ନାୟକଙ୍କ ପୁଅ ନିର୍ମଳ କୁମାର ନାୟକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ସେହିପରି ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରପଡ଼ା ଗ୍ରାମର ଦଳୀୟ କର୍ମୀ ତପନ କୁମାର ସ୍ୱାଇଁଙ୍କ ଝିଅ ମଧ୍ୟ ସେହି ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ଜାଣିବାକୁ ପାଇ ମହାକାଳପଡ଼ା ର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଡାକ୍ତରଖାନାରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତର ଓ ପରିବାର ସଦସ୍ୟଙ୍କଠାରୁ ପଚାରି ବୁଝିଥିଲେ। ଆବଶ୍ୟକୀୟ ଓ ତ୍ୱରିତ ଚିକିତ୍ସା ପ୍ରଦାନ ପାଇଁ ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଜଣା ପଡିଛି।

# ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବୃକ୍ଷ ରୋପଣ

ବାଲିଆପାଳ,୧୪।୭ (ସଂଚାର ବ୍ୟୁରୋ): ପୂଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ଦେଉଳା ଗ୍ରାମପଞ୍ଚାୟତର ବାସୁଦେବପୁର ଗ୍ରାମରେ ଥିବା ଅମୃତ ସରୋବର ଠାରେ ଆଜି ବିଭିନ୍ନ କିସମର ଫଳ ଓ ଫୁଲ ଚାରା ରୋପଣ କରାଯାଇଛି। ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ ବୃକ୍ଷ ରୋପଣ ଆରମ୍ଭ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାକୁ ଅନ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରାଧା ରଞ୍ଜନ ଦାଶଙ୍କ ସମେତ ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ,ଜିପିଡିଓ ପ୍ରିୟବ୍ରତ ଗିରି,ଏପିଓ ସୌମ୍ୟକାନ୍ତ ଦାସ,ଲାସା କିସ୍ କୁ,ଏଡିଓ ଗଦାଧର ମହାନ୍ତି,ବିପିଏ ସ୍ନେହାଶିଷ ପାତ୍ର ଏବଂ ମିଡ଼ିଆ ଫୋରମ ସଭାପତି ସାମ୍ବାଦିକ ପ୍ରତାପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।



# ପ୍ରକୃତି ସୁରକ୍ଷା ଓ ସମାଜ କଲ୍ୟାଣ ପାଇଁ ଜଙ୍ଗଲ ସୃଷ୍ଟି

ଡେରାବିଶ,୧୪।୭ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ସୁଦର୍ଶନ ଉଚ୍ଚବିଦ୍ୟାଳୟର ୧୯୮୦ ବ୍ୟାଚ୍‌ର ସାଥୀମାନେ ପରିବେଶ ସୁରକ୍ଷା ଓ ସମାଜ କଲ୍ୟାଣ ପାଇଁ ଜଙ୍ଗଲ ସୃଷ୍ଟି କରି ଲୋକମାନଙ୍କୁ ଏକ ନୂଆ ଦିଶା ଦେଖାଇଛନ୍ତି। ଏହି ବ୍ୟାଚ୍‌ର ଛାତ୍ର ଛାତ୍ରୀ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗ ହଳଦିଆ ଗ୍ରାମ ଖେଳପଡ଼ିଆର ପ୍ରବେଶ ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ଔଷଧୀୟ ଓ ଫଳ ଗଛ ଲଗାଇଛନ୍ତି। ଏଥିସହିତ ଗଛଗୁଡ଼ିକର ସୁରକ୍ଷା ଓ ଦୀର୍ଘାୟୁ ପାଇଁ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ'ର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜ କିଶୋର ସାହୁ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେଇଛନ୍ତି। ଏଭଳି ଏକ ଆଦର୍ଶ କାର୍ଯ୍ୟକ୍ରମକୁ ଉଷାରାଣୀ ମହାନ୍ତି, ସଂଯୁକ୍ତା ବରାଳ, ସଞ୍ଜୁଲତା ସାହୁ, ସେବତୀ ପାତ୍ର, ପଦ୍ମନାଭ ଦାସ, ରବୀନ୍ଦ୍ର ନାୟକ, ବଂଶିଧର ସାହୁ, ନାରାୟଣ ବେହେରା, ଅଲେଖ ଚନ୍ଦ୍ର ଦାସ, ବିମ୍ବାଧର ବେହେରା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଂଶିଧର ସାହୁ ପରିଚାଳନା କରିଥିଲେ।

# ଅଣସର ଚକାରେ ଭକ୍ତଙ୍କୁ ନବଯୌବନ ଦର୍ଶନ



ନୀଳଗିରି,୧୪।୭ (ସଂଚାର ବ୍ୟୁରୋ): ନୀଳାଦ୍ରିନାଥଙ୍କ ମାନବୀୟ ଲୀଳାର ଚରମ ଅଭିବ୍ୟକ୍ତି ହେଉଛି ଅଣସର। ଜ୍ୟେଷ୍ଠ ପୂର୍ଣ୍ଣିମାରେ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି ଜଗତର ନାଥ। ଦୀର୍ଘ ୧୫ ଦିନ କାଳ ଅନ୍ଧାରୀ ଅଣସର ଘରେ ଚାଲେ ମହାପ୍ରଭୁଙ୍କ ଗୁପ୍ତ ଉପଚାର। ପରେ ପ୍ରଭୁ ସୁସ୍ଥ ହୋଇ ଭକ୍ତଙ୍କ ସାମ୍ନାକୁ ଆସନ୍ତି... ତାହା ହିଁ ହେଉଛି ସେହି ଦୁର୍ଲ୍ଲଭ 'ନବଯୌବନ ଦର୍ଶନ'। ଯାହା ଆଜି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଚାଲିଛି। ଅଣସର ପିଣ୍ଡିରୁ ବାହାରିବା ପୂର୍ବରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଚିତ୍ରକାର ସେବକମାନେ ନୂଆ ରୂପ ପ୍ରଦାନ କରନ୍ତି। ଏହାକୁ ଶ୍ରୀଅଙ୍ଗ ଫିଟା ଓ ବନକ ଲାଗି କୁହାଯାଏ। ତା'ପରେ ଆସେ ସେହି ସ୍ୱର୍ଣ୍ଣିମ ମୁହୂର୍ତ୍ତ ନେତ୍ରୋତ୍ସବ। ସେବକଙ୍କ ତୂଳୀ ସ୍ପର୍ଶରେ ଜୀବନ୍ତ ହୋଇଉଠନ୍ତି ଦାରୁବ୍ରହ୍ମ। ଚକ୍ଷୁଦାନ ସହ ସମ୍ପୂର୍ଣ୍ଣ ହୁଏ ଅପରୂପ ଶୃଙ୍ଗାର। ନବ ଅନୁରାଗରେ ଉଦ୍ଭାସିତ ହୁଏ ମହାପ୍ରଭୁଙ୍କ ନବଯୌବନ ରୂପ। ଲାଗେ ସତେ ଯେମିତି କୋଟି କନ୍ଦର୍ପର ଲାବଣ୍ୟ ଝରିପଡୁଛି ଶ୍ରୀମୁଖରୁ। ଏହି ଦର୍ଶନ ପାଇଁ ଭକ୍ତଟିଏ ବର୍ଷସାରା ଚାହିଁ ରହିଥାଏ। ନବଯୌବନ ଦର୍ଶନ କେବଳ ଏକ ପରମ୍ପରା ନୁହେଁ, ଏହା ହେଉଛି ଭକ୍ତିର ପୁନର୍ଜନ୍ମ। ଏହି ଦର୍ଶନ ପରେ ମହାପ୍ରଭୁ ରଥଯାତ୍ରା ପାଇଁ ସଜବାଜ ହୁଅନ୍ତି।

# ସୁନ୍ଦରଗଡ଼ରେ ନାବାର୍ଡର ପ୍ରତିଷ୍ଠା ଦିବସ

## କୃଷି ଓ ଆନୁଷଙ୍ଗିକ ବିକାଶ ଉପରେ ହିତାଧିକାରୀ ସମ୍ମିଳନୀ




ସୁନ୍ଦରଗଡ଼,୧୪।୭ (ସଂଚାର ବ୍ୟୁରୋ): ଜୁଲାଇ ୧୪ ତାରିଖ ଦିନ ସ୍ଥାନୀୟ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ସ୍ଥିତ 'ସେବକ' ଆର.ଆର.ସି. ସମ୍ମିଳନୀ କକ୍ଷରେ ନାବାର୍ଡର ୪୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ନାବାର୍ଡ ଏ.ଜି.ଏମ୍ ତାପସ କୁମାର ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ, ବ୍ୟାଙ୍କ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ କୃଷକ ଉତ୍ପାଦକ ସଂଗଠନର ପ୍ରାୟ ୪୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ଅତିଥିମାନଙ୍କୁ ଚାରାଗଛ ବଣ୍ଟନ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।

ଏହି ବୈଠକରେ ମୁଖ୍ୟତଃ ଚାଷୀମାନଙ୍କର ଆୟ ବୃଦ୍ଧି ଏବଂ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରାଯାଇଥିଲା। 'ସେବକ' ସି.ବି.ବି.ଓ ର ଆଇନ ଓ ହିସାବ ବିଶେଷଜ୍ଞ ଘଟେଶ୍ୱର ଛୁରା ଜିଲ୍ଲାରେ ଏଫ୍.ପି.ଓ ଗୁଡ଼ିକର କାର୍ଯ୍ୟକଳାପ ଏବଂ ବାର୍ଷିକ କାରବାର ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

ବୈଠକର ମୁଖ୍ୟ ଆଲୋଚନା ବିନ୍ଦୁ: କୃଷି ବିଜ୍ଞାନ କେନ୍ଦ୍ରଃ ଚଳିତ ବର୍ଷ ଚାଷୀ ଓ ଯୁବକ ଯୁବତୀ ମାନଙ୍କ ପାଇଁ ଛତୁ ଚାଷ, କୁକୁଡ଼ା ପାଳନ, ମାଛ ଚାଷ ଏବଂ ପନିପରିବା ଗ୍ରାଫ୍ଟିଂ ଉପରେ ପ୍ରଶିକ୍ଷଣ ଦିଆଯାଉଛି। କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ସାମଗ୍ରୀ ବିକ୍ରି ସହ ଭବିଷ୍ୟତରେ ଏକ ଆମ୍ବ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାଣୀସମ୍ପଦ ବିକାଶ: କ୍ଷୀରର ସଠିକ୍ ମୂଲ୍ୟ ପାଇବା ପାଇଁ ଗୁଣବତ୍ତା ଓ ବ୍ରାଣ୍ଡିଂ ଉପରେ ଜୋର୍ ଦିଆଯାଇଥିଲା। ଗାଈ, ମଇଁଷି ଏବଂ ଛେଳି ପାଳନ ପାଇଁ ସାଧାରଣ ବର୍ଗଙ୍କୁ ୬୦% ଏବଂ ଅନୁସୂଚିତ ଜାତି/ଜନଜାତି ତଥା ମହିଳାମାନଙ୍କୁ ୭୦% ସବସିଡି ଯୋଗାଇ ଦିଆଯାଉଛି। ଫସଲ ବୀମା ଯୋଜନା : ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ଖରିଫ ଫସଲ ପାଇଁ ୨% ପ୍ରିମିୟମ୍ ଏବଂ ରବି ଫସଲ ପାଇଁ ୧.୫% ପ୍ରିମିୟମ୍‌ରେ ବୀମା କରାଇବା ନେଇ ଚାଷୀଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ମତ୍ସ୍ୟ ଓ କୃଷି ବିକାଶଃ ମାଛ ଚାଷ ନିମନ୍ତେ ନୂଆ ପୋଖରୀ ଖୋଳିବା ଉପରେ ୪୦% ରୁ ୬୦% ସବସିଡି ଏବଂ ବାୟୋଫ୍ଲକ୍ ପଦ୍ଧତିକୁ ପ୍ରୋତ୍ସାହନ ଦିଆ ଯାଉଛି। ଓ.ଏ.ଆଇ.ସି ତରଫରୁ ସୌର ଜଳସେଚନ ଓ ଟ୍ରାକ୍ଟର କ୍ରୟ ଉପରେ ଥିବା ୫୦% ରିହାତି ବ୍ୟବସ୍ଥା ସମ୍ପର୍କ ରେ ଡି.ଏମ୍ ସୁବୋଧ ପାଣିଗ୍ରାହୀ ସୂଚନା ଦେଇଥିଲେ। ଏହା ବ୍ୟତୀତ 'ବୃତ୍ତି' ସଂସ୍ଥାର ବିଶ୍ୱଜିତ ପାଣୀ 'ଏଫ୍.ପି.ଓ ଶକ୍ତି' ଯୋଜନା ବିଷୟରେ ଆଲୋକପାତ କରିଥିଲେ।

# ମଦଦୋକାନ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର



ଢେଙ୍କାନାଳ,୧୪।୭ (ସଂଚାର ବ୍ୟୁରୋ): କଙ୍କଡାହାଡ ବ୍ଲକ୍ କଙ୍କଡହାଡ ଗ୍ରାମର ଭଦୁଳିଆ ସାହିରୁ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ନିମନ୍ତେ ଅଦ୍ୟ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଗ୍ରାମବାସୀମାନେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ବାରମ୍ବାର ଅଭିଯୋଗ ସତ୍ତ୍ୱେ ଉକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନାହିଁ। ଉକ୍ତ ସାହିରେ ମଦ ଦୋକାନ ଖୋଲିବା ଦ୍ୱାରା ବିଭିନ୍ନ ଅସାମାଜିକ କାର୍ଯ୍ୟ, ଚଳପ୍ରଚଳରେ ବାଧା ସୃଷ୍ଟି ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତି ଦୁଃଖର ସହିତ ସାହିବାସୀନ୍ଦା ମାନେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ବିଦେଶୀ ମଦ ଦୋକାନଟି ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଜଣାଇଛନ୍ତି। ଯଦି ଏହି ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ନ ହୁଏ ଆସନ୍ତା ୨୦ ତାରିଖରୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅଭିଯୋଗ ପତ୍ର ଅବିନାଶ ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମର ଭଜମନ ବେହେରା, ସନ୍ତୋଷ ସିଂହ, ଆନନ୍ଦ ଚନ୍ଦ୍ର ସିଂହ, ଉର୍ମିଳା ଗୁରୁ, ନନ୍ଦିନୀ ବେହେରା, ସୁନିତା ମହାରଣା, ସବିତା ପ୍ରଧାନ, ମଲ୍ଲିକା ସିଂହ, ସବିତା ସିଂ, ମାଳତୀ ସେଠି, ସୁକାନ୍ତି ସିଂହ, ମାମି ଗୁରୁ, ଟୁନି ଗୁରୁ, ରଞ୍ଜିତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ସଂଚାର SANCHAR ବୁଧବାର ୧୫ ଜୁଲାଇ ୨୦୨୬




## ସ୍ୱାସ୍ଥ୍ୟ

# ହାଡ଼କୁ ଦୁର୍ବଳ କରେ ଅତ୍ୟଧିକ ମଦ୍ୟପାନ



ଦିନକୁ ଦିନ ବଦଳୁଥିବା ଖାଦ୍ୟ ପାନୀୟର ଭୁଲ୍ ଅଭ୍ୟାସ ଯୋଗୁଁ ଆଜି ପ୍ରତି ୫ ଜଣରେ ଜଣେ ବ୍ୟକ୍ତି କୌଣସି ନା କୌଣସି ସ୍ୱାସ୍ଥ୍ୟ ସମସ୍ୟାରେ ଶିକାର ହୋଇଥାନ୍ତି। ଯେପରି କି ଆଣ୍ଠୁ ଗଣ୍ଠି ଦରଜ। ପ୍ରଥମେ ଏଭଳି ସମସ୍ୟା କେବଳ ବୟସ୍କ ଲୋକଙ୍କ ନିକଟରେ ଦେଖିବାକୁ ମିଳୁଥିଲା। କିନ୍ତୁ ଆଜି ଅଳ୍ପ ବୟସରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ଆବଶ୍ୟକ ଏଭଳି ଖାଦ୍ୟ ଖାଇବେ ଯେଉଁଥିରେ ସାରା ଜୀବନ ହାଡ ମଜଭୂତ ରହିବ। ଆଉ ହାଡକୁ ମଜଭୂତ କରିବା ପାଇଁ ଅତ୍ୟନ୍ତ ଜରୁରୀ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି। ଯଦି ଏହି ଦୁଇ ତତ୍ତ୍ୱ ମଧ୍ୟରୁ ଯେ କୌଣସି ଗୋଟିଏର ମାତ୍ରା କମ୍ ହୁଏ ତେବେ ଆଣ୍ଠୁ ଗଣ୍ଠି ଦରଜ ଭଳି ସମସ୍ୟା ଦେଖାଦେଇଥାଏ। ହେଲେ କଣ ଆପଣ ଜାଣନ୍ତି ଆମେ ଦୈନନ୍ଦିନ ଜୀବନରେ ଏଭଳି କିଛି ଖାଦ୍ୟ ଖାଇଥାଉ ଯାହା ଦିନକୁ ଦିନ ଆମ ହାଡକୁ ଦୁର୍ବଳ କରିଥାଏ।

**ଅଧିକ ଲୁଣ:** ଖାଦ୍ୟର ସ୍ୱାଦ ବଢାଇଥାଏ ଲୁଣ। କିନ୍ତୁ ଅଧିକ ଲୁଣ ଖାଇଲେ ହାଡ ଦୁର୍ବଳ ହୋଇଯାଇଥାଏ। ଲୁଣରେ ସୋଡିୟମର ମାତ୍ରା ଅଧିକ ଥାଏ। ଯାହା ଶରୀରରୁ ଯିବା ପରେ କ୍ୟାଲସିୟମକୁ ୟୁରିନ୍ ମାଧ୍ୟମରେ ବାହାରକୁ ବାହାର କରିଦେଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ମାତ୍ରା କମିଯିବା ସହ ହାଡ ଦୁର୍ବଳ ହୋଇଯାଇଥାଏ।

**ଚକଲେଟ୍:** ଛୋଟ ହେଉ ବା ବଡ , ଚକଲେଟ୍ ସମସ୍ତଙ୍କ ପସନ୍ଦ। ଏହା ନା କେବଳ ମୁଡକୁ ଫ୍ରେସ୍ କରିଥାଏ ବରଂ ମୁହଁର ସ୍ୱାଦ ମଧ୍ୟ ବଡାଇଥାଏ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଚକଲେଟ୍ ଖାଇଲେ ଏହାର ସିଧା ପ୍ରଭାବ ହାଡ ଉପରେ ପଡିଥାଏ। ଅଧିକ ଚକଲେଟ୍ ଖାଇଲେ ଶରୀରରେ ସୁଗାର ଏବଂ ଓକ୍ସେଲେଟର ମାତ୍ରା ବଢ଼ିଯାଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ପ୍ରବେଶ କରି ପାରିନଥାଏ ଏବଂ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।

**ମଦ:** ମଦ ପିଇବା ଭଳି ଖରାପ ଅଭ୍ୟାସ ଅଧିକାଂଶ ଲୋକଙ୍କର ଥାଏ। ହେଲେ ମଦ ନା କେବଳ ଅନ୍ୟମାନଙ୍କ ସାମ୍ନାରେ ଆପଣଙ୍କ ଛବି ଖରାପ କରିଥାଏ ବରଂ ହାଡ ଉପରେ ପ୍ରଭାବ ପକାଇଥାଏ। ଅଧିକ ମଦ ପିଇଲେ ଶରୀରରେ କ୍ୟାଲସିୟମର ଅଭାବ ହେବା ସହ ହାଡ ଦୁର୍ବଳ ହୋଇଯାଇଥାଏ।

**କୋଲ୍ଡ ଡ୍ରିଙ୍କ୍ସ:** ଖରାଦିନେ କୋଲ୍ଡ ଡ୍ରିଙ୍କ୍ସ ପ୍ରାୟ ସମସ୍ତଙ୍କର ଡାଏଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ। କିନ୍ତୁ ମନେ ରଖନ୍ତୁ କୋଲ୍ଡ ଡ୍ରିଙ୍କ୍ସରେ କାର୍ବ ଡାଇଅକ୍ସାଇଡ୍ ଏବଂ ଫସଫରସ୍ ଥାଏ। ଯାହା ଶରୀର ମଧ୍ୟକୁ ପ୍ରବେଶ କରି ହାଡକୁ ଦୁର୍ବଳ କରିଦେଇଥାଏ।

**ଚା ଏବଂ କଫି:** ଚା ହେଉ ବା କଫି, ଅଧିକାଂଶ ଲୋକ ନିଜ ଦିନର ଆରମ୍ଭ ଏଥିରୁ ହିଁ କରିଥାନ୍ତି। କିନ୍ତୁ ଏସବୁ ପିଇବା ପୂର୍ବରୁ ଏହାର କ୍ଷତି ବିଷୟରେ ଜାଣିବା ଆବଶ୍ୟକ। ଚା ଏବଂ କଫିରେ କଫିନ୍ ଭରପୁର ମାତ୍ରାରେ ଥାଏ। ଯଦି ଏହା ଅଧିକ ମାତ୍ରାରେ ଶରୀର ମଧ୍ୟକୁ ପ୍ରବେଶ କରେ ତେବେ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।



# ଗୋଲମରିଚ ପାଣି ସ୍ୱାସ୍ଥ୍ୟ ପାଇଁ ଉପକାରୀ

ଗୋଲମରିଚକୁ ଆମେ ବିଭିନ୍ନ ଖାଦ୍ୟ ହେଉ ଅବା ଚା'ରେ ବ୍ୟବହାର କରିଥାଉ। ଏହାଦ୍ୱାରା ଶରୀରକୁ ଅନେକ ପ୍ରକାର ଫାଇଦା ମିଳିଥାଏ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନ୍ଫ୍ଲେମେଣ୍ଟାରୀ ଗୁଣ ସ୍କିନ ଏବଂ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କେବଳ ଗୋଲମରିଚ ନୁହେଁ ଏହାର ପାଣି ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବରଦାନ ସାବ୍ୟସ୍ତ ହୋଇପାରେ। ଗୋଲମରିଚ ପାଣି ପ୍ରସ୍ତୁତ କରିବା ପାଇଁ ଆପଣ ଏକ କପ୍ ପାଣିକୁ ଗରମ କରନ୍ତୁ। ଏଥିରେ ଟିକେ ଗୋଲମରିଚ ଗୁଣ୍ଡ ମିଶାନ୍ତୁ ଏବଂ ଏହାକୁ ଥରେ ଭଲ ଭାବରେ ଫୁଟାନ୍ତୁ ଏବଂ ଏହାକୁ ଛାଣି ପିଅନ୍ତୁ। ଆପଣ ଗୋଲମରିଚ ପାଣିର ସ୍ୱାଦ ବଢାଇବା ପାଇଁ ମହୁ କିମ୍ବା ଲେମ୍ବୁ ରସ ମଧ୍ୟ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା ଗୋଲମରିଚ ପାଣି ପିଇବାର କିଛି ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ।

**ପେଟ ପାଇଁ ଲାଭଦାୟକ:** ଗୋଲମରିଚ ପାଣି ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏସିଡ଼ିଟି ଭଳି ପେଟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ପୋଷକ ତତ୍ତ୍ୱ ଭରପୂର ପାନୀୟ ମଧ୍ୟ ପିଇପାରିବେ। ଯଦି ଆପଣ ଶରୀରକୁ ଡିଟକ୍ସାଇଫାଏ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଗୋଲମରିଚ ପାଣି ମଧ୍ୟ ପିଇବା ଆରମ୍ଭ କରିପାରିବେ।

**ଥଣ୍ଡା ଓ କାଶ:** ଶୀତ ଋତୁରେ ଥଣ୍ଡା, କାଶ ଓ ଜର ଭଳି ସମସ୍ୟା ବହୁତ ବଢ଼ିଯାଇଥାଏ। ଗୋଲମରିଚ ପାଣି ପିଇବା ଦ୍ୱାରା ଏଭଳି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ବହୁ ପରିମାଣରେ ମୁକ୍ତି ମିଳିଥାଏ। ଆସ୍ଥମା ଏବଂ ବ୍ରୋଙ୍କାଇଟିସ୍ ଭଳି ଗୁରୁତର ସମସ୍ୟାରେ ପୀଡିତ ରୋଗୀମାନଙ୍କୁ ମଧ୍ୟ ଗୋଲମରିଚ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ଆପଣଙ୍କ ସୂଚନା ପାଇଁ କହିରଖୁଛୁ ଯେ ଗୋଲମରିଚ ପାଣିରେ ଥିବା ସମସ୍ତ ଔଷଧୀୟ ଗୁଣ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କେତେବେଳେ

**ପିଇବା ଅଧିକ ଲାଭଦାୟକ:** ପ୍ରାୟତଃ ସକାଳେ ଖାଲି ପେଟରେ ଗୋଲମରିଚ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦିଆଯାଏ। ଗୋଲମରିଚ ପାଣି ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ତଥାପି, ଭଲ ଫଳାଫଳ ପାଇବା ପାଇଁ, ଆପଣ ଏକ ସୀମା ମଧ୍ୟରେ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ପାନୀୟକୁ ପିଇବା ଉଚିତ୍। ନଚେତ୍ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପରିବର୍ତ୍ତେ ନକାରାତ୍ମକ ପ୍ରଭାବ ପକାଇପାରେ।

# କ୍ଷୀର ପିଇବା ପରେ ପଣସ ଖାଇବା ମନା

ଗ୍ରୀଷ୍ମ ଋତୁରେ ଅତ୍ୟଧିକ ପଣସ ଖାଇବାକୁ ମିଳିଥାଏ। ତେବେ ଡାଇବେଟିସ୍ ଠାରୁ ଆରମ୍ଭ କରି ହାଇ ବ୍ଲଡ ପ୍ରେସର ପର୍ଯ୍ୟନ୍ତ ରୋଗୀଙ୍କ ପାଇଁ ପଣସ ଉପକାରୀ ହୋଇଥାଏ। ଏହା ସହ ପଣସ ଖାଇବା ପାଇଁ ବହୁତ ସ୍ୱାଦିଷ୍ଟ ହୋଇଥାଏ। ଅଧିକାଂଶ ଲୋକ ପଣସକୁ ଖାଇବା ପାଇଁ ପସନ୍ଦ କରନ୍ତି। ଏଥିରେ ପ୍ରଚୁର ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'ସି', ଭିଟାମିନ୍ 'ବି', ପୋଟାସିୟମ୍, କାର୍ବୋହାଇଡ୍ରେଟ୍, ଆଇରନ୍ ଏବଂ କ୍ୟାଲସିୟମ୍ ଥାଏ। ଏହି ସମସ୍ତ ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେବେ ପଣସ ଖାଇବା ପରେ କିଛି ଜିନିଷକୁ ଖାଇବାକୁ ଏଡାଇବା ଉଚିତ୍। ନଚେତ ଆଗକୁ ଯାଇ ବଡ ସମସ୍ୟା ହୋଇପାରେ। ତାହେଲେ ଆସନ୍ତୁ ଜାଣିବା ଯେ ପଣସ ଖାଇବା ପରେ କେଉଁ ଜିନିଷ ଖାଇବା ଉଚିତ୍ ନୁହେଁ।



**କ୍ଷୀର:** ଯେତେବେଳେ ଆପଣ ପଣସ ଖାଆନ୍ତି, ସେତେବେଳେ ଆପଣ କ୍ଷୀର କିମ୍ବା ସେଥିରେ ତିଆରି ଜିନିଷ ଖାଇବା ଉଚିତ୍ ନୁହେଁ। ଯଦି ଆପଣ କ୍ଷୀର ପିଉଛନ୍ତି ତେବେ ତୁରନ୍ତ ପଣସ ଖାଇବା ଉଚିତ୍ ନୁହେଁ। ପଣସ ଏବଂ କ୍ଷୀରକୁ ଏକାଠି ଖାଇବା ଦ୍ୱାରା ଚର୍ମ ରୋଗ ହୋଇପାରେ। ଏହା ଦାଗ, କୁଣ୍ଡେଇ, ଏକଜେମା ଏବଂ ସୋରିୟାସିସ୍ ଭଳି ରୋଗର କାରଣ ହୋଇପାରେ। ଏହା ହଜମ କରାଇବାରେ ମଧ୍ୟ କଷ୍ଟକର ହୋଇଥାଏ।

**ମହୁ:** ପଣସ ଏବଂ ମହୁର ମିଶ୍ରଣ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଯଦି ଆପଣ ପଣସ ଖାଇବା ପରେ ତୁରନ୍ତ ମହୁରୁ ପ୍ରସ୍ତୁତ କିଛି ଖାଆନ୍ତି, ତେବେ ଶରୀରରେ ବ୍ଲଡ ସୁଗାର ଲେବଲ ଅଧିକ ହୋଇପାରେ। ବିଶେଷକରି ପାଚିଲା ପଣସ ଖାଇବା ପରେ ମହୁ ଖାଆନ୍ତୁ ନାହିଁ।

**ଭେଣ୍ଡି:** କିଛି ଲୋକ ପଣସ ଏବଂ ଭେଣ୍ଡି ମିଶାଇ ଖାଆନ୍ତି, ଯାହା ଠିକ୍ ନୁହେଁ। ଆପଣ ପଣସ ଏବଂ ଭେଣ୍ଡି ମିଶାଇ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଏହା ଚର୍ମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ। ଏହି ମିଶ୍ରଣ ଧଳା ଦାଗର ସମସ୍ୟା ମଧ୍ୟ ସୃଷ୍ଟି କରିପାରେ।

**ଅମୃତଭଣ୍ଡା:** ଯେତେବେଳେ ଆପଣ ପଣସ ଖାଆନ୍ତି, ତେବେ ଆପଣ ଏହା ପରେ ଅମୃତଭଣ୍ଡା ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଏହା ସହ ପଣସ ସହିତ କେବେ ହେଲେ ଅମୃତଭଣ୍ଡା ଖାଇବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଆଗକୁ ଯାଇ ବଡ ସମସ୍ୟା ହୋଇପାରେ।

**ପାନ:** ଯଦି ଆପଣ ଭୋଜନ ପରେ ପାନ ପତ୍ର ଖାଇବାକୁ ଭଲ ପାଆନ୍ତି, ତେବେ ପଣସ ଖାଇବା ପରେ ଏହାକୁ ଖାଇବା ପୂର୍ବରୁ ସାବଧାନ ରୁହନ୍ତୁ। ତେବେ ପଣସ ଖାଇବା ପରେ ପାନ ପତ୍ର ଖାଇବା ଦ୍ୱାରା ପେଟ ଏବଂ ସ୍କିନ୍ ସହ ଜଡିତ ଅନେକ ସମସ୍ୟା ହୋଇପାରେ। ସେଥିପାଇଁ ପଣସ ଖାଇବା ପରେ ଏହି ସମସ୍ତ ଜିନିଷ ଖାଇବା ଠାରୁ ଦୁରେଇ ରହିବା ଉଚିତ।

# ସକାଳୁ ଖାଲିପେଟରେ ଖାଆନ୍ତୁ ଘିଅ

ସାଧାରଣତଃ ସକାଳୁ ଉଠିବା ମାତ୍ରେ ଅଧିକାଂଶ ଲୋକଙ୍କର ଚା କିମ୍ବା କଫି ପିଇବାର ଅଭ୍ୟାସ ଥାଏ। ଆଉ କିଛି ଲୋକ ସିଧା ଜଳଖିଆ କରିବାକୁ ଉଚିତ ଭାବିଥାନ୍ତି। ହେଲେ ଏମିତି କିଛି ଲୋକ ଅଛନ୍ତି ଯିଏ ନିଜର ସ୍ୱାସ୍ଥ୍ୟକୁ ନେଇ ଖୁବ୍ ସଚେତନ ଥାନ୍ତି ଏବଂ ସେମାନେ ସକାଳେ ଉଠିବା ପରେ ଗରମ ପାଣି ଓ ମହୁ ଖାଇଥାନ୍ତି। ସକାଳେ ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଆମକୁ ଅନେକ ଫାଇଦା ମିଳିଥାଏ। ଯାହା ଏକ ଭଲ ଅଭ୍ୟାସ ବୋଲି ବିବେଚନା କରାଯାଏ। କିନ୍ତୁ ପ୍ରାୟତଃ ଲୋକେ ଘିଅକୁ ପସନ୍ଦ କରିନଥାନ୍ତି। ଆୟୁର୍ବେଦ ଅନୁସାରେ ସକାଳେ ଖାଲି ପେଟରେ ଜଳଖିଆ ପୂର୍ବରୁ ଘିଅ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭ ହୋଇଥାଏ। ଘିଅ କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇ ନଥାଏ ବରଂ ତ୍ୱଚା ପାଇଁ ମଧ୍ୟ ବେଷ୍ଟ ହୋଇଥାଏ। ତେବେ ଆସନ୍ତୁ ଘିଅ ଖାଇବାର ଫାଇଦା ସମ୍ପର୍କରେ ଜାଣିବା।

**ତ୍ୱଚାରେ ଚମକ ଆଣେ:** ଅଳ୍ପ ଘିଅ ସେବନ କରିବାରେ ଆପଣଙ୍କ କୋଷିକାଗୁଡିକ ପୁନର୍ଜୀବିତ ହୋଇଥାଏ। ତ୍ୱଚାରେ ପ୍ରାକୃତିକ ଚମକ ଦେଖାଦିଏ। ଘିଅ ଆପଣଙ୍କର ଚର୍ମର ନାଚୁରାଲ୍ କୋମଳତାକୁ ବଜାୟ ରଖେ। ଚର୍ମକୁ ଶୁଷ୍କତାରୁ ବଂଚାଇଥାଏ।

**ଗଣ୍ଠିଗୁଡିକୁ ଆରାମ ଦିଏ:** ଘିଅକୁ ସେବନ କରିବା ଦ୍ୱାରା ଗଣ୍ଠି ସମସ୍ୟା ଉପୁଜିନଥାଏ। କାରଣ ଘିଅ ଏକ ନାଚୁରାଲ୍ ଲୁବ୍ରିକାଣ୍ଟ ଭଳି କାମ କରିଥାଏ। ଘିଅରେ ଓମେଗା ୩ ଫ୍ୟାଟି ଏସିଡ୍ ମଧ୍ୟ ଥାଏ। ଯାହା ଅଷ୍ଟିଓ-ପୋରୋସିସ୍ ହେବାର ସମ୍ଭାବନାକୁ କମ୍ କରିଥାଏ। ଏଥିସହ ହାଡକୁ ମଜବୁତ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ।

**ମସ୍ତିଷ୍କକୁ ବିକଶିତ କରିଥାଏ:** ଯଦି ଆପଣ ଘିଅକୁ ସକାଳେ ଖାଲି ପେଟରେ ସେବନ କରୁଛନ୍ତି ତ ଆପଣଙ୍କର ମସ୍ତିଷ୍କର କୋଷିକାଗୁଡିକୁ ଆକ୍ଟିଭ୍ ରଖେ। ଯାହା ଆପଣଙ୍କର ସ୍ମୃତିଶକ୍ତି କ୍ଷମତାକୁ ବଢାଇଥାଏ। ଏହାର ସେବନ ଦ୍ୱାରା ଆପଣଙ୍କୁ ଅଲଜିମର ଭଳି ରୋଗ ହେବାର ସମ୍ଭାବନା କମିଯାଇଥାଏ।

**ଓଜନକୁ ନିୟନ୍ତ୍ରଣ କରେ:** ଲୋକଙ୍କ ମଧ୍ୟରେ ଏହା ଏକ ବଡ ଭ୍ରମ ଥାଏ କି ଘିଅର ବ୍ୟବହାର କରିବା ଦ୍ୱାରା ତାଙ୍କର ଓଜନ ବଢିଥାଏ। କିନ୍ତୁ ଆପଣ ଯଦି ଖାଲି ପେଟରେ ୫ରୁ ୧୦ ଏମଏଲ ଘିଅ ସେବନ କରିବେ ତ ଏହାଦ୍ୱାରା ଆପଣଙ୍କର ମେଟାବୋଲିକ ରେଟ୍ ବଢିଥାଏ ଏବଂ ଆପଣଙ୍କର ଓଜନ କମ୍ ହୋଇଥାଏ।

**କେଶ ଝଡିବା ରୋକିଥାଏ:** ସକାଳେ ଖାଲି ପେଟରେ ଘିଅ ସେବନ କରିବା ଦ୍ୱାରା କେଶ ଝଡିବା ବନ୍ଦ ହୋଇଥାଏ। କାରଣ ଏଥିରୁ ପୁରା ନ୍ୟୁଟ୍ରିଏଣ୍ଟ ମିଳିଥାଏ। ଫଳରେ କେଶର କୋମଳତା , ଚମକତା ଆସିଥାଏ। ଏବଂ କେସ ଝଡିବା ରୋକିଥାଏ।

**କ୍ୟାନସର ରୋଗରୁ ମୁକ୍ତି ମିଳେ:** ଘିଅରେ ଆଣ୍ଟି-କ୍ୟାନସର ଗୁଣ ରହିଛି। ଯାହା ଆପଣଙ୍କ ଶରୀରରେ କ୍ୟାନସର କୋଷକୁ ବଢିବାରେ ରୋକିଥାଏ।



# କଞ୍ଚା ହଳଦୀ ସ୍ୱାସ୍ଥ୍ୟ ପାଇଁ ହିତକର

ଶୀତଦିନ ଆମ ପାଇଁ ଖୁବ୍ ଚ୍ୟାଲେଞ୍ଜିଂ ଥାଏ। ଏହି ଋତୁରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ। ଏହି ଦିନରେ ସାଧାରଣତଃ ଥଣ୍ଡା, କାଶ, ଗଣ୍ଠି ଯନ୍ତ୍ରଣା, ଫୁଲା, ବଦହଜମୀ ଏବଂ ରୋଗପ୍ରତିରୋଧକ ଶକ୍ତି ପାଇଁ ଦୁର୍ବଳ ଅନୁଭବ କରିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଆୟୁର୍ବେଦ ଅନୁସାରେ ଅନେକ ଉପାୟ ରହିଛି। ଯାହା ମହୌଷଧୀ ଭାବେ କାମ କରିଥାଏ। ସେହି ସବୁ ଆୟୁର୍ବେଦିକ ଜିନିଷ ମଧ୍ୟରେ କଞ୍ଚା ହଳଦୀ ଅନ୍ୟତମ। କଞ୍ଚା ହଳଦୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ବିଶେଷ କରି ଶୀତଦିନେ ଏହା ଖାଇବା ବେଶୀ ଫଳପ୍ରଦ ହୋଇଥାଏ। ଯାହା ଖାଇବା ଦ୍ୱାରା ଥଣ୍ଡା ଏବଂ ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଏହାକୁ ଖାଇବା ଫଳରେ ଶରୀରରେ ଥିବା ବିଷକ୍ତେ ଜିନିଷକୁ ବିଷମୁକ୍ତ କରିଥାଏ ଏବଂ ରୋଗ ସହିତ ଲଢେଇ କରିବାର କ୍ଷମତାକୁ ବୃଦ୍ଧି କରିଥାଏ। ଏହାର ନିୟମିତ ସେବନ ଆପଣଙ୍କ ତ୍ୱଚାକୁ ମଧ୍ୟ ଲାଭ ଦେଇଥାଏ। ତେଣୁ କଞ୍ଚା ହଳଦୀକୁ ଏକ ଔଷଧି ଭାବେ ବିବେଚନା କରାଯାଏ। ଶୀତଦିନେ ଏହାକୁ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ।

କଞ୍ଚା ହଳଦୀରେ ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଭାଇରଲ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି। ଯାହା ଖାଇବା ଦ୍ୱାରା ଥଣ୍ଡା, ଗଳା ଯନ୍ତ୍ରଣା ଏବଂ ଭାଇରଲ ସଂକ୍ରମଣରୁ ରକ୍ଷା କରିଥାଏ। ଶୀତଦିନେ ରୋଗ ପ୍ରତିରୋଦକ ଶକ୍ତି ଦୁର୍ବଳ ହୋଇଯାଇଥାଏ। ଯାହାଫଳରେ ସଂକ୍ରମଣର ସମ୍ଭାବନା ବୃଦ୍ଧି ପାଇଥାଏ। କିନ୍ତୁ କଞ୍ଚା ହଳଦୀ ଖାଇବା ଦ୍ୱାରା ଶୀତକାଳୀନ ସଂକ୍ରମଣ ସହିତ ଲଢେଇ କରିବାର ଶକ୍ତି ପ୍ରଦାନ କରିଥାଏ। ଲିଭର ପାଇଁ ଖୁବ୍ ଫଳପ୍ରଦ ହୋଇଥାଏ ବୋଲି ପ୍ରମାଣିତ ହୋଇ ଆସୁଅଛି। କେବଳ ହଳଦୀ ନୁହେଁ ହଳଦୀ ପାଣି ମଧ୍ୟ ଆମ ଶରୀର ପାଇଁ ପ୍ରଭାବଶାଳୀ ହୋଇଥାଏ। ଶୀତଦିନେ ଲୋକମାନେ ପ୍ରାୟତଃ ଗଣ୍ଠି ଯନ୍ତ୍ରଣା, ଆଣ୍ଠୁ କଠିନତା ଏବଂ ମାଂସପେଶୀ କଠିନତା ଦେଖା ଦେଇଥାଏ। କଞ୍ଚା ହଳଦୀରେ ମିଳୁଥିବା କରକ୍ୟୁମିନ୍ ଏକ ଶକ୍ତିଶାଳୀ ଆଣ୍ଟି-ଇନ୍ଫ୍ଲେମାଟୋରୀ ଯାହା ପ୍ରଦାହକୁ କମ କରେ। ଶୋଇବା ପୂର୍ବରୁ ଅଧ ଚାମଚ କଞ୍ଚା ହଳଦୀକୁ ଉଷୁମ କ୍ଷୀର ସହିତ ମିଶାଇ ପିଇବା ଦ୍ୱାରା ଗଣ୍ଠି କଠିନତା ଦୂର ହୁଏ, ମାଂସପେଶୀରେ ଉନ୍ନତ ହୁଏ ଏବଂ ଭଲ ନିଦ ହୋଇଥାଏ। ଶୀତଦିନେ ହଜମ୍ ଶକ୍ତି କମିଯାଇଥାଏ। ଯାହା ଫଳରେ ଗ୍ୟାସ୍, ବଦହଜମୀ ଏବଂ ପେଟ ଫୁଲିବା ଭଳି ସମସ୍ୟା ବଢ଼ିଯାଇଥାଏ। କଞ୍ଚା ହଳଦୀ ଖାଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ପାଏ, ଯାହା ଖାଦ୍ୟ ହଜମ କରିବା ସହଜ କରିଥାଏ। ଏହା ପେଟ ଫୁଲିବା ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦିଏ। ଏଥିସହ ହଳଦୀ ଖାଇବା ସହିତ ଫେସପ୍ୟାକ୍ ଭଳି ମଧ୍ୟ କାମ କରେ। କେଶ ଛଡିବା ଏବଂ ଡ୍ୟାଣ୍ଡ୍ରଫ୍ ଭଳି ସମସ୍ୟାକୁ ଦୂର କରି ଦେଇଥାଏ। ଅନେକ ସମୟରେ ଲିଭରରେ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ। ଯାହାକୁ ଖାଇବା ଦ୍ୱାରା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଗୁଣ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ହଳଦୀ କିପରି ବ୍ୟବହାର କରିବେ ସେ ସମ୍ପର୍କରେ ଆମେ ଆପଣଙ୍କୁ ଜଣାଇବୁ। କଞ୍ଚା ହଳଦୀ ପାଣି ଲିଭରକୁ ବିଷମୁକ୍ତ କରିବା ପାଇଁ ଲାଭଦାୟକ। କେବଳ କଞ୍ଚା ହଳଦୀକୁ ପେଷି ଉଷୁମ ପାଣି ସହିତ ମିଶାନ୍ତୁ। ସ୍ୱାଦ ପାଇଁ ଅଳ୍ପ ମହୁ ମିଶାଇ ସେଥିରେ ଅଳ୍ପ ଲେମ୍ବୁ ମିଶାନ୍ତୁ। ଏହାକୁ ଖାଲି ପେଟରେ ସେବନ କରନ୍ତୁ। ଯାହା ଲିଭରକୁ ବିଷମୁକ୍ତ କରିବାରେ ସାହାଯ୍ୟ କରିବ।



# ନିମ୍ନମାନର କାଡ଼ାନାଳ ନିର୍ମାଣ ଅଭିଯୋଗ




ବରଗଡ଼,୧୪।୭(ସଂଚାର ବ୍ୟୁରୋ): ଚାଷୀ ହସିବ, ଜମି ହସିବ। ମରୁଡ଼ି ଚିନ୍ତା ଦୂର ହେବ ଆଉ ହୀରାକୁଦର ପାଣିରେ ଲହଡ଼ି ଭାଙ୍ଗିବ ଚାଷ ଜମି। ଚାଷୀଙ୍କୁ ଏମିତି କିଛି ସୁନେଲି ସ୍ୱପ୍ନ ଦେଖାଇଥିଲେ ସରକାର। ହେଲେ ସରକାରଙ୍କ ଏହି ସ୍ୱପ୍ନକୁ ଏବେ ଅଧବାଟରେ ବୁଡ଼ାଇ ଦେଇଛନ୍ତି ବିଭାଗୀୟ ଅଧିକାରୀ ଓ ଠିକାଦାର। ବରଗଡ଼ ଜିଲ୍ଲାରୁ ଆସିଛି ଜଳସେଚନ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କାର ମହାଘୋଟାଲା ଅଭିଯୋଗ। ବରଗଡ଼ ଜିଲ୍ଲା ଭେଡ଼େନ ଓ ବରପାଲି ବ୍ଲକର ୨୫ଟି ଗାଁର ଚାଷୀଙ୍କ ଭାଗ୍ୟ ବଦଳାଇବା ପାଇଁ ହୋଇଥିଲା ଯୋଜନା। ହୀରାକୁଦ ଡ୍ୟାମ୍ କେନାଲ୍ ଅଧିନସ୍ଥ ତୁଲଣ୍ଡୀ ଓ ରେଶମ ମାଇନରରୁ ଭେଡ଼େନ ବ୍ଲକର ଗାଁର ଚାଷ ଜମିକୁ ଜଳସେଚନ ପାଇଁ କାଡ଼ା ବିଭାଗ ପକ୍ଷରୁ ନିର୍ମାଣ ହେଲା କାଡ଼ନାଳ। କୁହାଯାଇଥିଲା ଫସଲ ଉତ୍ପାଦନ ଦୁଇଗୁଣା ହେବ। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଗତ ଜୁନ୍ ମାସରେ ନିର୍ମାଣ ହୋଇଥିବା ନାଳରୁ ଏବେଠାରୁ କଂକ୍ରିଟ୍ ଉଠି ଦବିବାକୁ ଲାଗିଲାଣି। କେଉଁଠି ନାଳ ମଝିରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି ତ' ଆଉ କେଉଁଠି ନାଳର ଉଭୟ ପାଖରେ ମାଟି ଫିଲିଙ୍ଗ୍ ବି କରାଯାଇନାହିଁ। ସବୁଠୁ ବଡ଼ କଥା ହେଉଛି, ନାଳଟି ସଠିକ୍ ଜାଗାରେ ନିର୍ମାଣ ହୋଇନଥିବାରୁ ହୀରାକୁଦର ପାଣି ଚାଷୀଙ୍କ ଜମି ପର୍ଯ୍ୟନ୍ତ ପହଞ୍ଚିପାରୁନି। ପ୍ରକଳ୍ପକୁ ନେଇ କୌଣସି ସୂଚନାଫଳକ ଲଗାଯାଇନି। ସବୁ ନୀତି ନିୟମକୁ ଜଳାଞ୍ଜଳୀ ଦେଇ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି କୋଟିକୋଟି ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ନେଇ ପ୍ରତିଶ୍ରୁତି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଲା, ହେଲେ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ଚାଷୀଙ୍କ ସ୍ୱପ୍ନ ଧୂଳିସାତ ହୋଇଗଲା। ଚାଷ ପାଇଁ ଏବେ କେଉଁଠୁ ପାଣି ଆସିବ, ତାକୁ ନେଇ ଚିନ୍ତାରେ ଅନ୍ନଦାତା।

## ଡିଏମ୍‌ଡିରେ ପୀଡ଼ିତ ପାପୁନଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ସହାୟତା



ସୁବର୍ଣ୍ଣପୁର,୧୪।୭(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମଉଳିମୁଣ୍ଡା ଗ୍ରାମର ବାସିନ୍ଦା ବାବୁଲାଲ କର୍ଣ୍ଣଙ୍କ ଦ୍ୱିତୀୟ ପୁତ୍ର ପାପୁନ କର୍ଣ୍ଣଙ୍କ ବାସଭବନକୁ ଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ପ୍ରତୀକାତ୍ମକ ଚେକ ପ୍ରଦାନ କରିଛନ୍ତି। ପାପୁନଙ୍କ ବୟସ ୧୯ ବର୍ଷ ଏବଂ ସେ (ଡିଏମ୍‌ଡି) ନାମକ ଏକ ବିରଳ ରୋଗରେ ପୀଡ଼ିତ। ସେ ଜଣେ ମେଧାବୀ ଛାତ୍ର ଏବଂ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମାତ୍ର ଏହି ରୋଗ ତାଙ୍କ ସମ୍ପୂର୍ଣ୍ଣ ଶରୀରକୁ ଅଚଳ କରିଦେଇଛି। ୧୦ ବର୍ଷ ବୟସ ପର୍ଯ୍ୟନ୍ତ ତାଙ୍କ ଶରୀର ସମ୍ପୂର୍ଣ୍ଣ ସୁସ୍ଥ ଥିଲା। ଏହାପରେ ଧୀରେ ଧୀରେ ଏହି ରୋଗ ତାଙ୍କ ଶରୀରକୁ ଆକ୍ରମଣ କରିଥିଲା ଏବଂ ବର୍ତ୍ତମାନ ସେ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି। ପାପୁନଙ୍କ ଚିକିତ୍ସା ପାଇଁ ତାଙ୍କ ପିତାମାତା ଓଡ଼ିଶା ଓ ଓଡ଼ିଶା ବାହାରର ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ସମସ୍ତ ପ୍ରକାରର ଚେଷ୍ଟା କରିଥିଲେ। ହେଲେ ସବୁଠାରୁ ସେମାନଙ୍କୁ ଗୋଟିଏ ଉତ୍ତର ମିଳିଛି ଯେ, ଏହି ରୋଗର କୌଣସି ସ୍ଥାୟୀ ଔଷଧ ନାହିଁ। ତଥାପି ପାପୁନଙ୍କ ଚିକିତ୍ସା ପାଇଁ ତାଙ୍କ ପିତାମାତାଙ୍କ ପ୍ରୟାସ ଜାରି ରହିଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମିଳିଥିବା ୧୦ ଲକ୍ଷ ଟଙ୍କାର ଏହି ସହାୟତା ରାଶି କୋଲକାତାର ଏକ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଇବାରେ ସହାୟକ ହେବ। ପ୍ରତୀକାତ୍ମକ ଚେକ ପ୍ରଦାନ ସମୟରେ ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ ବାରା, ଜିଲ୍ଲାର ଭାରପ୍ରାପ୍ତ ଜରୁରୀ ଶାଖା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରୀତି ସୁନା ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଗିରଫ ପରେ ଦୁଷ୍କର୍ମ ଅଭିଯୁକ୍ତକୁ କୋର୍ଟ ଚାଲାଣ



ବୈଶିଙ୍ଗା,୧୪।୭(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧିନ ଦୁର୍ଗାପୁର ଗ୍ରାମର ଜନୈକ ଯୁବକ ସେହି ଗ୍ରାମର ଜନୈକା ଯୁବତୀଙ୍କୁ ଅସଦାଚରଣ କରିବା ଏବଂ ଦୁଇ ଦିନ ପରେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ବୈଶିଙ୍ଗା ଥାନାରେ ଜିମା ଦିଆଯାଇ ଥିଲା। ଘଟଣାରୁ ପ୍ରକାଶ ଗତ ଶୁକ୍ରବାର ଅପରାହ୍ନରେ ଜନୈକା ଯୁବତୀ ଗ୍ରାମ୍ୟ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ଦୁର୍ଗାପୁର ଗ୍ରାମର ଯୁବକ ରଜ ସୋରେନ (୪୫) ସେହି ଯୁବତୀ କୁ ଜଙ୍ଗଲ ମଧ୍ୟକୁ ଟାଣି ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବାବେଳେ କୌଶଳ କ୍ରମେ ଯୁବତୀ ଖସି ଯାଇ ଘରେ ଘଟଣା ବିଷୟରେ ଜଣାଇଥିଲେ। ପରିବାର ବର୍ଗ ସଂପୃକ୍ତ ଯୁବକ କୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇନଥିଲେ। ତିନି ଦିନ ପରେ ରଜ ସୋରେନ ଘର କୁ ଫେରିଥିବା ଖବର ପାଇ ପରିବାର ବର୍ଗ ରଜକୁ ମାଡି ବସିଥିଲେ ଏବଂ ବୈଶିଙ୍ଗା ଥାନାକୁ ଖବର ଦେଇଥିଲେ। ବୈଶିଙ୍ଗା ପୋଲିସ ଗିରଫ କରିବା ସହିତ ଡାକ୍ତରୀ ମାଇନା ପରେ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପୀଡିତା ଙ୍କ ଅଭିଯୋଗ ଅନୁଯାଇ ବୈଶିଙ୍ଗା ପୋଲିସ ୨୫୯ / ୨୬ ମୂଳେ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

## ବିଧାନସଭା ନିର୍ବାଚନମଣ୍ଡଳୀରେ ବିଏଲଓଙ୍କୁ ତାଲିମ



ସୁବର୍ଣ୍ଣପୁର,୧୪।୭(ସଂଚାର ବ୍ୟୁରୋ): ସୋନପୁର ୬୫ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀରେ ୩୬ ଜଣ ନୂତନ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଓ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ଖସଡ଼ା ଭୋଟର ତାଲିକା ପ୍ରକାଶନର ର ପରବର୍ତ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋନପୁର ୬୫ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏବଂ ୭ ଜଣ ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏହି ତାଲିମ ପ୍ରଦାନ କରୁଛନ୍ତି। ତାଲିମରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ନୋଟିସ ପ୍ରସ୍ତୁତି, ମ୍ୟାପିଂ ହୋଇନଥିବା ଭୋଟରମାନଙ୍କୁ ନୋଟିସ ପ୍ରଦାନ କରିବା ସହ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଉଛି। ଏଥିରେ ସଘନ ସଂଶୋଧନ ପରବର୍ତ୍ତୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ନିର୍ଦ୍ଦେଶାବଳୀ ଅନୁଯାୟୀ ତ୍ରୁଟିଶୂନ୍ୟ ତାଲିକା ପ୍ରସ୍ତୁତ, ଘରକୁ ଯାଇ ଯାଞ୍ଚ କରିବା ସହ ଆବଶ୍ୟକ ହେଲେ ନୋଟିସ ପ୍ରଦାନ କରିବା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ସୁପରଭାଇଜରମାନଙ୍କୁ କୌଣସି ଯୋଗ୍ୟ ଭୋଟର ବାଦ ନ ପଡ଼ନ୍ତୁ ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ତାଲିକାରେ ରହିବ ନାହିଁ, ସେଥିପ୍ରତି ସତର୍କ ରହିବାକୁ ସୂଚନା ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ସୋନପୁର ୬୫ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ୨, ୫୩, ୭୧୪ ଜଣ ଭୋଟରଙ୍କ ମଧ୍ୟରୁ ୯୭.୫ ପ୍ରତିଶତ ଭୋଟରଙ୍କ ମ୍ୟାପିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ଭୋଟରମାନଙ୍କୁ ନୋଟିସ ପ୍ରଦାନ କରାଯାଇଛି।

## ୧୦ ଲକ୍ଷ ଚାରା ବଣ୍ଟନର ଲକ୍ଷ୍ୟ, ଏପର୍ଯ୍ୟନ୍ତ ଅଢ଼େଇ ଲକ୍ଷ ଚାରା ବଣ୍ଟନ

ନୂଆପଡ଼ା,୧୪।୭(ସଂଚାର ବ୍ୟୁରୋ): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଖଡ଼ିଆଳ ବନଖଣ୍ଡ ପକ୍ଷରୁ ଚଳିତ ବର୍ଷ ୧୦ ଲକ୍ଷ ଚାରା ବଣ୍ଟନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସରକାରଙ୍କ 'ମାଆଙ୍କ ନାମରେ ଗୋଟିଏ ଚାରା' ଅଭିଯାନକୁ ସଫଳ କରିବା ପାଇଁ ବନ ବିଭାଗ ବ୍ୟାପକ ସଚେତନତା ସହ ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ଜୋରଦାର କରିଛି। ବନ ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ପ୍ରାୟ ଅଢ଼େଇ ଲକ୍ଷ ଚାରା ବିଭିନ୍ନ ଗ୍ରାମ, ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସାଧାରଣ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ବର୍ଷା ଋତୁକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ଲୋକଙ୍କୁ ଚାରା ରୋପଣ ପାଇଁ ଉତ୍ସାହିତ କରାଯାଉଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ କହିଛନ୍ତି ଯେ, ଚଳିତ ବର୍ଷ ୧୦ ଲକ୍ଷ ଚାରା ବଣ୍ଟନର ଲକ୍ଷ୍ୟ ପୂରଣ ପାଇଁ ବନ ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେଉଛି।

## ଜିଲ୍ଲାସ୍ତରୀୟ ପଣ୍ଡିତ ଗୋପବନ୍ଧୁ ଶ୍ରାଦ୍ଧୋତ୍ସବ



ସୁବର୍ଣ୍ଣପୁର,୧୪।୭(ସଂଚାର ବ୍ୟୁରୋ): ପଛ ଘୁଞ୍ଚା ନାହିଁ ବୀରର ଜାତକେ, ନମରେ ସେ କେବେ ପରାଣ ଆତଙ୍କେ' ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସ କେବେ ପଛଘୁଞ୍ଚା ଦେଇ ନଥିଲେ ନିଜର କର୍ତ୍ତବ୍ୟ ପଥରେ। ସେ ସର୍ବଦା ବୀରତ୍ୱର ସହ ଲଢ଼େଇ କରି ଦୀନଦରିଦ୍ରଙ୍କ ସେବା କରୁଥିଲେ। ତେଣୁ ବର୍ତ୍ତମାନ ଯୁବସମାଜ ସେହି ମହାପୁରୁଷଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ନିଜର ବ୍ରତ ଭାବରେ ଗ୍ରହଣ କଲେ ତାହା ଆଜି ଭଳି ଏକ ପୁଣ୍ୟ ତିଥିରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ହେବ ବୋଲି ସୁବର୍ଣ୍ଣପୁର ଜିଲା ସ୍ତରୀୟ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଓ 'ସମାଜ' ପରିବାରର ମିଳିତ ସହଯୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଯୋଗ ଦେଇ ସେବାରେ କେବେବି ପାତର ଅନ୍ତର ନଥାଏ। ସର୍ବଦା ପରସ୍ପରକୁ ସ୍ନେହ, ଶ୍ରଦ୍ଧା ଦେବା ଉଚିତ ବୋଲି କହିଥିଲେ। ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସ ସେଭଳି ଜଣେ ବ୍ୟକ୍ତି ଯିଏ ସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ପରସ୍ପର ପ୍ରତି ସ୍ନେହ ଓ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ। ତେଣୁ ବର୍ତ୍ତମାନର ଯୁବସମାଜ ସେହି ମହାପୁରୁଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ସେ କହିଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଓ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର,୧୪।୭(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ତଥା ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଇଂ. ରଘୁନାଥ ଜଗଦଲା ଓ ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଓଡ଼ିଶା ଭେଷଜ ବିଶ୍ୱ ବିଦ୍ୟାଳୟର ଭାଇସ ଚାନ୍ସେଲର ଡଃ. ଦଣ୍ଡେଶ୍ୱର ହୋତା ଯୋଗଦେଇ ସମାଜର ବିକାଶ ଏବଂ ଗଣତନ୍ତ୍ରର ସୁରକ୍ଷା ରକ୍ଷା କରିବାରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଏକ ସ୍ମରଣିକା ମଧ୍ୟ ଉନ୍ମୋଚନ କରଯାଇଥିଲା ପ୍ରଶାସନ ପହଞ୍ଚି ପାରୁ ନଥିବା ଅଞ୍ଚଳର ସମସ୍ୟା ଗଣମାଧ୍ୟମ ପ୍ରତିନିଧି ମାନେ ପ୍ରଶାସନ ଓ ସରକାରଙ୍କ ଆଗରେ ଉପସ୍ଥାପନ କରିଥାନ୍ତି ଓ ଏହା ଫଳରେ ପ୍ରଶାସନ ସରକାର ଜନସାଧାରଣଙ୍କ ଆବଶ୍ୟକତା ପ୍ରତି ଯତ୍ନବାନ ହେବା ସହିତ ଆବଶ୍ୟକ ପଦକ୍ଷେପ ନେଇଥାନ୍ତି ବୋଲି ମତପ୍ରକାଶ ପାଇଥିଲା।

## କେସିଙ୍ଗା ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ: ବିଭିନ୍ନ ପ୍ରଜାତିର ଚାରା ରୋପଣ



କେସିଙ୍ଗା,୧୪।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲାର ଅନ୍ୟତମ ସରକାରୀ ଅଗ୍ରଣୀ ଶିକ୍ଷନୁଷ୍ଠାନ କେସିଙ୍ଗା ମହାବିଦ୍ୟାଳୟ ପରିସର ମଧ୍ୟରେ ଯୁବ ରେଡକ୍ରସ ଓ ରାଷ୍ଟ୍ରୀୟ ସେବା ଯୋଜନା ବିଭାଗ ଦ୍ୱୟଙ୍କ ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟସ୍ଥ ପରିସରରେ ଶତାଧିକ ଛାତ୍ରମାନଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯାଇଛି। ଇତ୍ୟାବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ, ଇରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଅଶ୍ୱିନ କୁମାର ପଟ୍ଟନାୟକ, ଗଣିତ ବିଭାଗର ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ଉଆଇଆରସି ସଂଯୋଜକ ଅଧ୍ୟାପକ ରାଇ ଇମୋହନ, ଏନ୍‌ଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ମଣି ରଣାଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷ, 'ହାତଟିଏକୁ ଗଛଟିଏ'ର ଭାବନାକୁ ବାସ୍ତବତାରେ ରୂପାୟଣ କରିବାକୁ ଆହ୍ୱାନ ଦେବା ସହ ପ୍ରକୃତିର ପ୍ରକୃତିକତାକୁ ଜୀବନ୍ତ କରି ରଖିବା ଆମର ପରମ ଧର୍ମ ତଥା ନୈତିକ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ।

## ଉପଖଣ୍ଡ ମାନ୍ୟତା ପ୍ରଦାନ କରିବାରେ ଅବହେଳା କାହିଁକି ?

ବୈଶିଙ୍ଗା,୧୪।୭(ସଂଚାର ବ୍ୟୁରୋ): ଦୀର୍ଘ ୬ ବର୍ଷ ପୂର୍ବରୁ ବେତନଟୀ ସମେତ ବଡ଼ସାହି, ମୋରଡା ଓ ରସଗୋବିନ୍ଦପପୁରବ୍ଲକ କୁ ନେଇ ଗଠିତ ଅଣ ରାଜନୈତିକ ସଂଗଠନ ବିକାଶ ମଞ୍ଚ ଗଠିତ ହୋଇଥିଲା। ମାତ୍ର ବାରମ୍ବାର ଦାବି ଉପସ୍ଥାପନା କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବ ସରକାରଙ୍କ ରାଜସ୍ୱ ସଚିବ, ରାଜସ୍ୱ ମନ୍ତ୍ରୀ ଓ ଜିଲାପାଳ ବିନୀତ ଭାରଦ୍ୱାଜ ଙ୍କୁ ସ୍ମାରକ ପତ୍ର ଗତ ୨୦୧୯ ମସିହା ଅକଟୋବର ୧୯ ତାରିଖ ରେ ପ୍ରଦାନ କରାଯାଇଥିଲା। ମାତ୍ର ତତ୍କାଳୀନ ସରକାର ଉପଖଣ୍ଡ ନିମନ୍ତେ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି କହିବା ସହ ଆପଣ ମାନଙ୍କର ଯେତିକି ଦସ୍ତାବିଜ ପ୍ରଦାନ କରିଛନ୍ତି ଯଦି ସରକାର ଗୋଟିଏ ଉପଖଣ୍ଡ ଘୋଷଣା କରିବେ କେବଳ ବେତନଟୀକୁ ମାନ୍ୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।ବେତନଟୀ କୁ ରାଜସ୍ୱ ଉପଖଣ୍ଡ ଘୋଷଣା କରିବାର ଆବଶ୍ୟକତା ରହିଛି ବୋଲି ବିକାଶ ମଞ୍ଚ ଅନୁଭବ କରି ଉପଲବ୍ଧି କରିଥିଲାଯେ ସଦର ଉପଖଣ୍ଡ ଅଧୀନରେ ୧୦ ଗୋଟି ବ୍ଲକ ରହିଥିବାବେଳେ ଏହା ସର୍ବ ବୃହତ ଉପଖଣ୍ଡ ହୋଇଥିବାରୁ ସାଧାରଣ ଜନତା ଉପକୃତ ହୋଇନପାରି ଉପ ଜିଲାପାଳଙ୍କୁ ଭେଟି ନପାରି ନିରାଶ ହୋଇ ଘରକୁ ଫେରିବାକୁ ବାଧ୍ୟ ହୋଇଥାନ୍ତି।ବେତନଟୀ ପ୍ରସ୍ତାବିତ ଉପଖଣ୍ଡ ନିମନ୍ତେ ନିଆଯାଇଥିବା ବ୍ଲକରେ ୯୦ଟି ପଞ୍ଚାୟତ ଥିବାବେଳେ ୭୯୬ ଟି ଗ୍ରାମ ରହିଛି ଓ ୫ ଲକ୍ଷ ପାଖାପାଖି ଜନସଂଖ୍ୟା ରହିଛି। ଏହି ଚାରିଟି ବ୍ଲକ ରେ ୨୨ ଟି ମହାବିଦ୍ୟାଳୟ, ୯୭୦ଟି ବିଦ୍ୟାଳୟ, ୩୪ ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ୫୪ ଟି ଆଶ୍ରମ ସ୍କୁଲରହି ଥିବାବେଳେ, ୩୮୫ ପୋଷ୍ଟ ଅଫିସ ରହିଛି। ଏତଦବ୍ୟତୀତ ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟ ମଧ୍ୟରେ ବେତନଟୀ କୃଷି ଜିଲ୍ଲା ଅଧିକାରୀ, ପୁଲିସ ଉପଖଣ୍ଡ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗ ଉପଖଣ୍ଡ ଅଧିକାରୀ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ, ବନାଞ୍ଚଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ଡିଭିଜନ, ବିଚାର ବିଭାଗୀୟ ଅଦାଲତ, ସବାଇ ଗ୍ରାସ କାର୍ଯ୍ୟାଳୟ, ଆର ଏମ ସି ଓ ଆର ସିସି ଏମ୍ ଏସ୍, ଆଦର୍ଶ ଓ ନବୋଦୟ ବିଦ୍ୟାଳୟ ରହିଅଛି।

## ଦିନକ ପରେ ରଥଯାତ୍ରା: ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ କାର୍ଯ୍ୟ, ଚଳଚଞ୍ଚଳ ଗଞ୍ଜାମ ସହର



ଗଞ୍ଜାମ,୧୪।୭(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ଆଉ ମାତ୍ର ଦିନକର ସମୟ ବାକି ଅଛି। ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ଏହି ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଶ୍ରୀକ୍ଷେତ୍ର ପୁରୀ ଭଳି ଗଞ୍ଜାମ ସହରରେ ମଧ୍ୟ ଏହାକୁ ବେଶ୍ ଧୂମଧାମରେ ପାଳନ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସହରର ବଡ଼ ବଜାରସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରୀତିନୀତି ଅନୁସାରେ ଏହି ରଥଯାତ୍ରାର ଆୟୋଜନ କରାଯାଉଛି। ଚଳିତ ବର୍ଷ ନୂଆ ରଙ୍ଗରେ ରଥ ନିର୍ମାଣ କରାଯାଉଥିବା ବେଳେ ବର୍ତ୍ତମାନ ଏହାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜଗନ୍ନାଥ ମନ୍ଦିର ପରିଚାଳନା ମୁଖ୍ୟ ତଥା ବିଶିଷ୍ଟ ବ୍ୟବସାୟୀ କାଙ୍ଗା ପଲାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଶିଳ୍ପୀ ସଞ୍ଜୟ କୁମାର ଗୌଡ଼ ରଥ ନିର୍ମାଣ କାର୍ଯ୍ୟ କରୁଛନ୍ତି। ତାଙ୍କୁ ସମାଜସେବୀ ଶଙ୍କର ପଟ୍ଟନାୟକ ସହଯୋଗ କରୁଛନ୍ତି। ବର୍ଷକର ଏହି ପ୍ରସିଦ୍ଧ ଗୁଣ୍ଡିଚା ଯାତ୍ରା ପାଇଁ ସାରା ଗଞ୍ଜାମ ସହର ଏବେ ଉତ୍ସବମୁଖର ହୋଇଉଠିଛି।

## ଚାଉଁରପୁର ବ୍ରିଜ୍‌ରୁ ଡେଇଁଥିବା ଯୁବକ ଉଦ୍ଧାର

ସମ୍ବଲପୁର,୧୪।୭(ସଂଚାର ବ୍ୟୁରୋ): ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ପରେ ଏବେ ମହାନଦୀ ସମେତ ବିଭିନ୍ନ ନଦୀନାଳରେ ପାଣି ଭର୍ତ୍ତି। ତେବେ ସମ୍ବଲପୁର ସହର ମଧ୍ୟରେ ଥିବା ମହାନଦୀ ଚାଉଁରପୁର ବ୍ରିଜ୍ ରୁ ବନ୍ୟା ଜଳ ଦେଖିବାକୁ ନିୟମିତ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି। ହେଲେ ବନ୍ୟାଜଳ ପ୍ରବାହିତର ଦୃଶ୍ୟ ଉପଭୋଗ କରୁ କରୁ ଗତ ତିନି ତଳେ ଜଣେ ୧୪ ବର୍ଷିୟା ନାବାଳିକା ଚାଉଁରପୁର ବ୍ରିଜ୍ ରୁ ଡେଇଁ ଅଦ୍ୟାବଧି ନିଖୋଜ ରହିଥିବା ବେଳେ ଆଜି ପୂର୍ବାହ୍ନରେ ପୁଣି ଜଣେ ଯୁବକ ଚାଉଁରପୁର ବ୍ରିଜ୍ ରୁ ମହାନଦୀ ଗର୍ଭକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଘଟଣା ଜିଲ୍ଲା ପ୍ରଶାସନର ପ୍ରଶାସନିକ ବିଧି ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଇଛି। ଅବଶ୍ୟ ଖବର ପାଇବା ମାତ୍ରେ ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ତତକ୍ଷଣାତ୍ ଉଦ୍ଧାରକାରୀ ଦଳ ଲାଇଫ୍ ବୋଟ୍ ରେ ମହାନଦୀର ବିଭିନ୍ନ ସ୍ଥାନ ଯାଞ୍ଚ କରି ସମ୍ପୃକ୍ତ ଯୁବକକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଉଦ୍ଧାର ଯୁବକ ଜଣଙ୍କ କୁମ୍ଭାରପଡ଼ା ଅଞ୍ଚଳର ୨୮ ବର୍ଷିୟ ଅଜୁ ବଗର୍ତ୍ତି ବୋଲି ଜଣାପଡ଼ିଛି। ତେବେ ଚାଉଁରପୁର ବ୍ରିଜ୍ ଉପରୁ ଏଭଳି ଡେଇଁବାର କାରଣ ସମ୍ପର୍କରେ ଯଦିଓ ସେ କିଛି ସଠିକ୍ ଉତ୍ତର ଦେଇନଥିଲା ତେବେ ପାରିବାରିକ କଳହକୁ ନେଇ ଆତ୍ମହତ୍ୟା ଉଦ୍ୟମ କରିଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅପରପକ୍ଷରେ ଅଗ୍ନିଶମ ବିଭାଗର ଦକ୍ଷ କର୍ମଚାରୀ ବହୁ କଷ୍ଟରେ ଅଜୁକୁ ଉଦ୍ଧାର କରିଥିବା ବେଳେ ସେ ପାଲଟା ଗାଳିଗୁଲଜ କରିଥିବା ଦେଖିବାକୁ ମିଳିଥିଲା।

## ● ରଥଯାତ୍ରା ପାଇଁ ପ୍ରସ୍ତୁତ ସୋନପୁର
## କୋଷାଗାରରୁ ବାହାରିଲା ମନ୍ଦିରର ଅଲଙ୍କାର ଓ ରୁପା ବିମାନ

ସୁବର୍ଣ୍ଣପୁର,୧୪।୭(ସଂଚାର ବ୍ୟୁରୋ): ଆସନ୍ତା ୧୬ ଜୁଲାଇ ୨୦୨୬ ରେ ପାଳିତ ହେବାକୁ ଥିବା ପବିତ୍ର ରଥଯାତ୍ରାକୁ ନେଇ ସୋନପୁର ଉପଖଣ୍ଡରେ ଜୋରସୋରରେ ପ୍ରସ୍ତୁତି ଚାଲିଛି। ରଥଯାତ୍ରା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବୋଲି ସୋନପୁର ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଡ. ସୌମ୍ୟରୂପା ରଥ ସୂଚନା ଦେଇଛନ୍ତି। ଡ. ରଥଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜିଲ୍ଲା କୋଷାଗାରରୁ ବଡ଼ ଜଗନ୍ନାଥ ମନ୍ଦିର, ବୃନ୍ଦାବନ ବିହାରୀ ମନ୍ଦିର ଏବଂ ଦଧି ବାମନ ମନ୍ଦିରରେ ରଥଯାତ୍ରା ଅବସରରେ ବ୍ୟବହୃତ ହେବାକୁ ଥିବା ସମସ୍ତ ଅଳଙ୍କାର ଓ ରୂପା ବିମାନ ବାହାର କରାଯାଇଛି। ରଥଯାତ୍ରା ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରସ୍ତୁତି କରାଯାଉଛି। ମନ୍ଦିରଗୁଡ଼ିକରେ ନୀତିକାନ୍ତି ସୁଚାରୁରୂପେ ସମ୍ପାଦନ ସହ ଭକ୍ତମାନଙ୍କ ସୁବିଧା ଓ ସୁରକ୍ଷା ଦିଗ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ରଥଯାତ୍ରାର ସଫଳ ଆୟୋଜନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

## କନ୍ଧମାଳରେ ସମ୍ବର୍ଦ୍ଧିତ ହେଲେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି



ବୈଶିଙ୍ଗା,୧୪।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ରାଜ୍ୟ କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଗତ ୧୨ ତାରିଖ ରବିବାର କନ୍ଧମାଳ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଡ. ଅଁରୂପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ମୁଖ୍ୟବକ୍ତା କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ରାଜ୍ୟ ସଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ ଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ସାମ୍ବାଦିକ ଯୋଗଦାନ କରିଥିଲେ। ଏଥିରେ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଖବର ପ୍ରସାରଣ ସମୟରେ ସାମ୍ବାଦିକ ମାନେ ସଠିକ ଖବର ପ୍ରସାରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯିବାସହ ଆଗାମୀ ଦିନରେ ସାମ୍ବାଦିକ କର୍ମଶାଳା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଅରୁଣ କୁମାର ଓତାଙ୍କୁ ମୋମେଣ୍ଟ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ରୁ ସଭାପତିଙ୍କ ସମେତ ୯ ଜଣ ବରିଷ୍ଠ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ରାସ୍ତା ନୁହେଁ, କାଦୁଅର ସାଗର! | ପ୍ରଶାସନର ନିଦ ଭାଙ୍ଗିବ କେବେ ?



ବାଲିକୁଦା,୧୪।୭(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ କାଳିଓ ପଞ୍ଚାୟତର କାଳିଓ ଗ୍ରାମଠାରୁ ଦସୁଆଁ ମଠ ପର୍ଯ୍ୟନ୍ତ ସଂଯୋଗକାରୀ ରାସ୍ତା ଏବେ ସାଧାରଣ ଲୋକଙ୍କ ପାଇଁ ଏକ ପ୍ରକାର ମରଣଯନ୍ତ୍ରରେ ପରିଣତ ହୋଇଛି। ବର୍ଷା ହେଲେ ସମଗ୍ର ରାସ୍ତା କାଦୁଅ ଓ ପାଣିରେ ବୁଡ଼ି ଯାଉଥିବାରୁ ଯାତାୟାତ ପ୍ରାୟ ଅସମ୍ଭବ ହୋଇପଡୁଛି। ଦୀର୍ଘ ଦିନ ଧରି ରାସ୍ତାର ମରାମତି ହୋଇନଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଦୈନନ୍ଦିନ ଯାତାୟାତ, କୃଷିକାର୍ଯ୍ୟ, ଜରୁରୀ ସେବା ଓ ବଜାର ଯିବା ପାଇଁ ଏହା ହେଉଛି ଏକମାତ୍ର ମୁଖ୍ୟ ରାସ୍ତା। କିନ୍ତୁ ବର୍ତ୍ତମାନ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବା ସହ ପାଣି ଜମି ରହୁଥିବାରୁ ପାଦଚାରୀ ଓ ଦୁଇଚକିଆ ଯାନ ଚଳାଚଳ କରିବା ମଧ୍ୟ ବିପଦଜନକ ହୋଇପଡ଼ିଛି।ସବୁଠାରୁ ଅଧିକ ସମସ୍ୟାରେ ପଡୁଛନ୍ତି ସ୍କୁଲ ପଢୁଆ ଛାତ୍ରଛାତ୍ରୀ। ପ୍ରତିଦିନ କାଦୁଅ ରାସ୍ତା ଦେଇ ସ୍କୁଲକୁ ଯିବା ଓ ଘରକୁ ଫେରିବା ବେଳେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆକସ୍ମିକ ଭାବେ କୌଣସି ରୋଗୀଙ୍କୁ ହସ୍ପିଟାଲ ନେବାକୁ ପଡ଼ିଲେ ଆମ୍ବୁଲାନ୍ସ ମଧ୍ୟ ଠିକ୍ ଭାବେ ପହଞ୍ଚିପାରୁନଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ। ଫଳରେ ଜରୁରୀ ସ୍ୱାସ୍ଥ୍ୟସେବା ମଧ୍ୟ ବାଧାପ୍ରାପ୍ତ ହେଉଛି।ଗ୍ରାମର ଶ୍ମଶାନକୁ ଯିବା ପାଇଁ ମଧ୍ୟ ଏହି ରାସ୍ତା ଏକମାତ୍ର ଭରସା। ଦୁଃଖର ସମୟରେ ଶବ ସତ୍କାର ପାଇଁ ମଧ୍ୟ ଲୋକଙ୍କୁ କାଦୁଅ ରାସ୍ତାରେ ନାହିଁ ନଥିବା ଦୁର୍ଭୋଗ ସହିବାକୁ ପଡୁଛି। ସ୍ଥାନୀୟ ବାସିନ୍ଦା ସୁଧାକର ଦାଶ, ଦିଲ୍ଲୀପ ନାୟକ, ନାରାୟଣ ଦାଶ ଓ ତପନ ଖୁଣ୍ଟିଆଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରତିଶ୍ରୁତି ମିଳୁଛି, କିନ୍ତୁ ରାସ୍ତାର ଭାଗ୍ୟ ବଦଳୁନାହିଁ। ଏନେଇ ଅଞ୍ଚଳବାସୀ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଯେ, କାଳିଓଠାରୁ ଦସୁଆଁ ମଠ ପର୍ଯ୍ୟନ୍ତ ରାସ୍ତାର ତୁରନ୍ତ ସ୍ଥାୟୀ ମରାମତି କରାଯାଇ ଯାତାୟାତ ଉପଯୋଗୀ କରାଯାଉ। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେମାନେ ସତର୍କ କରିଛନ୍ତି।